ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୨୩
୨୦ ଡିସେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 223
20th December, 2025 Saturday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**କ୍ବ ଆଗତ୍ୟ ଘଟତେ ବିଘଟ୍ୟ କ୍ବନୁ ଯାତିଚ ।
ନ ଲକ୍ଷ୍ୟତେ ଗତିଶ୍ଚିତ୍ରା ଘନସ୍ୟ ଚ ଧନସ୍ୟ ଚ ।**

ମେଘ ଏବଂ ଧନର ଗତି ବିଚିତ୍ର । ଏହା ଦେଖାଯାଏ ନାହିଁ । କେଉଁଠାରୁ ଆସି ମିଳିତ ହୁଏ ଏବଂ ବିଭକ୍ତ ହୋଇ କେଉଁଆଡ଼େ ଚାଲିଯାଏ !

## ଦନ୍ତାର ଉପଦ୍ରବ: ୨ ପଞ୍ଚାୟତର ସ୍କୁଲ ଛୁଟି



**ଖଇରା, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ରାତିରୁ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି । ଏକ ଦନ୍ତା ହାତୀ ଏବେ ଶୁଣ୍ଢୀରା ପଞ୍ଚାୟତ ନୂଆସାହି ଗ୍ରାମ ନିକଟରେ ଏକ ଗ୍ରାମ୍ୟ ଜଙ୍ଗଲ ଭିତରେ ରହିଥିବା ସୂଚନା ରହିଛି । ଖବର ପାଇ ବନ ବିଭାଗ ମଧ୍ୟ ହାତୀର ଗତିବିଧି ଉପରେ ନଜର ରଖିଛି ।

ହାତୀ ପାଖକୁ ନାଯିବାକୁ ଡକାବାଜି ଯନ୍ତ୍ରରେ ପ୍ରଚାର କରାଯାଇଛି । ଅନ୍ୟପଟେ ସ୍କୁଲ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ଦାଶ ମହତିପୁର ଏବଂ ଶୁଣ୍ଢୀରା ପଞ୍ଚାୟତର ସମସ୍ତ ବିଦ୍ୟାଳୟକୁ ବନ୍ଦ ଘୋଷଣା କରିଛନ୍ତି । ସେହିଭଳି ଶୁଣ୍ଢୀରା ଗ୍ରାମର ସୁରେନ୍ଦ୍ର ଦାସଙ୍କ ହାତୀ ଆକ୍ରମଣରେ ମୃତ୍ୟୁକୁ ନେଇ ଅସନ୍ତୋଷ ଗ୍ରାମବାସୀ ବନ ବିଭାଗ ଅବହେଳାକୁ ଦାୟୀ କରିଛନ୍ତି । ସୂଚନା ମୁତାବକ, ଗତକାଲି ସାନ୍ଧ୍ୟରେ କୁଳଡିଆ ଅଭୟାରଣ୍ୟ ହଦଗଡ଼ ରେଞ୍ଜ ଜଙ୍ଗଲରୁ ୨ଟି ହାତୀ ଜନବସତି ଅଭିମୁଖୀ ହୋଇ କୁପାରୀ ଶାରୀଶୁଆ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବନ୍ଧୁମିଳନ ନାଁରେ ଏକାଠି ହେଲେ ପରାଜିତ ଓ ଅସନ୍ତୁଷ୍ଟ ବିଜେଡି ନେତା !



**ଭୁବନେଶ୍ୱର, ୧୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ନିର୍ବାଚନରେ ପରାଜୟ ପରେ ବିଜେଡିରେ ମେଳି ବନ୍ଦ ହେବାର ନାଁ ନେଉନି । ବିଭିନ୍ନ ଆଳରେ ଦଳୀୟ ନେତା ଭିନ୍ନଭିନ୍ନ ସ୍ଥାନରେ ଏକାଠି ହେଉଛନ୍ତି । ସେମାନଙ୍କ ରାଜନୈତିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ଲାଗି ଲଗାତାର ବିଚାରବିମର୍ଷ ଚଳାଇଛନ୍ତି । ସୁପ୍ରିମୋଙ୍କ ବୟସଜନିତ ସ୍ୱାସ୍ଥ୍ୟାବସ୍ଥା ଅନୁକୂଳ ନଥିବାରୁ ତା'ର ସୁଯୋଗ ନେଇ ଅନ୍ୟ କାହା ଇଙ୍ଗିତରେ ଦଳ ପରିଚାଳିତ ହେବା ଫଳରେ ସଂଗଠନ ଦିନକୁ ଦିନ ଦୁର୍ବଳ ହେଉଥିବାରୁ କିପରି ନେତାମାନଙ୍କ ଭବିଷ୍ୟତ ସୁରକ୍ଷିତ ରହିବ ସେଥିନେଇ ଅନେକ ସନ୍ଦିହାନ । ଦଳ ଅନ୍ୟ କାହାର ଇଙ୍ଗିତରେ ପରିଚାଳିତ ହେଉଥିବାର ବରାବର ଅଭିଯୋଗ ଆଣି ଅନେକ ଦଳୀୟ ନେତା ଓ କର୍ମୀ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି । ବିଭିନ୍ନ ସମୟରେ ନେତା ମେଳି ମଧ୍ୟ କରୁଛନ୍ତି । ଯାହାକୁ ନେଇ ବେଶ୍ ଚର୍ଚ୍ଚା ଜାରି ରହିଛି । ଏ ଦିଗରେ ଦଳ ମୁଖିଆଙ୍କ ତାଗିଦ୍ କାମ କରୁନି ।

ସୂଚନା ଅନୁସାରେ, ବିଜେଡିର କିଛି ପୂର୍ବତନ ବିଧାୟକ ଓ ବର୍ତ୍ତମାନର ବିଧାୟକ ପୁଣି ଏକାଠି ହୋଇଛନ୍ତି । ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରାଙ୍କ ନିମନ୍ତ୍ରଣରେ ଝୁମକାର ଏକ ଫାର୍ମ ହାଉସରେ ମେଳି ବାନ୍ଧି ଏହି ପୂର୍ବତନ ବିଧାୟକମାନେ ସେମାନଙ୍କର ରାଜନୈତିକ ଭବିଷ୍ୟତ କିପରି ସୁରକ୍ଷିତ ହୋଇପାରିବ ସେଥିନେଇ ଆଲୋଚନା କରିଥିବା କୁହାଯାଉଛି । ଅବଶ୍ୟ ଏସମ୍ପର୍କରେ ସେମାନେ ଗଣମାଧ୍ୟମରେ କିଛି ସୂଚନା ନଦେଇ ବନ୍ଧୁମିଳନ ଲାଗି ଏକାଠି ହୋଇଥିବା କହିଛନ୍ତି ।

ଏନେଇ ପୂର୍ବତନ ବିଜେଡି ବିଧାୟକ ପ୍ରଭୁ ଜାନୀ କହିଛନ୍ତି, ଆମେମାନେ ଏକାଠି ହୋଇଛୁ । ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଚନ୍ଦ୍ର ସାରଥୀ ବେହେରା ସମସ୍ତଙ୍କୁ ଡାକିଛନ୍ତି । ସଂଗଠନ ଆଗକୁ କେମିତି ବଢ଼ିବ ସେ ବିଷୟରେ ଆଲୋଚନା ହେଉଥିବା ସେ ସୂଚାଇଥିଲେ । ଦଳରେ ଯୁବ ନେତୃତ୍ୱ ଆଗକୁ ଆସିବା ଦରକାର । *(ଶେଷ ପୃଷ୍ଠା ଦେଖନ୍ତୁ)*

### ଲୋକଙ୍କ ସହାନୁଭୂତି ଲାଗି ପ୍ରତିଯୋଗିତା

## କାଲି ବିଜେପି ଆଜି ବିଜେଡି



**ଭୁବନେଶ୍ୱର, ୧୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭାରେ ସବୁ ଦଳ ମିଳିମିଶି ବିଧାୟକଙ୍କର ଦରମା ଓ ଭତ୍ତାକୁ ତିନିଗୁଣ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ପାରିତ କରିନେବା ପରେ ରାଜ୍ୟବ୍ୟାପି ଲୋକଙ୍କ ପ୍ରତିକ୍ରିୟା ଦେଖି ଏବେ ସହାନୁଭୂତି ସାଉଁଟିବା ଲାଗି ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଗତକାଲି ବିଜେପି ବିଧାୟକମାନେ ଦରମା ବୃଦ୍ଧିର ପୁନର୍ବିଚାର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବାବେଳେ ଆଜି ବିଜେଡି ତରଫରୁ ଅନୁରୂପ ପଦକ୍ଷେପ ନିଆଯାଇଛି । ଦଳୀୟ ବିଧାୟକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦରମା ଓ ଭତ୍ତା ବୃଦ୍ଧିର ପୁନର୍ବିଚାର ଲାଗି ନିବେଦନ କରାଯାଇଛି । ଦେଶରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାରେ ବିଧାୟକଙ୍କ ଦରମା ଓ ଭତ୍ତା ସମସ୍ତଙ୍କ ସହମତିରେ ଯେଉଁ ଢଙ୍ଗରେ ବୃଦ୍ଧି କରାଗଲା ତାହା ଦେଶରେ ବିରଳ ଏବଂ ଏହି ପରିମାଣ ସବୁ ରାଜ୍ୟ ଅପେକ୍ଷା ଅଧିକ । ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ବିଲ୍ ପାରିତ ହେଲା ପରେ ଗଣମାଧ୍ୟମରେ ସାଧାରଣ ଲୋକଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଲୋକଙ୍କ ତାତିକୁ ଦେଖି ନେତାଙ୍କ ଛାତିରେ ଛନକା ପଶିଲା । ଫଳସ୍ୱରୂପ ଜଣକ ପରେ ଜଣେ ନେତା ବର୍ଦ୍ଧିତ ଭତ୍ତା, ବେତନ ନନେବା ଲାଗି ଗଣମାଧ୍ୟମରେ ଜରିଆରେ ବୟାନବାଜି କଲେ । ଲୋକଙ୍କ ସହାନୁଭୂତି ପାଇବା ଆଶାରେ ଗତକାଲି ବିଜେପିର ଅଭିଯାନ ପରେ ଆଜି ବିଜେଡି ସମାନ ଢଙ୍ଗରେ ଅଣ୍ଟା ଭିଡ଼ିବା ଚର୍ଚ୍ଚାର ବିଷୟ ହୋଇଛି ।

### ଦରମା ବୃଦ୍ଧିର ପୁନର୍ବିଚାର ଲାଗି ନିବେଦନ

ସୂଚନାଯୋଗ୍ୟ, ଗତକାଲି ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଧାୟକମାନଙ୍କର ବୈଠକ ଡକାଯାଇଥିଲା । ସେଠାରେ ବିଧାୟକମାନେ ପୂର୍ବ ଲିଖିତ ସ୍ମାରକପତ୍ରକୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ତେବେ ଏ ସମ୍ପର୍କରେ ବିଧାୟକମାନେ ଗଣମାଧ୍ୟମରେ ଅଧିକ ବୟାନବାଜି ନକରିବା ପାଇଁ ତାଗିଦ କରାଯାଇଛି । ବର୍ଦ୍ଧିତ ଦରମା ନିଶ୍ଚିତ କମିବ ବୋଲି ସେମାନଙ୍କୁ ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଛି । ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗଣମାଧ୍ୟମକୁ କହିଥିଲେ, *(ଶେଷ ପୃଷ୍ଠା ଦେଖନ୍ତୁ)*

## ଟି-୨୦ ସିରିଜ୍ ଜିତିଲା ଭାରତ




**ଅହମଦାବାଦ, ୧୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତୀୟ ଯୁବ ବ୍ୟାଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ସେହିପରି ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ ବୁମରାଙ୍କ ସମେତ ପ୍ରଶଂସନୀୟ ବୋଲିଂ କରିଛନ୍ତି । ଉଭୟ ବ୍ୟାଟିଂ ଓ ବୋଲିଂରେ ଭାରତ ଭଲ ପ୍ରଦର୍ଶନ କରି ୫ମ୍ୟାଚ୍ ବିଶିଷ୍ଟ ଟି୨୦ ଅନ୍ତର୍ଜାତୀୟ ସିରିଜର ପଞ୍ଚମ ତଥା ଅନ୍ତିମ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭାରତ ୩୦ ରନ୍‌ରେ ପରାସ୍ତ କରିଛି । ଏଥି ସହିତ ଶୃଙ୍ଖଳାକୁ ୩-୧ରେ ବିଜୟ ହାସଲ କରିଛି । ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଚତୁର୍ଥ ମ୍ୟାଚ୍ କୁହୁଡି ଯୋଗୁ ବାତିଲ ହୋଇଥିଲା ।

ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୩୧ ରନ୍ ସଂଗ୍ରହ କରିଛି । ଫଳରେ ଦକ୍ଷିଣ ଆଫ୍ରିକାକୁ ୨୩୨ ରନର ବିଜୟ ଲକ୍ଷ୍ୟ ମିଳିଥିଲା । ଭାରତ ପାଇଁ ତିଳକ ବର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୨ଟି ବଲ୍ ଖେଳି ଥିଲେ । ଏଥିରୁ ସେ ୧୦ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ୨୫ଟି ବଲ୍ ଖେଳି ୫ଟି ଚୌକା ଓ ୫ଟି ଛକା ବଳରେ ୬୩ ରନ୍ ସଂଗ୍ରହ କରିଥିଲେ । ଉଭୟ ଖେଳାଳି ଦକ୍ଷିଣ ଆଫ୍ରିକାର ଚତୁର୍ଥ ଓ ପଞ୍ଚମ ଶିକାର ହୋଇଥିଲେ ।

ଭାରତର ପ୍ରାରମ୍ଭିକ ବ୍ୟାଟର ଅଭିଷେକ ଶର୍ମା ଓ ସଂଜୁ ସାମସନ୍ ପ୍ରଥମ ୱିକେଟ୍ ପାଇଁ ୬୩ ରନ୍ ସଂଗ୍ରହ କରିଥିଲେ । ଦକ୍ଷିଣ ଆଫ୍ରିକାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ବ୍ଲକ ପାଲଟିଲା ରଣକ୍ଷେତ୍ର: ଅଧକ୍ଷାଙ୍କ ସ୍ୱାମୀଙ୍କୁ ତାଲା ପକାଇଲେ ଲୋକେ

**ମାର୍ଶାଘାଇ, ୧୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ମଧ୍ୟାହ୍ନରେ ମାର୍ଶାଘାଇ ବ୍ଲକ ପରିସର ରଣକ୍ଷେତ୍ରରେ ପରିଣତ ହୋଇଛି । ଖବର ନେବାରୁ ଜଣାଯାଏ ମାର୍ଶାଘାଇ ବ୍ଲକ ଅଧକ୍ଷାଙ୍କ ବଦଳରେ ତାଙ୍କ ସ୍ୱାମୀ ବ୍ଲକରେ ଥିବା ଅଧକ୍ଷାଙ୍କ କାର୍ଯ୍ୟାଳୟରେ ବସି କାମ କରୁଥିବା ବେଳେ ଲୋକମାନେ ତାଲା ପକାଇଥିଲେ । ଫଳରେ ଅଧକ୍ଷାଙ୍କ ସ୍ୱାମୀ କାର୍ଯ୍ୟାଳୟ ଭିତରେ ଦିର୍ଘ ସମୟଧରି ରହିଲା ପରେ ପୋଲିସକୁ ଜଣାଇଥିଲେ । ଘଟଣା ସ୍ଥଳରେ ମାର୍ଶାଘାଇ ପୋଲିସ ପହଞ୍ଚି ଅଧକ୍ଷାଙ୍କ ସ୍ୱାମୀଙ୍କୁ ଘରୁ ତାଲା ଖୋଲି ବାହାର କରିବା ପରେ ଅଧକ୍ଷାଙ୍କ ସ୍ୱାମୀ ବିଡିଓ ପଞ୍ଚାନନ ମଲିକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ତେବେ ବିଡିଓ ସେଠାରେ ନଥିବାରୁ ଅଧକ୍ଷାଙ୍କ ସ୍ୱାମୀ ଓ ମାର୍ଶାଘାଇ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ସର୍ବସାଧାରଣଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଅଧକ୍ଷାଙ୍କ ସ୍ୱାମୀଙ୍କୁ ଲୋକମାନେ ଗୋଡେଇ ଗୋଡେଇ ଆକ୍ରମଣ କରିଥିବାର ଦେଖାଯାଇଥିଲା । ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା । ତେବେ ଏହି ଘଟଣାରେ ମାର୍ଶାଘାଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ପୋଲିସ ସୂଚନା ଦେଇଛି । ବିଡିଓ ପଞ୍ଚାନନ ମଲିକଙ୍କ କହିବା କଥା ତାଙ୍କ ତାଙ୍କ ତାଙ୍କ ମଧ୍ୟରେ ଘଟିଥିବା ଘଟଣାକୁ ସେମାନେ ସମାଧାନ କରିବେ ଏଥିରେ ବ୍ଲକର କୌଣସି ହସ୍ତକ୍ଷେପ ନଥିବା କହିଛନ୍ତି । ତେବେ ଆଜିର ଏହି ଘଟଣାପରେ ବ୍ଲକ ଅଧକ୍ଷା ବିଭିନ୍ନ ସମୟରେ କାର୍ଯ୍ୟାଳୟକୁ ଆସୁନଥିବା ବେଳେ ତାଙ୍କ ସ୍ୱାମୀ କାର୍ଯ୍ୟାଳୟକୁ ଆସି ହୁକୁମ ଜାରି କରୁଥିବାକୁ ସାଧାରଣରେ ନାପସନ୍ଦ କରାଯାଇଛି ।

## ଜଳିଗଲା ବିଜେପି ନେତ୍ରୀଙ୍କ ଗାଡ଼ି

**କେନ୍ଦ୍ରାପଡ଼ା, ୧୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସହର ଉପକଣ୍ଠ ଗୁଆଳସିଂରେ ଅବସ୍ଥାନ କରୁଥିବା ବିଜେପି ନେତ୍ରୀ ଗୀତାଂଜଳି ସେଠୀଙ୍କର ଗତ ରାତିରେ ଏକ ନୂଆ ସ୍କୋର୍ପିଓ (ନମ୍ବର: ଓଡ଼ି-୨୯ପି ୭୪୬୪)ଗାଡ଼ି ନିଆଁ ଲାଗି ସଂପୂର୍ଣ୍ଣ ଜଳି ଯାଇଛି । ଗାଡ଼ିଟି ସର୍ଟ ସର୍କିଟ୍ କାରଣରୁ ଜଳିଛି କି କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ଗାଡ଼ିଟି ଜଳିବା ସହିତ ପ୍ରବଳ ଧୂଆଁରେ ତାଙ୍କ ଘରେ କଳାର ଆସ୍ତରଣ ଦେଖାଯାଇଛି । ତେବେ ଶ୍ରୀମତୀ ସେଠୀଙ୍କ କହିବା କଥାଯେ, ରାତିରେ ସେ ଘରେ ଶୋଇଥିବାବେଳେ ତାଙ୍କ ଘରକୁ ଲାଗି ରହିଥିବା ସେଡ୍‌ଟିରେ ସବୁଦିନ ଭଳି ଗାଡ଼ିଟି ରହିଥିଲା । ହେଲେ ପ୍ରାୟ ରାତି ୩ଟା ହେବ ଗାଡ଼ିର ସେନ୍ସର ସାଉଣ୍ଡ ହେବାରୁ ନିଦ ଭାଙ୍ଗିଯାଇଥିଲା ଏବଂ ସପରିବାରେ ସେ ବାହାରକୁ ଆସି ଦେଖିଲାବେଳକୁ ଗାଡ଼ିଟି ଜଳୁଥିଲା । ତୁରନ୍ତ ଦମକଳ ବାହୀନକୁ ଖବର କରିବାରୁ ସେମାନେ ଆସି ନିଆଁକୁ ଆୟତ୍ତ କରିଥିଲେ । ଏଥିନେଇ ସେ ମଧ୍ୟ ସଦର ଥାନାରେ ଏଫଆଇଆର ଦେଇଛନ୍ତି । ସଦର ଥାନା ପୋଲିସ ମଧ୍ୟ ଗାଡ଼ିଟି ଜଳିଯିବାର କାରଣ ଖୋଜୁଛି । ଘଟଣାଟି ସମଗ୍ର ଅଂଚଳରେ ବିସ୍ମୟ ସୃଷ୍ଟି କରିଛି ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ପୁଣି ଚାଲିଲାଣି ବାଲି ଚୋରି

**କେନ୍ଦ୍ରାପଡ଼ା, ୧୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ଷା ଦିନ ଯିବା ପରେପରେ କେନ୍ଦ୍ରାପଡ଼ା ଜିଲ୍ଲାବ୍ୟାପୀ ପୁଣି ଆରମ୍ଭ ହୋଇ ଯାଇଛି ବାଲି ଚୋରି । ଗତ ବର୍ଷ ଜିଲ୍ଲାରେ ଜିଲ୍ଲା ଖଣି ବିଭାଗ, ପୋଲିସ, ପ୍ରଶାସନ ଓ ଶାସକ ଦଳର କିଛି ନେତାଙ୍କ ବୁଝାବଣାରେ ଖୁଲମଖୁଲା ଜିଲ୍ଲାର ବିଭିନ୍ନ ନଦୀରୁ ବାଲି ଚୋରି ଚାଲିଥିଲା । ବିଭିନ୍ନ ଅଂଚଳରେ ସାଧାରଣ ଲୋକଙ୍କୁ ଚୁପ୍ କରାଇବା ପାଇଁ ଅସାମାଜିକ ତତ୍ତ୍ୱଙ୍କୁ ଏହି ବାଲି ଉଠାଣରେ ନିୟୋଜିତ କରାଯାଇଥିଲା । ତେବେ ରାଜ୍ୟବ୍ୟାପୀ ଏହି ବାଲି ଚୋରି ନେଇ କଥା ବିଧାନସଭାରେ ଉଠିବା ପରେ ସରକାର ଅକଳିରେ ପଡ଼ି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଉପ-ଜିଲ୍ଲାପାଳ, ତହସିଲଦାର ଏବଂ ଆଇଆଇସିଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ଯୁଗ୍ମ ପ୍ରବର୍ତ୍ତନ ଦଳ ଗଠନ କରି କେତେକ ବାଲି ଘାଟ ଉପରେ ଚଢାଉ କରି କିଛି ହାଇୱା ଓ ଟ୍ରାକ୍ଟର ଜବତ କରିଥିଲେ । ହେଲେ କୌଣସି ଜଣେ ହେଲେ ବାଲି ଚାଲାଣ କାରୀ କିମ୍ବା କୌଣସି ଗାଡ଼ିର ଡ୍ରାଇଭରଙ୍କୁ ଗିରଫ କରିବାକୁ ସାହାସ କରିପାରିନଥିଲା । ଆଉ ଜବତ ଗାଡ଼ିଗୁଡ଼ିକୁ ଦିନ କେଇଟାରେ ରିଲିଜ୍ କରି ପଦାଧିକାରୀମାନେ ସିନା ମାଲାମାଲ ହେଲେ ବାଲି ଚୋରି ବନ୍ଦ ହୋଇପାରିନଥିଲା କି ବେଆଇନ ଘାଟଗୁଡ଼ିକର ଲିଜ୍ କରାଯାଇନଥିଲା । ପରବର୍ତ୍ତୀ ସମୟରେ ସରକାର ବାଲି ଉଠାଣ ନେଇ ଏମିତି ଗୋଟିଏ ଅଜବ ଏସଓପି ଜାରି କଲେ ଯେ ତାକୁ କାର୍ଯ୍ୟକାରୀ କରାଇବା ଆଦୌ ସମ୍ଭବ ନଥିଲା । ଯାହା ଆପେଆପେ ମିଳେଇ ଯାଇଥିଲା । ତେବେ ବର୍ଷକ ପରେ ଯେତେବେଳେ ନଦୀରୁ ପାଣି ଛାଡ଼ିଲା ଏବଂ ରାସ୍ତାଘାଟ ଶୁଖିଗଲା ପୁଣି ଅନୁରୂପ ଭାବେ ଆରମ୍ଭ ହୋଇଗଲା ବାଲି ଚୋରି । ପ୍ରଥମେ ପ୍ରଥମେ ବିଭିନ୍ନ ସ୍ଥାନରେ ପୋଲିସ କିଛି ବାଲି ଗାଡ଼ି ଜବତ କରି ଲୋକଙ୍କୁ ଚକମା ଦେଖାଇଲେ ସିନା ପରବର୍ତ୍ତୀ ସମୟରେ ବାଲି ମାଫିଆଙ୍କ ସହିତ ଡ଼ିଲ୍ ଚୂଡ଼ାନ୍ତ କରି ବାଲି ଉଠାଇବାକୁ ପ୍ରୋତ୍ସାହିତ କଲେ । ସବୁଠାରୁ ବଡ଼ କଥା ହେଲା ପଡ଼ୋଶୀ ଜିଲ୍ଲା ଅଧିନରେ ନଦୀ ବାଲି ଯେଉଁଠି କେନ୍ଦ୍ରାପଡ଼ା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଗୋଡ଼ ମାରି ପିଚୁ ଉଠାଇ ଜେଇଙ୍କୁ ଦେଖାଇଲେ ଲୋକେ

**ରାଜନଗର, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡିଭିଜନ କାର୍ଯ୍ୟାଳୟକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷଚନ୍ଦ୍ର ସାହୁ ଓ କନିଷ୍ଠ ଯନ୍ତ୍ରୀ ସମୀର ରଂଜନ ବେହେରା କାମ ହେଉଥିବା ସ୍ଥାନକୁ ନଆସି ଠିକାଦାର ଉପରେ କାର୍ଯ୍ୟଭାର ଛାଡି ଦେଇଥିବା ଅଭିଯୋଗ

**ଏକ୍ସପ୍ରେସ୍ ଏଫେକ୍ଟ**

ହୋଇଥିଲା । ଠିକାଦାର ନିଜ ଇଛାରେ ନିମ୍ନମାନର କାମ କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କନିଷ୍ଠ ଯନ୍ତ୍ରୀ କାମ ହୋଇଥିବା ସ୍ଥାନକୁ ଆସି ପହଂଚିଥିଲେ । ସେଠାରେ ଗାଁ ଲୋକମାନେ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ କରିବା ସହ ଗୋଡ ମାରିଲେ ପିଚୁ ବାହାରି ଯାଉଥିବା ନେଇ ଦେଖାଇଥିଲେ । ତାଙ୍କ ନିକଟରେ ରହୁଥିବା ବାଲେଶ୍ୱର ଅଂଚଳର ଜଣେ ଦଲାଲ ବି କନିଷ୍ଠ ଯନ୍ତ୍ରୀଙ୍କ ସହିତ ମଧ୍ୟ ଥିଲେ । ଏହି ସବଡିଭିଜନ ଅଧିନରେ ଥିବା ସେକ୍ସନ-୨ରେ ରାଜନଗର ବ୍ଲକ ତରପଦାମଠଠାରୁ କହ୍ନୁଆ ଭାୟା ଗୁଲୁଦିଆ ଚଣ୍ଡିଆପଲୀ ରାସ୍ତା ମରାମତି କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଛି । ସରକାରଙ୍କ ନିୟମାନୁଯାୟୀ କାମ ହେବା ପୂର୍ବରୁ ସୂଚନା ଫଳକଟିଏ ଲାଗିବାର ନିୟମ ରହିଛି । ମାତ୍ର ଏହି *(ଶେଷ ପୃଷ୍ଠା ଦେଖନ୍ତୁ)*

## ସମବାୟ ସଂସ୍ଥାଙ୍କ ମନ୍‌ମାନୀ ଉପରେ ରେଜିଷ୍ଟ୍ରାର୍‌ଙ୍କ ରୋକ୍

**ଭୁବନେଶ୍ୱର, ୧୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ବିଭିନ୍ନ ସମବାୟ ସଂସ୍ଥାରେ କର୍ମକର୍ତ୍ତାମାନେ ଅଯଥା ଖର୍ଚ୍ଚ କରି ସଂସ୍ଥାର ବୋର୍ଡ ମିଟିଂ ବାହାରେ କରିବା, ସଂସ୍ଥାର ଫାଇଲ୍‌କୁ ବେଆଇନ୍ ଭାବେ ଘରକୁ ନେଇ ମୁଲଚାଲ କରିବା ଓ କେତେକ କ୍ଷେତ୍ରରେ କର୍ମଚାରୀଙ୍କୁ ବ୍ଲାକ୍ ମେଲ୍ କରୁଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଥିବାବେଳେ ଏପରି ଆଚରଣ ଉପରେ ଶୁକ୍ରବାର ରୋକ ଲଗାଇଛନ୍ତି ସମବାୟ ରେଜିଷ୍ଟ୍ରାର୍ ।

ସମବାୟ ରେଜିଷ୍ଟ୍ରାର୍‌ଙ୍କ ପକ୍ଷରୁ ଜାରି ହୋଇଥିବା ସର୍କୁଲାର ଅନୁଯାୟୀ ଏଣିକି ରାଜ୍ୟର କୌଣସି ସମବାୟ ସଂସ୍ଥା ସେମାନଙ୍କ ବୋର୍ଡ ମିଟିଂ ସଂସ୍ଥା ବାହାରେ କରିପାରିବେ ନାହିଁ । ଯଦି ସଂପୃକ୍ତ ସମବାୟ ସଂସ୍ଥାର ବୋର୍ଡ ମିଟିଂ ପାଇଁ ସ୍ଥାନାଭାବ ଥିବ ତେବେ ନିକଟସ୍ଥ ସରକାରୀ କାର୍ଯ୍ୟାଳୟ ଅଥବା ସ୍ଥାନ ଉପଲବ୍ଧ ହେଉଥିବା ଅନ୍ୟ ସମବାୟ ସଂସ୍ଥାରେ କରିପାରିବେ । କିନ୍ତୁ ମିଟିଂ ପାଇଁ ସ୍ଥାନାଭାବ ଜନିତ ନିହାତି ଅସୁବିଧା ଥିଲେ ସଂପୃକ୍ତ ଅଞ୍ଚଳର ଏଆରସିଏସ୍/ଡିଆରସିଏସ୍ ବା ରାଜ୍ୟ ସ୍ତରରେ ରେଜିଷ୍ଟ୍ରାର୍‌ଙ୍କ ପ୍ରାକ୍ ଅନୁମୋଦନ ନେଇ ମିଟିଂ ଡକାଯାଇପାରିବ । କିନ୍ତୁ କୌଣସି ପରିସ୍ଥିତିରେ ସଂସ୍ଥାର ଅର୍ଥ ଅପବ୍ୟୟ କରି କୌଣସି ଆଳ ଦେଖାଇ ସଂସ୍ଥା ବାହାରେ ମିଟିଂ କରାଯାଇପାରିବ ନାହିଁ ।

ସେହିପରି ସିବିଆଇ, ଭିଜିଲାନ୍ସ ଭଳି ତଦନ୍ତକାରୀ ସଂସ୍ଥା ଓ ସର୍ବୋପରି ଅଦାଲତଙ୍କ ରିକ୍ୟୁଜିସନ୍ ବ୍ୟତିରେକ କାହାରିକୁ ସଂସ୍ଥାର ଫାଇଲ୍ ଘରକୁ ନେବାକୁ ଦିଆଯିବ ନାହିଁ । ଏହି ସର୍କୁଲାର ତତ୍କାଳ ଲାଗୁ କରାଯାଇଛି । ଯେଉଁମାନେ ସର୍କୁଲାର ଜାରି ପୂର୍ବରୁ ସଂସ୍ଥା ବାହାରେ ମିଟିଂ ପାଇଁ ସ୍ଥିର କରିଥିଲେ ସେମାନେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପ୍ରାକ୍ ଅନୁମୋଦନ ବିନା ସଂସ୍ଥା ବାହାରେ ମିଟିଂ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହୋଇଛି ।

ରେଜିଷ୍ଟ୍ରାର୍‌ଙ୍କ ଏହି ସର୍କୁଲାର ଜାରି ହେବା ପରେ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ସମବାୟ ସଂସ୍ଥାର କର୍ମକର୍ତ୍ତାଙ୍କ ମଧ୍ୟରେ ଭାଳେଣୀ ପଡ଼ିଯାଇଛି । ବିଶେଷକରି ସଂସ୍ଥାର ପ୍ରମୁଖ ଦାୟିତ୍ୱରେ ଥିବା ଯେଉଁ କର୍ମକର୍ତ୍ତା ବିଭିନ୍ନ ଡିଲ୍‌ରେ ମୁଲଚାଲ କରିବା, କର୍ମଚାରୀଙ୍କୁ ନ୍ୟାଯ୍ୟ ପ୍ରାପ୍ୟ ଦେବା ବେଳେ ସେମାନଙ୍କୁ ବ୍ଲାକ୍‌ମେଲ୍ କରିବା ଭଳି ଅଭିସନ୍ଧି ରଖି ଘରକୁ ଫାଇଲ୍ ମଗାଇ ଭୟଭୀତ କରୁଥିଲେ ସେମାନେ ରେଜିଷ୍ଟ୍ରାର୍‌ଙ୍କ ଏହି ସର୍କୁଲାର ପରେ ନିଜେ ଭୟଭୀତ ହୋଇପଡିଥିବା ଖବର ମିଳିଛି ।

- ସମବାୟ ସଂସ୍ଥା ବାହାରେ ବୋର୍ଡ ମିଟିଂ ହୋଇପାରିବନି
- ସମବାୟ ସଂସ୍ଥାର କୌଣସି ଫାଇଲ୍‌କୁ କର୍ମକର୍ତ୍ତା ଘରକୁ ନେଇପାରିବେନି
- କଟକଣା ତତ୍କାଳ ଲାଗୁ



OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR

No. III-4/2025 - ୨୬୩୨୩ Legal-4 /Date: ୧୭।୧୨।୨୫

It has come to the notice that Cooperative Societies are convening meetings of the Committee of Management at venues outside the premises of the respective societies, notwithstanding the availability of adequate space within the society premises. Such practices result in avoidable and unnecessary financial expenditure for the societies and also lead to administrative inconvenience, including difficulty in proper presentation and handling of records, documents, files, and registers. Further, in certain instances, this practice causes inconvenience to the members in attending the meetings.

2. In order to ensure financial prudence and administrative convenience, it is directed that all Cooperative Societies in the State shall convene meetings of the Committee of Management within the premises of the headquarters of the respective societies.

3. In cases where sufficient space is not available within the society premises, the society shall explore the possibility of holding the meeting in the premises of Government or of other Cooperative Societies located in nearby areas, with their consent and approval.

## ମହୁଆଙ୍କୁ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି

**ନୂଆଦିଲ୍ଲୀ, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଲୋକପାଳଙ୍କ ସେହି ଆଦେଶକୁ ଖାରଜ କରିଦେଇଛନ୍ତି ଯେଉଁଥିରେ ସିବିଆଇକୁ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରାଙ୍କ ବିରୋଧରେ କଥିତ କ୍ୟାସ୍-ଫର-କ୍ୱେରୀ ଦୁର୍ନୀତି ମାମଲାରେ ପଚରା ଉଚରା କରିବାକୁ ଅନୁତି ଦିଆଯାଇଥିଲା । ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଅନିଲ କ୍ଷତରପାଲ ଓ ଜଷ୍ଟିସ୍ ହରିଶ ବୈଦ୍ୟନାଥନ ଶଙ୍କରଙ୍କ ପୀଠ ମୋଇତ୍ରାଙ୍କ ଆବେଦନ ଉପରେ ଶୁଣାଣି କରି ଏହି ଆଦେଶ ରଦ୍ଦ କରାଯାଉଥିବା କହିଛନ୍ତି । ଏହାଛଡା କୋର୍ଟ ଲୋକପାଳଙ୍କୁ ଅନୁରୋଧ କରିଛନ୍ତି ଯେ ସେ ସମ୍ପର୍କିତ ପ୍ରାବଧାନ ଅନୁସାରେ ମାସକ ମଧ୍ୟରେ ଲୋକପାଳ ଓ ଲୋକାୟୁକ୍ତ ଅଧିନିୟମର ଧାରା ୨୦ରେ ସ୍ୱୀକୃତି ପ୍ରଦାନ କରିବାକୁ ବିଚାର କରନ୍ତୁ ।

### କ୍ୟାସ୍-ଫର-କ୍ୱେରୀ କେସ୍



ସଂସଦରେ ପ୍ରଶ୍ନ କରିବା ବଦଳେ ପଇସା ନେବା ଦୁର୍ନୀତି ସେହି ଅଭିଯୋଗ ସହ ସମ୍ପର୍କିତ ଯେଉଁଥିରେ ମୋଇତ୍ରା ସଂସଦରେ ପ୍ରଶ୍ନ କରିବାକୁ ଜନୈକ ବ୍ୟବସାୟୀଙ୍କ ଠାରୁ ନଗଦ ପଇସା ଓ ଉପଢୌକନ ଗ୍ରହଣ କରୁଥିଲେ । ଏହା ବଦଳେ ସେ ସଂସଦରେ ପ୍ରଶ୍ନ କରୁଥିଲେ । ମୋଇତ୍ରାଙ୍କ ଓକିଲ ତର୍କ ଦେଇଛନ୍ତି ଯେ ଲୋକପାଳଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୦ ଡିସେମ୍ବର ୨୦୨୫ । ଶନିବାର






## ବେଆଇନ ବାଲି ଚାଲାଣ: ୭ ହାଇୱା ଜବତ

**ଖଣ୍ଡପଡା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ଶାଖା ନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୭ଟି ହାଇୱା ଗାଡିକୁ ଖଣ୍ଡପଡ଼ା ପୋଲିସ ଜବତ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନାନୁଯାୟୀ ମହାନଦୀ ଘାଟରୁ ବୁଧବାର ରାତିରେ ବାଲି ଚାଲାଣ କରୁଥିବା ୭ଟି ହାଇୱାକୁ ଜବତ କରି ପୋଲିସ ଆନୁସଙ୍ଗିକ କାଗଜପତ୍ର ଯାଞ୍ଚ କରିଥିଲା। ତେବେ ହାଇୱା ଚାଳକମାନେ ଆବଶ୍ୟକ କାଗଜପତ୍ର ଦର୍ଶାଇ ନ ପାରିବାରୁ ପୋଲିସ ଗାଡି ଗୁଡିକୁ ଜବତ କରିଥିବା ସୂଚନା ମିଳିଛି। ଖଣ୍ଡପଡ଼ା ବ୍ଲକ ଅଧିନ ସିଧାମୂଳା, ବାଣପୁର, କଣ୍ଟିଲୋ ସମେତ ବିଭିନ୍ନ ଘାଟରୁ ଶହଶହ ଟ୍ରିପ ବାଲି ଚୋରାରେ ଚାଲାଣ ଯୋଗୁଁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଜଣାପଡିଛି। ବିଭିନ୍ନ ଘାଟରୁ ବାଲି ଚୋରାଚାଲାଣ ସଂପୂର୍ଣ୍ଣ ରୁପେ ବନ୍ଦ ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ୮ ଗିରଫ



**ଖପ୍ରାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ଚୋରି ବିଦ୍ୟୁତ ତାରରୁ ଆଲୁମିନିୟମ ବାସନ ସାମଗ୍ରୀ କାରଖାନା ଠାବ। ବିଦ୍ୟୁତ୍ ତାର ଚୋରି ରାକେଟର ପର୍ଦ୍ଦାଫାସ କଲା ଖପ୍ରାଖୋଲ ପୋଲିସ।

ସୂଚନା ଅନୁସାରେ କିଛି ଦିନ ପୂର୍ବେ ଖପ୍ରାଖୋଲ ଥାନା ଅଞ୍ଚଳରେ ବିଦ୍ୟୁତ ତାର ଚୋରି ହେଉଥିବା ଦେଖା ଯାଉଥିଲା। ଏନେଇ ଖପ୍ରାଖୋଲ ପୋଲିସ ତତ୍ପରତା ପ୍ରକାଶ କରି ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି କଣ୍ଟାବାଞ୍ଜି ଅଞ୍ଚଳରୁ ୮ ଜଣ ଚୋରଙ୍କୁ ଗିରଫ କରିଥିଲା। ଖାଲି ସେତିକି ନୁହେଁ, ଚୋରି ବିଦ୍ୟୁତ ତାରରୁ ଆଲୁମିନିୟମ ବାସନ ସାମାଗ୍ରୀ ନିର୍ମାଣ ହେଉଥିବା କାରଖାନା ଠାବ କରି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିବା ସହ ଚୋରି ବିଦ୍ୟୁତ ତାର କିଣିଥିବା କାରଖାନା ମାଲିକ ପ୍ରକାଶ ବେହେରାଙ୍କୁ ମଧ୍ୟ ଗିରଫ କରିଥିବା ଜଣା ପଡିଛି।

ଧରାପଡିଥିବା ଚୋରମାନେ କଣ୍ଟାବାଞ୍ଜି ଅଞ୍ଚଳର ଅଶୋକ ମଲ୍ଲିକ, ନୃପ ବଗର୍ତି, ପ୍ରଶାନ୍ତ ବଗର୍ତି, ରୋହିତ କୁମ୍ଭାର, ଭରତ କୁମ୍ଭାର, ମୁକେଶ ନାଏକ ଓ ସଞ୍ଜୟ ତାଣ୍ଡି ବୋଲି ଜଣାପଡିଛି। ଚୋରମାନଙ୍କଠାରୁ ତିନିଟି ବାଇକ୍, ଗୋଟିଏ ଚାରି ଚକିଆ, ପିକଅପ ଓ ଆଠଟି ମୋବାଇଲ ଏବଂ ନଗଦ ୧୫ ହଜାର ଟଙ୍କା ଜବତ କରାଯାଇଛି। ଏଥିସହିତ ଚୋରି ବିଦ୍ୟୁତ ତାର ମଧ୍ୟ ଜବତ କରିଥିବା ବେଳେ ଆଗକୁ ତଦନ୍ତ ଜାରି ଥିବା ପୋଲିସ ସୂଚନା ଦେଇଛି।

## ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

**କୋରେଇ: ଏକ୍ସପ୍ରେସ ନ୍ୟୁଜ୍**

ବାଇକ ଦୁର୍ଘଟଣାରେ ଜଣେ ଗୁରୁତର। ପାଣିକୋଇଲି ଥାନା ଅନ୍ତର୍ଗତ ଧନେଶ୍ୱର-ବଡ଼ବିରୁଆଁ ରାସ୍ତାର ବଡ଼ବିରୁଆଁ ଗ୍ରାମ ପାଖ ହନୁମାନ ମନ୍ଦିର ସମ୍ମୁଖରେ ଏକ ବାଇକ ଅନ୍ୟ ଏକ ବାଇକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିଲେ। ଗୁରୁତର ଜଣଙ୍କ ବଡ଼ବିରୁଆଁ ଗାଁର ଅବସରପ୍ରାପ୍ତ ଆୟୁର୍ବେଦ ଡାକ୍ତର ଦୟାନିଧି ଦ୍ୱିବେଦୀ ବୋଲି ଜଣାପଡ଼ିଛି।

ଡାକ୍ତର ଶ୍ରୀ ଦ୍ୱିବେଦୀ ଏକ ବାଇକରେ ଯାଜପୁର ରୋଡ୍‌ରୁ ନିଜ ଗାଁ ବଡ଼ବିରୁଆଁ ଯାଉଥିଲେ। ଏହି ସମୟରେ ପଛରୁ ବାଇକ ନେଇ ଆସୁଥିବା ଅନ୍ୟ ଜଣେ ଯୁବକ ତାଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ସେ ବାଇକରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଔଷଧ ଫିଙ୍ଗିବା ଘଟଣାରେ ୨ ଏଏନଏମ ନିଲମ୍ବିତ

**ବାଲେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ରେମୁଣା ବ୍ଲକ ଶ୍ରୀଜଙ୍ଗ ରସାଲପୁର ରାସ୍ତା ପାଖ ଅଳିଗଦାରେ ଔଷଦ ଫିଙ୍ଗିବା ଘଟଣା। ୨ ମହିଳା ସ୍ୱାସ୍ଥ୍ୟକର୍ମୀ ଏଏନ୍ଏମ୍ ନିଲମ୍ବିତ। ଘଟଣାକୁ ଗୁରୁତର ଭାବେ ନେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସ୍ୱାସ୍ଥ୍ୟ ବିଭାଗ। ଔଷଧ ଫିଙ୍ଗା ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉଭୟ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। କିଛି ଦିନ ତଳେ ରେମୁଣା ବ୍ଲକ ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କିଛି କିମି ଦୂରରେ ଶ୍ରୀଜଙ୍ଗ-ରସାଳପୁର ରାସ୍ତାର କଣ୍ଟିଆଚିରା ନାଳ ତୁଣ୍ଡରା ରାସ୍ତା କଡରେ ଅଳିଆ ଗଦାରେ ସରକାରଙ୍କ ନିରାମୟ ଯୋଜନାରେ ରୋଗୀଙ୍କ ପାଇ ଉଦ୍ଦିଷ୍ଟ ଥିବା ତଥା ଏକ୍ସପାୟରୀ ହୋଇନଥିବା ଆଇରନ ଓ ଫଲିକ ଏସିଡ ସିରପ ଶହଶହ ବଟିକା ଷ୍ଟ୍ରିପ୍ ପଡିଥିବାର ଦେଖିବାକୁ ମିଳିଥିଲା।



ଯେଉଁ ଔଷଧର ବେଚ୍ ନମ୍ବର ସି ଏଚ୍ ଏସ-୫୦୦୬୫, ଔଷଧର ପ୍ରସ୍ତୁତି ତାରିଖ ଏପ୍ରିଲ ୨୦୨୫ ଲେଖାଥିବା ବେଳେ ଏକ୍ସପାୟାରୀ ତାରିଖ ସେପ୍ଟେମ୍ବର ୨୦୨୬ ଲେଖା ଯାଇଅଥିଲା। ରୋଗୀ ମେଡିକାଲରେ ମାଗଣା ଔଷଧ ପାଇଁ ଘଣ୍ଟାଘଣ୍ଟା ଧାଡିରେ ଛିଡା ହୋଇ ପରେ ଔଷଧ ଉପଲବ୍ଧ ନାହିଁ କହି ଫେରାଇ ଦିଆଯାଉଥିବା ବେଳେ ରୋଗୀ ଔଷଧ ଦୋକାନରୁ ହଜାର ହଜାର ଟଙ୍କାର ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ସେପଟେ ଶିଶୁ ଏବଂ ଗର୍ଭବତୀ ପ୍ରସୂତୀ ମା'ଙ୍କ ପାଇଁ ରକ୍ତହୀନତା, ଭିଟାମିନ ଅଭାବ ଜନିତ ରୋଗ ପାଇଁ ବରଦାନ ସାଜୁଥିବା ଆଇରନ ଓ ଫଲିକ ଏସିଡ ଔଷଧ ରାସ୍ତା ପାର୍ଶ୍ୱ ଅଳିଆ ଗଦାରେ ସରକାରୀ ଔଷଧ ପଡିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ଖବର ପ୍ରସାରଣ ପରେ କାର୍ଯ୍ୟାନୁଷ୍ଠାନ ନେଇଛି ସ୍ୱାସ୍ଥ୍ୟ ବିଭାଗ। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ଘଟଣାକୁ ଗୁରୁତର ଭାବେ ନେଇଥିଲା ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ତୁରନ୍ତ ତଦନ୍ତ କରି ତଦନ୍ତ ରିପୋର୍ଟ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ବାଲେଶ୍ୱର ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଘଟଣାରେ ୨ ଜଣ ଏଏନ୍ଏମ୍‌ଙ୍କୁ ନିଲମ୍ବନ କରାଯାଇଛି। ଜାତୀୟ ରାଜପଥ କଡରେ ପଡିଛି ଲକ୍ଷାଧିକ ଟଙ୍କାର ମେଡିସିନ।

## ସାଇବର କ୍ରାଇମ୍‌ର ଶିକାର ହେଲେ ମହିଳା ଡାକ୍ତର, ୧୨ଲକ୍ଷ ଲୁଟ

**ରାୟଗଡା: ଏକ୍ସପ୍ରେସ ନ୍ୟୁଜ୍**

ସାଇବର କ୍ରାଇମ୍ (ଡିଜିଟାଲ୍ ଆରେଷ୍ଟ୍)ର ଶିକାର ହୋଇଛନ୍ତି ଜଣେ ଡାକ୍ତରାଣୀ। ସେ ହେଉଛନ୍ତି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ଚୌଧୁରୀ। ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୧୨ ଲକ୍ଷରୁ ଅଧିକ ଟଙ୍କା ଉଠାଇ ନେଇଛନ୍ତି ସାଇବର ଲୁଟେରା। ଏ ସମ୍ପର୍କରେ ମମତା ଟାଉନ୍ ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁଯାୟୀ, କିଛିଦିନ ପୂର୍ବେ ତାଙ୍କୁ ଏକ ଫୋନ୍ କଲ ଆସିଥିଲା। ବ୍ୟକ୍ତି ଜଣକ ଏକ କୋରିୟର ଅଫିସ୍‌ରୁ କହୁଥିବା କହିଥିଲେ। ମମତାଙ୍କ ଆଧାରକାର୍ଡ ସହ ଲିଙ୍କ୍ ଥିବା ଏକ ସନ୍ଦେହଜନକ ବ୍ୟାଗ୍ ଆସିଥିବା ଏବଂ ତାଙ୍କ ନାଁରେ ସଙ୍ଗିନ୍ ଅଭିଯୋଗ ଥିବା କହିଥିଲେ। ସଙ୍ଗେ ସଙ୍ଗେ ନକଲି



ପୋଲିସ୍ ଅଫିସରଙ୍କ ନିକଟକୁ କଲ୍ ଟ୍ରାନ୍ସଫର ହୋଇଥିଲା। ଭେରିଫିକେସନ ଶେଷ ନ ହେବା ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ କୁହାଯାଇଥିଲା। ଉଲ୍ଲଘଂନ କଲେ ଗିରଫ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଦୁଇଦିନ ମଧ୍ୟରେ ଡାକ୍ତର ମମତା ଡିଜିଟାଲ ଆରେଷ୍ଟର ଶିକାର ହୋଇ ୧୨ ଲକ୍ଷରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଥିଲେ। ତାଙ୍କ ଅଭିଯୋଗ କ୍ରମେ ପୋଲିସ ଏବଂ ପୋଲିସର ସାଇବର ସେଲ ଘଟଣାର ତଦନ୍ତ ଚଳାଇଛନ୍ତି। ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି, ମାମଲା ରୁଜୁ ହୋଇଛି।

## କଙ୍ଗାରୁକୋର୍ଟରେ ପ୍ରେମୀ ଯୁଗଳ

**ବାରିପଦା: ଏକ୍ସପ୍ରେସ ନ୍ୟୁଜ୍**

ଆଇନକୁ ପୁଣି ବେଖାତିର। ପୁଣି ଥରେ ବସିଲା କଙ୍ଗାରୁ କୋର୍ଟ। ପ୍ରେମୀ ଯୁଗଳଙ୍କୁ ଗଛରେ ବାନ୍ଧି କଙ୍ଗାରୁକୋର୍ଟ। ଯାହାର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷୀ ଥାନା ଏକ ଗାଁରୁ ଆସିଛି ଏପରି ଅଭାବନୀୟ ଘଟଣା।

ତେବେ ଗଛରେ ବନ୍ଧା ହୋଇଥିବା ଝିଅଟି ଜଣେ ବିବାହିତ ମହିଳା। ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଦୁଇ ଦିନ ଧରି ପଳାଇଥିଲେ। ଏହାପରେ ଗ୍ରାମବାସୀ ତାଙ୍କୁ ଧରି ଆଣି ଗାଁରେ କଙ୍ଗାରୁ କୋର୍ଟ ବସାଇଥିଲେ। ଯେଉଁଥିରେ ଉଭୟଙ୍କୁ ଗଛରେ ବାନ୍ଧି ବିଚାର କରିଥିଲେ। ସେପଟେ ଏସଂପର୍କରେ ଖବର ପାଇ ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପୁରୁଷ ଏବଂ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇ ଆସିଥିଲେ। ପୋଲିସ ପକ୍ଷରୁ ଉଭୟଙ୍କ ପରିବାରକୁ ଥାନାକୁ ଡ଼କାଇ ପଚରାଉଚରା କରାଯାଉଛି। ଥାନାରେ ଉଭୟ ମହିଳା ଏବଂ ପୁରୁଷଙ୍କ ଆଡୁ କୌଣସି ଅଭିଯୋଗ ହୋଇନଥିବା ବାଙ୍ଗିରିପୋଷି ଆଇଆଇସି କହିଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ ଘଟଣା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଛନ୍ତି ବାଙ୍ଗିରିପୋଷି ଆଇଆଇସି ବୀରେନ୍ଦ୍ର ସେନାପତି।

## ସିରିଜ୍ ଦୁର୍ଘଟଣା: ୮ ବାଇକ୍ ଓ ୩ ଭ୍ୟାନ୍ ଉପରେ ଚଢ଼ିଗଲା ଆଇଚର୍

**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ସହରରେ ସିରିଜ୍ ଦୁର୍ଘଟଣା। ଏକାଧିକ ଗାଡି ଉପରେ ଚଢ଼ିଗଲା ବ୍ରେକ୍ ଫେଲ୍ ଆଇଚର୍। ଶୁକ୍ରବାର ମଧ୍ୟାହ୍ନ ସମୟରେ କୋରାପୁଟ ମୁଖ୍ୟ ରାସ୍ତାରେ ଏହି ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଡ୍ରାଇଭର୍ ଆହତ ହୋଇଛନ୍ତି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସେହି ବାଟ ଦେଇ ଯିବାର ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୁର୍ଘଟଣାସ୍ଥଳରୁ ଗାଡି ଗୁଡିକୁ ହଟାଯାଇ ରାସ୍ତା ସ୍ୱାଭାବିକ କରାଯାଇଛି।



ସୂଚନାନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ସମୟରେ କୋରାପୁଟ ମୁଖ୍ୟ ରାସ୍ତାରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏକ ଆଇଚର୍ ଗାଡି ବ୍ରେକ୍ ଫେଲ୍ ହେବାରୁ ଆରଟିଓ ଅଫିସ୍ ଗଡଣିରେ ଏଚ୍‌ଡିଏଫସି ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆଦି ସାମ୍ନାରେ ରହିଥିବା ୮ଟି ବାଇକ୍, ୨ ସ୍କୁଟିକୁ ଚୁନା କରିବା ସହ ଗୋଟିଏ ବ୍ୟାଙ୍କ ଏଟିଏମ ଟଙ୍କା ଜମା ଗାଡ଼ି ଓ ଗୋଟିଏ ଟାଟାଏସିକୁ ଧକ୍କା ଦେଇଥିଲା। ଖବର ପାଇ କୋରାପୁଟ ଏସଡିପିଓ ସଞ୍ଜୟ ମଣ୍ଡଳ ପହଞ୍ଚି ବ୍ୟାଙ୍କ ଗାଡ଼ିରୁ ଦେଢ଼ କୋଟି ଟଙ୍କା ସ୍ଥାନାନ୍ତର କରିଛନ୍ତି।

ଘଟଣା ସ୍ଥଳରେ କୋରାପୁଟ ଆଇଏଏସ୍ ପ୍ରୋବେସନାରୀ ସନ୍ତୋଷ ପାତ୍ର, ଏଏସପି ଅଭିଷେକ ମହାପାତ୍ର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ୍, ତହସିଲଦାର ସୟିଦ ସବିର ସା, ପୋଲିସ ଓ ଫାୟାର ଟିମ୍ ସହ ପହଞ୍ଚି ଗାଡ଼ି ଗୁଡ଼ିକ ହଟାଇ ଥିଲେ। ଏଥିରେ ମିନି ଟ୍ରକର ଡ୍ରାଇଭର ଆହାତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସେହି ବାଟ ଦେଇ ଯିବାର ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୁର୍ଘଟଣାସ୍ଥଳରୁ ଗାଡି ଗୁଡିକୁ ହଟାଯାଇ ରାସ୍ତା ସ୍ୱାଭାବିକ କରାଯାଇଛି।

## ଶୀତ ପାଇଁ ଆଉ ଶନିବାର ହେବନି ସକାଳୁଆ ସ୍କୁଲ

**ଛତ୍ରପୁର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ଜାରି ରହିଛି ଶୀତର ପ୍ରକୋପ। ବିଶେଷ କରି ହାଡ଼ଭଙ୍ଗା ଜାଡ଼ରେ ଥରୁଛି ଦକ୍ଷିଣ। କେବଳ ଦକ୍ଷିଣ ଓଡ଼ିଶା ନୁହେଁ ପଶ୍ଚିମରେ ବି ଥଣ୍ଡାର ଥାର୍ଡ ଡିଗ୍ରୀ। ଅସହ୍ୟ ଜାଡ଼ରେ କଲବଲ ଲୋକେ। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି। ଆଉ ଏହାକୁ ଦୃଷ୍ଟିରେ ରଖି ଆଲର୍ଟରେ ସରକାର। ବିଶେଷ କରି ଗଞ୍ଜାମ ପ୍ରଶାସନ ବଦଳାଇଛି ନିଷ୍ପତ୍ତି।

ଜିଲ୍ଲାରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଶନିବାର ସକାଳୁଆ ସ୍କୁଲର ସମୟ ପରିବର୍ତ୍ତନ ହେବ। ମୋଟାମୋଟି ଭାବେ କହିବାକୁ ଗଲେ ଆଉ ଶନିବାର ସକାଳୁଆ ସ୍କୁଲ ହେବନି। ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୨୫୮୩୦ ଅନୁଯାୟୀ ଚଳିତ ସପ୍ତାହରୁ ଜିଲ୍ଲାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଶନିବାର ସକାଳୁଆ ବିଦ୍ୟାଳୟ ପରିବର୍ତ୍ତେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବ।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଜିଲ୍ଲାରେ ଶୀତ ପ୍ରକୋପ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷାଧିକରୀ (ଡିଇଓ) ଅଜୟ କୁମାର ପାତ୍ର ଏଭଳି ପରିବର୍ତ୍ତନ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଶିକ୍ଷା ଦାନ ସମୟ ଓ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଶିକ୍ଷା ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଡିଇଓ ପାତ୍ର ସୂଚନା ଦେଇଛନ୍ତି।

# ବାଣିଜ୍ୟ

## ମହଙ୍ଗା ହେବ ମୋବାଇଲ୍ ରିଚାର୍ଜ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତର ପ୍ରମୁଖ ଟେଲିକମ୍ କମ୍ପାନୀଗୁଡ଼ିକ ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ ଏବଂ ଭୋଡାଫୋନ୍ ଆଇଡିଆ, ଆସନ୍ତା ବର୍ଷ ପ୍ରିପେଡ୍ ଏବଂ ପୋଷ୍ଟପେଡ୍ ଉଭୟ ପ୍ଲାନର ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି କରିବେ ବୋଲି ଚର୍ଚ୍ଚା ହେଉଛି। ଏହା ନିୟମିତ ଟାରିଫ୍ ସଂଶୋଧନର ଏକ ଅଂଶ ଏବଂ ଏହା ଟେଲିକମ୍ ଶିଳ୍ପର ରାଜସ୍ୱ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।




ମୋର୍ଗାନ୍ ଷ୍ଟାନଲି ତାଙ୍କ ରିପୋର୍ଟରେ କହିଛନ୍ତି ଯେ ଟେଲିକମ୍ କମ୍ପାନୀଗୁଡ଼ିକ ୨୦୨୬ ମସିହାରେ ପ୍ରିପେଡ୍ ଏବଂ ପୋଷ୍ଟପେଡ୍ ୪ଜି/୫ଜି ଉଭୟ ପ୍ଲାନରେ ୧୬-୨୦% ଶୁଳ୍କ ବୃଦ୍ଧି କରିପାରିବେ। ଏହା ୨୦୨୭ ଆର୍ଥିକ ବର୍ଷରେ କମ୍ପାନୀଗୁଡ଼ିକର ରାଜସ୍ୱ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହା ସହିତ, ପ୍ରତି ଗ୍ରାହକଙ୍କ ହାରାହାରି ରାଜସ୍ୱ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇବ। ସେମାନଙ୍କର ରାଜସ୍ୱ ବୃଦ୍ଧି କରିବା ପାଇଁ, କମ୍ପାନୀଗୁଡ଼ିକ ଶସ୍ତା ଯୋଜନାଗୁଡ଼ିକୁ ହଟାଇ ମହଙ୍ଗା ଯୋଜନାରେ ଓଟିଟି ଭଳି ସୁବିଧା ଯୋଡୁଛନ୍ତି। ଏହା ଗ୍ରାହକମାନଙ୍କୁ ଅଧିକ ମହଙ୍ଗା ଯୋଜନା ବାଛିବାକୁ ବାଧ କରିବ, ଯାହା ସେମାନଙ୍କ ପକେଟକୁ ପ୍ରଭାବିତ କରିବ।

କୁହାଯାଉଛି ଯେ ଏହି ଶୁଳ୍କ ବୃଦ୍ଧିରୁ ଟେଲିକମ୍ କମ୍ପାନୀ ଏୟାରଟେଲ୍ ସବୁଠାରୁ ଅଧିକ ଲାଭବାନ ହେବ। ମୋର୍ଗାନ୍ ଷ୍ଟାନଲି ଏହାର ରିପୋର୍ଟରେ କହିଛନ୍ତି ଯେ ଯେତେବେଳେ ପୂର୍ବରୁ ଶୁଳ୍କ ବୃଦ୍ଧି କରାଯାଇଥିଲା, ଭାରତୀ ଏୟାରଟେଲ୍ ଅନେକ ଦୁର୍ବଳ କମ୍ପାନୀ ତୁଳନାରେ ରାଜସ୍ୱ/ଇବିଆଇଟିଡିଏ ବୃଦ୍ଧିରୁ ଲାଭ ପାଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଥିଲା। ଏୟାରଟେଲ୍, ରିଲାଏନ୍ସ ଜିଓ ଏବଂ ଭୋଡାଫୋନ୍ ଆଇଡିଆ (ଭିଆଇ) ସହିତ ମିଶି, ସାମ୍ପ୍ରତିକ ବର୍ଷଗୁଡ଼ିକରେ ପ୍ରିପେଡ୍ ମୂଲ୍ୟ ତିନିଥର ବୃଦ୍ଧି କରିଛି।

## ସିନେମାଫିନେମା ଟିଭିଫିଭି

## ପୁଣି ଥରେ ମା' ହେଲେ କମେଡିଆନ୍ ଭାରତୀ ସିଂହ

**ପୁ**ଣି ଥରେ ମା' ହେଲେ କମେଡିଆନ୍ ଭାରତୀ ସିଂହ। ପୂର୍ବରୁ ସେ ଏକ ଶିଶୁପୁତ୍ରର ମାଆ ହୋଇଥିବା ବେଳେ ଏବେ ପୁଣି ଆଉ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ୪୧ବର୍ଷ ବୟସରେ ଭାରତୀ ଦ୍ୱିତୀୟ ଥର ପାଇଁ ମା' ହେବା ଖବର ଏବେ ତାଙ୍କ ପ୍ରଶଂସକଙ୍କୁ ଖୁସି କରାଇଛି। ଶୁକ୍ରବାର ତାଙ୍କର ପ୍ରସବ ହୋଇଥିବା ବେଳେ ପୁଣି ଥରେ ମାତାପିତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଭାରତୀ ସିଂହ ଓ ହର୍ଷ ଲିମ୍ବାଚିଆ।

କୁହାଯାଉଛି ଯେ, ଶୁକ୍ରବାର ସକାଳେ ତାଙ୍କୁ ଲାଫଟର୍ ସେଫ୍ ପାଇଁ ସୁଟିଂ କରିବାର ଥିଲା। କିନ୍ତୁ ତାଙ୍କ ୱାଟର ବ୍ୟାଗ୍ ଫାଟିଯିବାରୁ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଭାରତୀ ତାଙ୍କ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ।

ଭାରତୀ ଏବଂ ହର୍ଷ ୨୦୧୭ ମସିହାରେ ବିବାହ କରିଥିଲେ। ଏହା ପରେ ୨୦୨୨ରେ ସେ ତାଙ୍କ ପ୍ରଥମ ସନ୍ତାନ ଲକ୍ଷ୍ୟଙ୍କୁ ପ୍ରଥମ ସନ୍ତାନ ଜନ୍ମ ହେବା ପରେ, ଭାରତୀ ଦ୍ୱିତୀୟ ସନ୍ତାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ହେଲେ ଦ୍ୱିତୀୟ ସନ୍ତାନ ତାଙ୍କର ଝିଅ ହେଉ ବୋଲି ଚାହୁଁଥିଲେ ଭାରତୀ, ଯାହା ବିଷୟରେ ସେ ଅନେକ ସୋ' ଓ ସାକ୍ଷାତକାରରେ କହିଥିଲେ। ହେଲେ ଏଥର ମଧ୍ୟ ତାଙ୍କର ପୁଅ ହୋଇଛି।

ଭାରତୀ ତାଙ୍କ ଗର୍ଭାବସ୍ଥାରେ ମଧ୍ୟ କାମ କରିଥିଲେ। ସେ ରୋଷେଇ କମେଡି ସୋ' ଲାଫଟର ସେଫ୍ ସିଜିନ୍ ୩ର ସୁଟିଂରେ ବ୍ୟସ୍ତ ଥିଲେ, ଯାହାକୁ ସେ ହୋଷ୍ଟ କରନ୍ତି। ସେଟରେ ଭାରତୀ ପ୍ରାୟତଃ ତାଙ୍କ ଆଗାମୀ ଶିଶୁ ବିଷୟରେ କଥା ହେଉଥିଲେ। ଗର୍ଭବତୀ ଥାଇ ବି ସେ ଏତେ ସକ୍ରିୟ ଭାବେ କାମ କରୁଥିବାରୁ ଲୋକେ ତାଙ୍କୁ ପ୍ରଶଂସା କରିଥିଲେ। କୁହାଯାଉଥିଲା ଯେ, ଭାରତୀ ଯମଜ ସନ୍ତାନଙ୍କୁ ଜନ୍ମ ଦେବେ। ଏହି ଚର୍ଚ୍ଚା ମଧ୍ୟରେ ଏବେ ଭାରତୀ ଶିଶୁପୁତ୍ର ମା' ହୋଇଛନ୍ତି।



## ଜାଲ ଜାତି ପ୍ରମାଣ ପତ୍ର ଦେଇ ସରକାରୀ ଅର୍ଥ ହଡପ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ମିଥ୍ୟା ଆୟ ପ୍ରମାଣ ପତ୍ର ଏବଂ ଜାଲ ଜାତି ପ୍ରମାଣ ପତ୍ର ଦେଇ ଛାତ୍ରୀଛାତ୍ର ବୃତ୍ତି ଅର୍ଥ ହଡପ କରିଛନ୍ତି। ୧୪୯ ଛାତ୍ରୀଛାତ୍ର, ୭ ଶିକ୍ଷାନୁଷ୍ଠାନ ବିରୋଧରେ ମାମଲା ହୋଇଛି। ମିଥ୍ୟା ଆୟ ଓ ଜାତି ପ୍ରମାଣପତ୍ର ଦାଖଲ କରି ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି ଯୋଜନାରେ ଛାତ୍ରବୃତ୍ତି ହାସଲ କରିବା ୧୪୯ ଛାତ୍ରୀଛାତ୍ରଙ୍କୁ ମହଙ୍ଗା ପଡ଼ିଛି। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ୧୪୯ ଛାତ୍ରୀଛାତ୍ରଙ୍କ ବିରୋଧରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗତ ନଭେମ୍ବର ୧୩ରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୪୮୭/୨୫) ରୁଜୁ କରିଛି। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଉପରୋକ୍ତ ୧୪୯ ଛାତ୍ରୀଛାତ୍ରଙ୍କ ବିରୋଧରେ ଓଡ଼ିଶା ସାର୍ବଜନୀନ ଦାବି ଆଦାୟ (ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ) ଅଧିନିୟମ ପାଇଁ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯାଇଛି।



ମହାଲେଖାପାଳ (କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ଓଡ଼ିଶାଙ୍କ ଦ୍ୱାରା ଖୋର୍ଦ୍ଧାଜିଲ୍ଲାରେ ମାଟ୍ରିକ ପରବର୍ତ୍ତୀ ଯୋଜନାର କାର୍ଯ୍ୟାନୟନ ୨୦୧୭ରୁ ୨୦୨୦ ଅବଧି ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ରିପୋର୍ଟରେ ପ୍ରକାଶ ପାଇଛି ଯେ ଏହି ଅବଧି ମଧ୍ୟରେ ମୋଟ ୧୪୯ ଆବେଦନକାରୀ ଛାତ୍ରୀଛାତ୍ର ମିଥ୍ୟା ଆୟ ପ୍ରମାଣପତ୍ର ଏବଂ ଜାତି ପ୍ରମାଣପତ୍ର ଦାଖଲ କରି ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି ଯୋଜନା ମାଧ୍ୟମରେ ଛାତ୍ରବୃତ୍ତି ହାସଲ କରିବାରେ ସକ୍ଷମ ହୋଇଥିଲେ।

ଏହି ରିପୋର୍ଟ ହସ୍ତଗତ ହେବା ପରେ ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରରେ ଏହାର ଅନୁଧ୍ୟାନ ପରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ସମ୍ପୃକ୍ତ ଛାତ୍ରୀଛାତ୍ର ଏବଂ ୭ ଶିକ୍ଷାନୁଷ୍ଠାନ ବିରୋଧରେ ମାମଲା ରୁଜୁ ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଆଦର୍ଶ ଥାନାରେ ପୃଥକ ଭାବେ ଲିଖିତ ଅଭିଯୋଗ କରିଛନ୍ତି ।

## ଗଛରେ ଝୁଲୁଛି ଯୁବକଙ୍କ ମୃତଦେହ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ମାୟାବରା ଗାଁର ଅନତି ଦୂରରେ ଥିବା ଏକ କୁକୁଡା ଫାର୍ମର ପଛପଟ ଏକ ଗଛରେ ଜଣେ ଯୁବକଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଅକ୍ଷୟ ସୁନା (୨୦)। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ଗାଁରେ ମୃତ୍ୟୁକୁ ନେଇ ଭିନ୍ନ ଆଲୋଚନା ହେଉଛି। ପ୍ରେମ ସମ୍ପର୍କକୁ ନେଇ ମାଡ଼ପିଟ କାରଣରୁ ଏହି ଘଟଣା ଘଟିଥିବା ଗାଁରେ ଆଲୋଚନା ହେଉଛି। ତେବେ ଯୁବକଙ୍କ ମୃତ୍ୟୁର ସଠିକ କାରଣ ଜଣାପଡିନାହିଁ। ମୃତ ଯୁବକଙ୍କ ପରିବାର ଲୋକେ ବଲାଙ୍ଗୀର ସଦର ଥାନାକୁ ଆସି ହତ୍ୟା ହୋଇଥିବା ଅଭିଯୋଗ କରି ତଦନ୍ତ କରିବାକୁ କହିଛନ୍ତି। ସେପଟେ ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୋଲିସ ତଦନ୍ତ ପରେ ସଠିକ ଘଟଣାର ପର୍ଦ୍ଦାଫାସ ହେବ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର। ୨୦ ଡିସେମ୍ବର ୨୦୨୫ ।ଶନିବାର

# ବୈଶିଙ୍ଗା ଡାକ୍ତରଖାନାରେ ଉନ୍ନତ ସ୍ୱାସ୍ଥ୍ୟସେବା ସାତସପନ

**୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ସ୍ଥାପିତ ବୈଶିଙ୍ଗା ସ୍ଥିତ ଶହେ ବର୍ଷର ପୁରାତନ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିବା ନେଇ ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରକାଶ ଯେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୯୨୫ ମସିହାରେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଉଭୟ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ଦୃଷ୍ଟିରେ ରଖି ପ୍ରତିଷ୍ଠା କରାଯାଇଥିଲା ଏହି ଚିକିତ୍ସାଳୟ । ସେବେଠାରୁ ଦୀର୍ଘ ଶହେ ବର୍ଷ ଧରି ଉଭୟ ଜିଲ୍ଲାର ଆଖପାଖ ୨୦ଟି ପଞ୍ଚାୟତର ଲକ୍ଷାଧିକ ଲୋକଙ୍କ ଜୀବନରେଖା ସାବ୍ୟସ୍ତ ହୋଇଆସୁଛି ଏହି ଶତାୟୁ ଚିକିତ୍ସାଳୟ । ମାତ୍ର ଦେଶ ସ୍ୱାଧୀନତା ସମୟରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ସହ ଓଡ଼ିଶାର ମିଶ୍ରଣ ହେବାପରେ ଏହି ଡାକ୍ତରଖାନାକୁ ଲଗାତର ଉପେକ୍ଷା କରାଯାଉଥିବାରୁ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ବିଗିଡି ଯାଉଥିବା ଅଭିଯୋଗ କରି ଗତ ୨୦୨୩ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ଠାରୁ ୧୦ ଦିନ ଧରି




ଅହୋରାତ୍ର ଗଣଧାରଣା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାଲିଥିଲା । ତତ୍କାଳୀନ ସରକାର ବୈଶିଙ୍ଗା ଡାକ୍ତରଖାନାର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଆଶ୍ୱାସନା ଦେଇଥିଲେ । ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷର ଶାସକ ବିଜୁ ଜନତା ଦଳକୁ ଗାଦିଚ୍ୟୁତ କରି ସାଧାରଣ ଭୋଟର ଭାରତୀୟ ଜନତା ପାର୍ଟିକୁ ଭୋଟ ଦେବା ପରେ ଏବେ ନୂତନ ବିଜେପି ସରକାର ଗଠନ କରିବାର ଦେଢବର୍ଷ ବିତିଗଲାଣି । ପୂର୍ବଥରର ବିଧାୟକ ସନାତନ ବିଜୁଳି ଦ୍ୱିତୀୟ ବାର ବିଧାୟକ ଭାବେ ନିର୍ବାଚିତ ହୋଇ ସରକାରୀ ଦଳର ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଏହି ଡାକ୍ତରଖାନା ପାଇଁ ବିଧାୟକ ଶ୍ରୀଯୁକ୍ତ ବିଜୁଳି ପୂର୍ବରୁ ବହୁବାର ବିଧାନସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦାବି କରିଛନ୍ତି । ଏବେ ସରକାରରେ ଅଛନ୍ତି ଏଣୁ ଅଧିକ କ୍ରିୟାଶୀଳ ହୋଇ ଗୁରୁତ୍ୱାରୋପ ଦେଲେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ । ବିଗତ ଶୀତ ଅଧିବେସନ ରେ ବିଧାୟକ ଶ୍ରୀ ବିଜୁଳି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଟ୍ରମା ସେଣ୍ଟର ପାଇଁ ଦାବି କରିଥିଲେ ମଧ ବୈଶିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର କଥା ଭୁଲିଗଲେ । ଏଥିରୁ ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ବିଧାୟକଙ୍କ କେତେ ଦରଦ ଏଥିରୁ ଅନୁମେୟ କରାଯାଇପାରେ ।

## ଆଜିର ରାଶିଫଳ

| ତାରିଖ<br>୨୦.୧୨.୨୦୨୫ | ଶନିବାର–ଅମାବାସ୍ୟା<br>ନକ୍ଷତ୍ର– ମୂଳା, ଧନୁଚନ୍ଦ୍ର |
|---|---|



| | |
|---|---|
| **ମେଷ** | : ଶାରୀରିକ ଅସୁସ୍ଥତା କଷ୍ଟ ଦେବ । |
| **ବୃଷ** | : ଦୁର୍ଘଟଣାଜନିତ ଭୟ ରହିଛି । |
| **ମିଥୁନ** | : ଗୃହେ ଅଶାନ୍ତି ଦେଖାଦେବ । |
| **କର୍କଟ** | : ବନ୍ଧୁଲାଭ ହେବ । |
| **ସିଂହ** | : କର୍ମେ କ୍ଷେତ୍ରରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ । |
| **କନ୍ୟା** | : ଅଯଥା ଅଶାନ୍ତି ଯୋଗୁଁ ମାନସିକ କଷ୍ଟ। |
| **ତୁଳା** | : ଦ୍ରବ୍ୟପ୍ରାପ୍ତି ଯୋଗ ରହିଛି । |
| **ବିଛା** | : ସାଙ୍ଗସାଥୀରେ ମନାନ୍ତର ବୃଦ୍ଧି ପାଇବ । |
| **ଧନୁ** | : ଆଶା ପୂର୍ତ୍ତି ହେବ । |
| **ମକର** | : ଅସୁସ୍ଥତା ଭୋଗିବେ । |
| **କୁମ୍ଭ** | : ରାଜସମ୍ମାନ ପ୍ରାପ୍ତି ହେବେ । |
| **ମୀନ** | : ଭଲ କାମ କରି ଶାନ୍ତି ପାଇବେ । |

# ଗୋପରେ ଏସଡ଼ିଜେଏମ କୋର୍ଟ କାର୍ଯ୍ୟକାରୀ ହେବ କେବେ ?

**ଗୋପ, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପ ସୁରକ୍ଷା ମଞ୍ଚ ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ପ୍ରସ୍ତାବକୁ ଅଗ୍ରାଧିକାର ସତ୍ତ୍ୱେ କାର୍ଯ୍ୟରେ ବିଳମ୍ବ କାହିଁକି? ସମଗ୍ର ଓଡିଶାରେ ୫୬ଟି ଏସଡ଼ିଜେଏମ କୋର୍ଟ ପ୍ରତିଷ୍ଠା କରାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିମଧ୍ୟରୁ ପୁରୀ ଜିଲ୍ଲାର ଦୁଇଟି ସ୍ଥାନରେ କୋର୍ଟ ସ୍ଥାପନ ପାଇ ପ୍ରସ୍ତାବ ମଧ୍ୟ ଥିଲା । ଗୋପରେ ସରକାରୀ ଜମିର ଯଦିଓ ଅଭାବ ନାହିଁ କିନ୍ତୁ ସ୍ଥାନୀୟ ନେତୃତ୍ୱ ଓ ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ଯୋଗୁ ଗୋପରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁନି । ଏ ସମ୍ପର୍କରେ ଗୋପ ସୁରକ୍ଷା ମଞ୍ଚର ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସରକାରୀ ବାସଭବନରେ ସାକ୍ଷାତ କରିବା ପରେ, ଗୋପ ବାଳିକା ବିଦ୍ୟାଳୟରେ ଅସ୍ଥାୟୀ କୋର୍ଟ କାର୍ଯ୍ୟକାରୀ ତତ୍ପରତା ଅବଲମ୍ବନ କରାଯାଇଥିଲା । ଏଥିମଧ୍ୟରେ ୨ ମାସରୁ ଅଧିକ ଦିନ ବିତିଯାଇଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲାନାହିଁ । ଏଥିପାଇଁ ଗୋପ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଅଧୀନରେ ଥିବା ବାଳିକା ବିଦ୍ୟାଳୟ ପରିସରକୁ ଗତ ମାସ ୩୦ ତାରିଖରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୋପ ବ୍ଲକ ପ୍ରଶାସନଙ୍କୁ ହସ୍ତାନ୍ତର କରିଛନ୍ତି । ଡେଲାଙ୍ଗାରେ ଏସଡ଼ିଜେଏମ କୋର୍ଟ କାର୍ଯ୍ୟକାରୀ ହୋଇଥିଲେ ମଧ ଗୋପରେ ତାହା କାର୍ଯ୍ୟକାରୀ ହୋଇପାରୁନି କାହିଁକି ? ଏ ସମ୍ପର୍କ ଆମ ପ୍ରତିନିଧି ପୁରୀ କୋର୍ଟର ମ୍ୟାନେଜରଙ୍କୁ ପ୍ରଶ୍ନ କରିବାରୁ ମ୍ୟାନେଜର କହିଥିଲେ ଯେ ଆପଣଙ୍କ ଅଞ୍ଚଳରେ କୋର୍ଟ ନିର୍ମାଣ ପାଇଁ ୨୦୨୫ରେ ନୋଟିଫିକେସନ ହେଲା । ଡେଲାଙ୍ଗରେ କୋର୍ଟ ହେବାପାଇଁ ୨୦୧୬–୧୭ ମସିହାରୁ ନୋଟିଫିକେସନ ହୋଇଥିଲା । କାର୍ଯ୍ୟକାରୀ କରିବାପାଇଁ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କ ଓ ଅନ୍ୟାନ୍ୟ ବନ୍ଦୋବସ୍ତର ଆବଶ୍ୟକତା ରହିଛି । ଗୋପରେ ଭିତ୍ତିଭୂମିର ଅଭାବ ନାହିଁ ଯଦି ଅଭାବ ଥାଏ କେବଳ ମାନସିକତା ସ୍ତରରେ ଇଚ୍ଛାଶକ୍ତିର ଅଭାବ ରହିଛି ବୋଲି କହିଛନ୍ତି ରାଜ୍ୟ କୃଷକମୋର୍ଚ୍ଚାର ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ । ରାଜ୍ୟରେ ନ୍ୟାୟିକ ପ୍ରଣାଳୀକୁ ବଳଦାଇ ଦେବା ଏବଂ ଗ୍ରାମାଞ୍ଚଳରେ ସମୟୋଚିତ ନ୍ୟାୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗୋପ ବ୍ଲକରେ ନୂଆ କୋର୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପରିବର୍ତ୍ତେ ବିଳମ୍ବ ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ନୂତନ ସରକାର ଆସିବା ପରେ ୫୬ଟି ସିଭିଲ କୋର୍ଟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ କାଇଥିଲା ପୁନଃ ଏବେ ଆଉ ଏକ ବିଜ୍ଞପ୍ତି ମଧ ପ୍ରକାଶିତ ହୋଇଛି ଆଉ ୫୬ଟି କୋର୍ଟ ପ୍ରତିଷ୍ଠା ହେବ । ରାଜ୍ୟ ଆଇନ ବିଭାଗ ପକ୍ଷରୁ ୨୦୨୨ରେ କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୋଟ ୭୦୦ କୋର୍ଟ ରହିଛି । ଏଥିରେ ସିଭିଲ୍ ଓ କ୍ରିମିନାଲ କୋର୍ଟ ମଧ ସାମିଲ ରହିଛି । ଏହାସତ୍ତ୍ୱେ ରାଜ୍ୟରେ ୧୫ ଲକ୍ଷରୁ ଅଧିକ ମାମଲା ବିଚାରଧୀନ ରହିଥିଲା । ଏଥିରେ ୧୨ ଲକ୍ଷରୁ ଅଧିକ କେବଳ ଆପରାଧିକ ମାମଲା ରହିଥିଲା । କେବଳ ଓଡ଼ିଶା ହାଇକୋର୍ଟରେ ୧ ଲକ୍ଷ ୮୯ ହଜାର ମାମଲା ବିଚାରଧୀନ ରହିଛି । ଏଣୁ ରାଜ୍ୟର ବର୍ତ୍ତମାନ ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଓ ବରିଷ୍ଠଙ୍କ ପକ୍ଷରୁ ଦାବି ହେଉଛି ।

ଅପରପକ୍ଷରେ ରାଜ୍ୟ ସରକାର ଓ ଗୋପ ବ୍ଲକ ପ୍ରସନସନ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଅନେକ ଜନହିତକର ଯୋଜନା ଗୋପ ବ୍ଲକବାସୀଙ୍କ ପାଖରେ ପହଞ୍ଚିପାରୁନି । ତାହା ଶିକ୍ଷା କ୍ଷେତ୍ର ହେଉ କି ସ୍ୱାସ୍ଥ୍ୟ କ୍ଷେତ୍ର ହେଉ କି ପାନୀୟ ଜଳ ଯୋଗାଣ କ୍ଷେତ୍ର ହେଉ ଗୋପ ବ୍ଲକ ବାସୀଙ୍କ ବିକାଶ କ୍ଷେତ୍ରରେ ହେଉ ସବୁଠି ହି ବାଧକ ସୃଷ୍ଟି ହେଉଛି । ଏଣୁ ଗୋପ ବ୍ଲକ ବାସୀଙ୍କ ପକ୍ଷରୁ ଗୋପ ସୁରକ୍ଷା ମଞ୍ଚର ସଭାପତି ରାଜ୍ୟ ସରକାରଙ୍କ ଜନହିତକର ଯୋଜନାରେ ବାଧକ ସୃଷ୍ଟିକାରୀ ଅଧିକାରୀ ଓ ଅଧିକାରିଣୀ ବିରୁଦ୍ଧରେ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ, ଗୋପରେ ତୁରନ୍ତ ଏସଡ଼ିଜେଏମ କୋର୍ଟ କାର୍ଯ୍ୟକାରୀ କରିବାପାଇଁ ଦାବି କରାଯାଇଛି ।

# ଗ୍ରାମ୍ୟ ସଡକ ନିର୍ମାଣ ନିମ୍ନମାନର

**ଘୁ.ଉଦୟଗିରି, ୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଗତ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ ଶ୍ରୀକଲା ଠାରୁ କିଲାକିଆ ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ନିମ୍ନମାନର କାର୍ଯ୍ୟ ନେଇ ସ୍ଥାନୀୟ ଗ୍ରାମବାସୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାର କିଛି ଅଂଶ ଶ୍ରୀକଲା ଠାରୁ ରାଇକଲା ଦେଇ ଜାକାମହା ପର୍ଯ୍ୟନ୍ତ ଯାଇଥିବା ରୋଡ ସହିତ ସଂଯୋଗ କରୁଥବା ବେଳେ ଅନ୍ୟ ଅଂଶଟି କିଲାକିଆ ଗ୍ରାମକୁ ସଂଯୋଗ କରୁଛ । ନିର୍ମାଣ ସମାପ୍ତ ହେବାର ଏକ ବର୍ଷ ମଧରେ ହିଁ ରାସ୍ତା ଖରାପ ହେବା ଫଳରେ ଯାତାୟାତରେ ଅସୁବିଧା ହୋଇଛି । ତା' ପରବର୍ତ୍ତୀ ସମୟରେ ରାସ୍ତା ର ରକ୍ଷଣ–ବେକ୍ଷଣ ନିମନ୍ତେ



ରଖାଯାଇଥିବା ଟଙ୍କାରୁ କୌଣସି ମରାମତି କାମ ନ ହେବା ଯୋଗୁଁ ରାସ୍ତାଟି ନିୟମିତ ଭାବରେ ଖରାପ ଆଡକୁ ଗତି କରି ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ଏହି ରାସ୍ତା ଉପରେ ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ନିର୍ଭରଶୀଳ ରହିଥାନ୍ତି । ତେଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ରାସ୍ତାକଡ଼ରେ ପଡ଼ିଛି ସରକାରୀ ଔଷଧ

**ମୋହନା, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ଜିଲ୍ଲା ମୋହନା ବଧିର ବିଦ୍ୟାଳୟ ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥରେ ପଡିଛି କୁଢ଼ କୁଢ଼ ସରକାରୀ ଔଷଧ । ସାଧାରଣ ଲୋକଙ୍କ ପାଇଁ ଆସୁଥିବା ଏହି ଔଷଧକୁ କିଏ ଓ କାହିଁକି ଫିଙ୍ଗିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀ ଏହି ଘଟଣାକୁ ନାପସନ୍ଦ କରିଛନ୍ତି । ସୂଚନାନୁଯାୟୀ, ମୋହନା ବଧିର ବିଦ୍ୟାଳୟ ନିକଟରେ ଆଜି କୁଢ କୁଢ ଔଷଧ ପଡ଼ିଥିବା ଦେଖିବାକୁ ମିଳିଛି । ଏହି ଔଷଧଗୁଡ଼ିକ ମଧ୍ୟରେ ଛୋଟ ପିଲାଙ୍କ ସିରପ୍, ମ୍ୟାଲେରିଆ କିଟ୍ ଓ ସିକିଲିଂ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା କିଛି ଔଷଧ ରହିଛି । ଏହି ମେଡିସନଗୁଡ଼ିକର ଏକ୍ସପାଇରି ତାରିଖ ଚଳିତ ମାସ ଶେଷରେ ଅଛି । ଆଉ କିଛି ମେଡିସନ୍ ୨୦୨୬ ଏପ୍ରିଲରେ ଏକ୍ସପାଇରି ହେବ । ତେବେ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଆସୁଥିବା ଏହି ସରକାରୀ ଔଷଧ ବ୍ୟବହାର ନହୋଇ ଫିଙ୍ଗା ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଔଷଧ ଗୁଡିକୁ ଏଠାରେ କିଏ ଓ କାହିଁକି ଫିଙ୍ଗିଲା ତାକୁ ନେଇ ପ୍ରଶ୍ନ ଉଠିଛି । ଏନେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

# ଜଳିଗଲା ତିନିବଖରା ଚାଳଘର

**ନିଆଳୀ, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ତହସିଲ୍ ଅଧିନସ୍ଥ ଅଲଣା ପଞ୍ଚାୟତ ଅଥଙ୍ଗା ବସ୍ତିରେ ଗୁରୁବାର ଦିନ ସକାଳ ୯ଟା ସମୟରେ ବିଦ୍ୟୁତ୍ ସର୍ଟସର୍କିଟ ଘଟି ଅବଦୁଲ୍ କାଦିର ଖାନଙ୍କ ୩ିବଖରା ଚାଳଘର ଓ ଦୈନନ୍ଦିନ ବ୍ୟବହାର ଆସବାପତ୍ର ଜଳିଯାଇଛି । ଖବର ପାଇଁ ଘଟଣାସ୍ଥଳରେ ଅଡଶପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅବଦୁଲ୍‌ଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗଦେବା ନିମନ୍ତେ ଅଞ୍ଚଳବାସୀ ଦାବି କରିବା ସହ ପରିବାରଲୋକେ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ତାଲାବନ୍ଦ ଘରୁ ଚୋରି

**ବୁଗୁଡ଼ା, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ବେଲପୁର ଗ୍ରାମରେ ମନୋଜ କୁମାର ରାଉତଙ୍କ ତାଲାବନ୍ଦ ଘରୁ ଚୋରି ହୋଇଥିବା ଜଣାଯାଇଛ । ପ୍ରକାଶ ଯେ, ବେଲପୁର ଗ୍ରାମର ମନୋଜ ରାୟଗଡାରେ ବ୍ୟବସାୟ କରି ରହୁଥିବା ବେଳେ ସପରିବାର ଗାଁକୁ ମାଣବସା ଗୁରୁବାର ପୂଜା କରିବାକୁ ଆସି ପୁଣି ଫେରି ଯାଇଥିଲେ । ତେବେ ମଙ୍ଗଳବାର ରାତିରେ କୌଣସି ଦୁର୍ବୃତ୍ତ ତାଙ୍କର ଘର ତାଲା ଭାଙ୍ଗି ଭିତରେ ପଶି ଆଲମାରୀରୁ ସୁନା ଓ ରୁପା ଅଳଙ୍କାର ସମେତ ଟଙ୍କା ଚୋରି କରି ନେଇ ଯାଇଥିବା ଦେଖିବାକୁ ମିଳିଥିଲା । ଏ ନେଇ ଖବର ପାଇବା ପରେ ମନୋଜ ଗାଁକୁ ଆସି ଚୋରି ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ଖଇରା, ୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲା ସୋର ରେଞ୍ଜ ଅଧିନ ଖଇରା ଅଞ୍ଚଳରେ ଏକ ଦନ୍ତାହାତୀ ଗୁରୁବାର ରାତିସାରା ଆତଙ୍କ ଖେଳାଇଛି । କୁପାରୀ ଓ ଔପଦା ବନ ବିଭାଗର କର୍ମଚାରୀମାନେ ଜଙ୍ଗଲକୁ ଫେରାଇବାକୁ ଉଦ୍ୟମ ଜାରି ରଖିଥିଲେ ହେଁ ଗ୍ରାମବାସୀଙ୍କ ହୋ ହାଲ୍ଲାରେ ହାତୀଟି ଭୟଭୀତ ହୋଇ ଏ ଗାଁରୁ ସେ ଗାଁରେ ପଶୁ ଥିବାରୁ ସାଧାରଣ ଲୋକେ ମଧ ଭୟାତୁର ଅବସ୍ଥାରେ ଅଛନ୍ତି । ପ୍ରଥମେ ଗୁରୁବାର ସଂଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଶାରିଶୁଆ ପାହାଡର ବଗେଇପୁର ଗ୍ରାମକୁ ପଶି ଆସିଥିଲେ । ସେଠାରୁ ଗୋଟେ ଫେରି ଯାଇଥିବା ବେଳେ ଅନ୍ୟଟି କଳମବୁଆ ଗ୍ରାମର ଦୈତାରୀ ନାୟକଙ୍କ ବାଡିରେ ପଶି ରହିଥିଲା । ବନବିଭାଗ ଗୋଡାଇବା ପରେ ଏହି ଦନ୍ତାହାତୀଟି ପଟ୍ଟାଗଡିଆ, କାଳିଆଗଡିଆ କୁପାରୀ ଦେଇ ସକାଳ ହେବା ବେଳକୁ ନଟାପଡା ଓ ବଟେଶ୍ୱର ଓ କଣ୍ଠାପଡା ଗ୍ରାମରେ ପହଞ୍ଚି ଯାଇଥିଲ । ମହତିପୁର ଠାରୁ ସୁଣ୍ଡିରା ରାସ୍ତା ଦେଇ ଯାଉଥିବା ବେଳେ ସୁଣ୍ଡିରା ଗ୍ରାମର ସୁରେନ୍ଦ୍ର ଦାସ(୬୫) ହାତୀକୁ ଦେଖି ଦୌଡି ପଳାଇ ଯାଉଥିବା ସମୟରେ ହାତୀଟି ତାଙ୍କୁ କଚାଡି ମାରିଦେଇଥିଲା । ଏବେ ହାତୀଟି ନୂଆସାହି ଗ୍ରାମ ନିକଟରେ ଥିବା ବେଳେ ବନ ବିଭାଗ ଗ୍ରାମବାସୀଙ୍କୁ ହୋହାଲ୍ଲା ନକରିବାକୁ ଅନୁରୋଧ କରିଛନ୍ତି ।

# ଟାଟା ରେଳ ପ୍ରକଳ୍ପକୁ ନେଇ ଜୋରଦାର ଆନ୍ଦୋଳନ

**କଳିଙ୍ଗନଗର, ୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରସ୍ତାବିତ ଟାଟା ରେଳ ପ୍ରକଳ୍ପକୁ ନେଇ ଜମିହରା ଚାଷୀଙ୍କ ଆନ୍ଦୋଳନ ଦିନକୁ ଦିନ ତୀବ୍ର ଆକାର ଧାରଣ ନେଉଛି । ଅନୁଗୁଳ–ସୁକିନ୍ଦା–ଡୁବୁରୀ ରେଳପଥ ପ୍ରକଳ୍ପରୁ କଳିଙ୍ଗନଗର ଟାଟାଷ୍ଟିଲ ପର୍ଯ୍ୟନ୍ତ ନୂତନ ରେଳ ଲାଇନ ସଂଯୋଗ ପାଇଁ ଚାଷ ଜମି ଅଧିଗ୍ରହଣକୁ ନେଇ ଚାଷୀମାନେ ଭାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚାଷୀମାନଙ୍କ କହିବା ଅନୁସାରେ, ପୂର୍ବରୁ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଦେଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ନିଯୁକ୍ତି, ପୁନର୍ବାସ ଓ ପୁନଃ ନିଯୁକ୍ତି ସୁବିଧା ଠିକ୍‌ଭାବେ ମିଳିନାହିଁ । ଏବେ ଆଉ ଏକ ରେଳ ପ୍ରକଳ୍ପ ପାଇଁ ଜମି ନେବା ନାଁରେ ଚାଷୀଙ୍କ ଉପରେ ଘୋର ଅନ୍ୟାୟ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି । ଆନ୍ଦୋଳନକାରୀ ଚାଷୀମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ,ପ୍ରତ୍ୟେକ ଜମିହରା ପରିବାରକୁ ସ୍ଥାୟୀ ନିଯୁକ୍ତି, ଉଚିତ ମୁଆବଜା ଓ ପୁନର୍ବାସ ବ୍ୟବସ୍ଥା




ଲିଖିତ ଭାବେ ନିଶ୍ଚିତ ନହେଲେ ଜମି ଛାଡ଼ିବୁ ନାହିଁ । ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଶିଳ୍ପାଞ୍ଚଳରେ ବହୁ କମ୍ପାନୀ ଥିବା ସତ୍ତ୍ୱେ ସ୍ଥାନୀୟ ଯୁବକଙ୍କୁ ସମ୍ପୂର୍ଣ୍ଣ ଅଣଦେଖା ନିଯୁକ୍ତି ମିଳୁନାହିଁ, ବାହାରର ଲୋକଙ୍କୁ ଅଧିକ ସୁଯୋଗ ଦିଆଯାଉଛି ବୋଲି ଅଭିଯୋଗ ହେଉଛି । ପ୍ରଶାସନ ନିରବ, ଆନ୍ଦୋଳନ ଆଗକୁ ଆହୁରି ତୀବ୍ର ହେବା ସବୁ ଚାଷୀ ଓ ବିଭିନ୍ନ ସଂଘଠନ ମିଳିତ ଭାବରେ ଆଗକୁ ବଢ଼ିବା ନେଇ ଚେତାବନୀ ଚେତାବନୀ ଦେଉଛନ୍ତି । ଆନ୍ଦୋଳନ ସ୍ଥଳରେ ଚାଷୀମାନେ ଧାରଣା ଦେଇ ରହିଥିବାବେଳେ ପ୍ରଶାସନୀୟ ସ୍ତରରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଆଲୋଚନା ବା ଲିଖିତ ଆଶ୍ୱାସନ ମିଳିନାହ । ଏହାକୁ ନେଇ ଅସନ୍ତୋଷ ଆହୁରି ବଢ଼ିଛି । ଦାବି ପୂରଣ ନହେଲେ ଆଗାମୀ ଦିନରେ ରେଳ ପ୍ରକଳ୍ପ କାମ ବନ୍ଦ, ରାସ୍ତା ଅବରୋଧ ଓ ବୃହତ୍ ଆନ୍ଦୋଳନ ହେବ । ଏବେ ସମସ୍ତଙ୍କ ନଜର ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପରେ–ଚାଷୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ହେବ କି, ନା କଳିଙ୍ଗନଗରରେ ଆନ୍ଦୋଳନ ଆଉ ତୀବ୍ର ହେବ ଆଗକୁ ଦେଖିବାକୁ ବାକି ରହିଲା ।

# ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଭୁଷଳ ପଞ୍ଚାୟତ କିର୍ତ୍ତନପୁର ଗ୍ରାମର ଗଙ୍ଗା ମଳିକ ସାହିରେ ଅଗ୍ନିକାଣ୍ଡ ଘଟିଛ । ଗୁରୁବାର ରାତିରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ୪ ବଖରା ଘର ଜଳିଯାଇଛି । ଗ୍ରାମର ବିଶ୍ୱନାଥ ମଳିକ ଓ ଶୁଶାନ୍ତ ମଳିକଙ୍କର ୨ବଖରା ଲେଖାଏ ଘର ଜଳି ଯାଇଥିବା ଜଣାପଡିଛି । ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଭୁବନ ଦମକଳ ବାହିନୀ ପହଞ୍ଚି। ପୂର୍ବରୁ ସମସ୍ତ ଆସବାବପତ୍ର ପାଉଁଶ ହୋଇଯାଇଥିଲା । ଶୁକ୍ରବାର ସକାଳ ସମୟରେ କାମାକ୍ଷାନଗର ବିଧାୟକ ଶତୃଘ୍ନ ଜେନା ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ସାହଯ୍ୟ କରିବା ସହିତ ପ୍ରଶାସନିକ ଅଧିକାରୀ ତଥା ଭୁବନ ବିଡିଓ, ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଡାକି ସମସ୍ତ ସହାୟତା ବ୍ୟବସ୍ଥା କରିଥିଲେ ଚ କ୍ଷତିଗ୍ରସ୍ତ ପରିବାରଙ୍କୁ ସୁଖିଲା ଖାଦ୍ୟ ଓ ପଲିଥିନ ଯୋଗାଇ ଦିଆଯିବା ସହିତ ଯଥା ଶିଘ୍ର ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପାଇଁ ବିଧାୟକ କହିଥିଲେ ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ହତ୍ୟା ଧମକ

**ନିଆଳୀ, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଲଟପୁର ଥାନା ଅଧିନସ୍ଥ ଅଡ଼ଶପୁର ବଜାର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଫୁଲନଖରା ନିଆଳୀ ୬୦ ନମ୍ବର ରାଜ୍ୟ ରାଜପଥରେ ୩୦ରୁ ଉର୍ଦ୍ଧ ଶ୍ରମିକମାନଙ୍କୁ ନେଇ ଏକ ଟାଟାଏସି ଗାଡି ଯାଉଥିବାବେଳେ ସେହି ସମୟରେ ଉକ୍ତ ଜାଗାରେ କାର୍ଯ୍ୟରତ ସାମ୍ବାଦିକମାନେ ଛିଡା ହୋଇଥିଲେ । ସେମାନେ ଉକ୍ତ ଗାଡିର ଫଟୋ ଉଠାଉଥିବା ସମୟରେ ହଠାତ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଦେଉଳି ଗ୍ରାମର ମନୋଜ ପଟ୍ଟନାଏକ ଏକ ସ୍କୁଟି ଗାଡ଼ିରେ ପହଞ୍ଚି କାର୍ଯ୍ୟରତ ସାମ୍ବାଦିକ ଓ ସାମ୍ବାଦିକାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିବାକୁ ପଛେଇ ନଥିଲେ । ଏମିତି କି ଗାଡି ଚଢାଇ ହତ୍ୟା ଧମକ ଦେଇଥିଲେ । ଏନେଇ ସାମ୍ବାଦିକମାନେ ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଓଲଟପୁର ଥାନା ଏସ୍ଆଇ ବିପିନ୍ ଦେଉରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଅଭିଯୁକ୍ତ ପିଣ୍ଟୁ ନାମରେ ପୂର୍ବରୁ ଥାନାରେ ଅଭିଯୋଗ ରହିଛି । ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରିବାକୁ ସାମ୍ବାଦିକମାନେ ଦାବି କରିଛନ୍ତି ।

# ପୂର୍ବତନ ଅମିନଙ୍କୁ ୪ବର୍ଷ କାରାଦଣ୍ଡ

**ସୁବର୍ଣ୍ଣପୁର, ୧୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁବର୍ଣ୍ଣପୁର ଜିଲ୍ଲା ତରଭା ତହସିଲରେ କାର୍ଯ୍ୟରତ ପୂର୍ବତନ ଅମିନ ସାହୁ ମେହେରଙ୍କୁ ଲାଞ୍ଚ ଅଭିଯାଗରେ କାରାଦଣ୍ଡ ଶୁଣାଇଛି ଅଦାଲତ । ଲାଞ୍ଚ ଅଭିଯୋଗରେ ଶ୍ରୀ ମେହେରଙ୍କୁ ୪ ବର୍ଷ କାରାଦଣ୍ଡ ସହ ଜରିମାନା ନିର୍ଦ୍ଦେଶ ଦେଇଛି ବଲାଙ୍ଗୀର ଭିଜିଲାନ୍ସ ଅଦାଲତ । ଭିଜିଲାନ୍ସ କେସ୍ ୟୁ/ଏସ ୧୩(୨) ଆର/ଡବ୍ଲୁ(୧)(ଡ଼ି)/୭ ଅନୁସାରେ ଶ୍ରୀ ମେହେରଙ୍କୁ ଗିରଫ କରିଥିଲା ଭଜିଲାନ୍ସ । ଅଭିଯୋଗ ଅନୁସାରେ ଜଣେ ଜମି ମାଲିକଙ୍କ ଠାରୁ ସୀମା ନିର୍ଦ୍ଧାରଣ ପାଇଁ ଲାଞ୍ଚ ମାଗିଥିଲେ ଶ୍ରୀ ମେହେର । ଯାହାକୁ ଆଧାର କରାଯାଇ ଆଜି ବଲାଙ୍ଗୀର ଭିଜିଲାନ୍ସ ଅଦାଲତ ତାଙ୍କୁ ବିଚାର ବିଭାଗୀୟ କାରାଦଣ୍ଡ ଶୁଣାଇବା ସହ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛି । ଏହାସହ ଶ୍ରୀ ମେହେରଙ୍କ ପେନସନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି ଭିଜିଲାନ୍ସ ।

# ଝରିଗାଁ ବ୍ଲକର ପ୍ରମୁଖ ଜଳପ୍ରପାତ ଅବହେଳିତ

**ନବରଙ୍ଗପୁର, ୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ୩ଟି ପ୍ରମୁଖ ଜଳପ୍ରପାତ ଦୀର୍ଘ ବର୍ଷ ହେଲା ଅବହେଳିତ ଅବସ୍ଥାରେ ରହିଛି । ଏବେ ଏହି ୩ଟି ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଛି । ବିଶେଷ କରି ଶୀତଦିନେ ଏହି ଜଳପ୍ରପାତଗୁଡ଼ିକରେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । କିନ୍ତୁ ଅଦ୍ୟାବଧି ଦୁଇଟି ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିନଥିବା ବେଳେ ପାରିପାର୍ଶ୍ୱିକ ବିକାଶ ଦିଗରେ ସରକାର ଦୃଷ୍ଟି ଦେଉ ନାହାନ୍ତି । ସେହିପରି ଅନ୍ୟଟି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବା ପରେ ମଧ ଭିତ୍ତିଭୂମି ବିକାଶ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛ । ଫଳରେ ପର୍ଯ୍ୟଟକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ବ୍ଲକ ସଦର ମହକୁମା ଠାରୁ ମାତ୍ର ୫ କିଲୋମିଟର ଦୂର ଯିବା ପରେ ଦେଖିବାକୁ ମିଳିଥାଏ ଗୋସେଇଁଧାରା ଜଳପ୍ରପାତ । ଝରିଗାଁ ଠାରୁ ବରାଗୁଡ଼ା ଏବଂ ପରେ ଝଲାଗୁଡ଼ା ଗ୍ରାମରୁ ୧ କିଲୋମିଟର ଦୂରରେ ଏହି ଜଳପ୍ରପାତ ପଡ଼େ । ଝଲାଗୁଡ଼ା ପର୍ଯ୍ୟନ୍ତ ପକ୍କା ରାସ୍ତା ଥିବାବେଳେ ସେଠାରୁ ରାସ୍ତା ନଥିବା ଯୋଗୁଁ ପର୍ଯ୍ୟଟକମାନଙ୍କୁ ଜଙ୍ଗଲି ଓ ପାହାଡ଼ି ରାସ୍ତା ଦେଇ ଯିବାକୁ ପଡ଼ିଥାଏ । କିନ୍ତୁ ଜଳପ୍ରପାତ ନିକଟରେ ପହଞ୍ଚିବା ପରେ ପର୍ଯ୍ୟଟକଙ୍କ ସମସ୍ତ କଷ୍ଟ ଲାଘବ ହୋଇଯାଇଥାଏ । ଏଠାରେ ପାହାଡ଼ ଉପରୁ ପ୍ରାୟ ୮୦ ଫୁଟ ତଳକୁ ପାଣି ଖସୁଛି । ସେହିପରି ଜଳପ୍ରପାତ ନିକଟରେ ସ୍ଥାନୀୟ ଲୋକଙ୍କ ତରଫରୁ ଏକ ଶିବ ମନ୍ଦିର ନିର୍ମାଣ ହୋଇଛି । ବିଶେଷ କରି ଏଠାରେ ସନ୍ଧ୍ୟା ସମୟରେ ଦୃଶ୍ୟ ଅତି ମନୋରମ । ପାହାଡ଼ ଉପରୁ ଖସୁଥିବା ପାଣି ଉପରେ ଅସ୍ତଗାମୀ ସୂର୍ଯ୍ୟ କିରଣ ପଡି ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରିଥାଏ । ଏଠାରେ ଛୋଟ ବଡ଼ ସାତଟି ଜଳପ୍ରପାତ ରହିଛି ।

ଅନ୍ୟ ଏକ ଜଳପ୍ରପାତ ହେଲା ସାଇଧାରା । ବ୍ଲକର କୁଟ୍ରିଛାପର ପଞ୍ଚାୟତରେ ଥିବା ଏହି ଜଳପ୍ରପାତ ନିକଟରେ ପହଞ୍ଚିବା ପାଇଁ ହେଲେ ଝରିଗାଁ ଠାରୁ ଆଠ କିଲୋମିଟର ଯିବାକୁ ହୋଇଥାଏ । ବାଣିଆଦେଇ ଗ୍ରାମ ଠାରୁ ରାସ୍ତା ନଥିବା ଯୋଗୁଁ ପ୍ରାୟ ୧ କିଲୋମିଟର ଚାଲିଚାଲି ଯିବା



ପରେ ସୌନ୍ଦର୍ଯ୍ୟଭରା ଏହି ଜଳପ୍ରପାତ ପଡ଼େ । ଏଠାରେ ଏକ ବିରାଟ ପଥର ଦେହରେ ପିଟି ହୋଇ ପ୍ରାୟ ୪୦ ଫୁଟ ତଳକୁ ପାଣି ଖସିଥାଏ । ଏହାର ଆଖପାଖରେ ଛୋଟଛୋଟ ଝରଣା ମଧ ରହିଛି । ଏଠାରେ ଏକ ଜଳ କୁଣ୍ଡ ରହିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏଠାରେ ଭୀମଙ୍କ ପାଦ ଚିହ୍ନ ସହ ଗଦା ଚିହ୍ନ ମଧ ରହିଛି । ସେହିପରି ରାମଙ୍କ ପାଦ ଚିହ୍ନ ରହିଥିବା ଲୋକେ କହିଛନ୍ତି । କିନ୍ତୁ ଏହି ପର୍ଯ୍ୟଟନସ୍ଥଳୀ ସରକାରଙ୍କ ଅବହେଳା ଯୋଗୁଁ ଲୋକ ଲୋଚନକୁ ଆସିପାରୁନାହିଁ ।

ଝରିଗାଁ ବ୍ଲକ ବଡ଼ ଟେମେରା ପଞ୍ଚାୟତରେ ଥିବା ଚନ୍ଦନଧାରା ଜଳପ୍ରପାତର ସୌନ୍ଦର୍ଯ୍ୟ ବେଶ ମନୋରମ । ତତ୍କାଳୀନ ନବରଙ୍ଗପୁର ଜିଲ୍ଲାପାଳ ଅରବିନ୍ଦ ପାଢ଼ୀ, ପଞ୍ଚାୟତବାସୀଙ୍କ ଆର୍ଥିକ ସହାୟତା, ସ୍ଥାନୀୟ ଲୋକ ପ୍ରତିନିଧି ଓ ପର୍ଯ୍ୟଟନ ବିଭାଗ ଅନୁଦାନ ପ୍ରଦାନ ପରେ ମନ୍ଦିର ସହ ପାର୍ଶ୍ୱ ମନ୍ଦିର, ଆଲୋକୀକରଣ ସହ ଭିତ୍ତିଭୂମିର ବିକାଶ କାମ ଆରମ୍ଭ ହୋଇଥିଲା । ଚନ୍ଦନଧାରା ଶୈବପୀଠ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ବେଳେ ଅତି ଆକର୍ଷଣ ଶୈବପୀଠ ନିର୍ମାଣ ହୋଇଛି । ସେହିପରି ଶୈବପୀଠ ଠାରୁ କିଛି ଦୂରରେ ରହିଛି ମା' ପାର୍ବତୀଙ୍କ ମନ୍ଦିର । ମା' ପର୍ବତୀଙ୍କ ମନ୍ଦିର ଯିବା ପାଇଁ ଭକ୍ତମାନଙ୍କୁ ୧୨୧ ପାହାଜ ତଳକୁ ଯିବା ପାଇଁ ପଡ଼େ । ସେଠାରେ ପଥର ଗୁମ୍ଫା ମଧ୍ୟରେ ପାର୍ବତୀ ମନ୍ଦିର ରହିଛି, ଯାହାକି ଭକ୍ତମାନଙ୍କୁ ଆକୃଷ୍ଟ କରୁଛି । ସେହିଭଳି ଶୈବପୀଠ ଠାରୁ କିଛି ଦୂରରେ ଜଙ୍ଗଲ ମଧ୍ୟରେ ରହିଛି ବନ ଦୁର୍ଗା ମନ୍ଦିର । ୧୦୧ ପାହାଚ ତଳକୁ ଏବଂ ୫୧ ପାହାଚ ଉପରକୁ ଯିବା ପରେ ବନ ଦୁର୍ଗା ମନ୍ଦିର ରହିଛି । ୩୧ ପାହାଚ ଅତିକ୍ରମ ପରେ ଚଣ୍ଡୀ ମନ୍ଦିର ରହିଛି । ଶୈବପୀଠ ଠିକ ସାମ୍ନାରେ ରହିଛି ବଡ଼ ଗଣେଶ ମନ୍ଦିର । କମିଟି ପକ୍ଷରୁ ଲୋକମାନଙ୍କ ଭୋଜିଭାତ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି । ବିଶେଷ କରି ପର୍ଯ୍ୟଟକମାନଙ୍କୁ ଚନ୍ଦନଧାରା ଜଳପ୍ରପାତ ଏବଂ ଘଞ୍ଚ ଜଙ୍ଗଲ ଆକୃଷ୍ଟ କରୁଛି । ସୁସ୍ଥ ପରିବେଶ ମଧ୍ୟରେ ପର୍ଯ୍ୟଟକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ଛୋଟଛୋଟ ଶିଶୁଙ୍କ ପାଇଁ ପାର୍କ ଏବଂ ଲୋକଙ୍କ ପାଇଁ କଲ୍ୟାଣ ମଣ୍ଡପ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଛି । ପାର୍ବତୀ ମନ୍ଦିର ଯିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନଥିବା ଯୋଗୁଁ ପର୍ଯ୍ୟଟକମାନେ ଅସୁରକ୍ଷିତ ଭାବେ ଅସ୍ଥାୟୀ କାଠ ବ୍ରିଜ ଯାତାୟାତ କରୁଛନ୍ତି । ପାର୍ବତୀ ମନ୍ଦିର ଠାରୁ ଜଳପ୍ରପାତ ନିକଟକୁ ଯିବା ପାଇଁ ପାହାଚ ନିର୍ମାଣ ହୋଇ ନଥିବା ଯୋଗୁଁ ଯାତାୟାତରେ ସମସ୍ୟା ହେଉଛି । ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପାନ୍ଥ ନିବାସ ନିର୍ମାଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସବୁଠାରୁ ମୁଖ୍ୟ ସମସ୍ୟା ଏଠାରେ କୌଣସି ନେଟୱାର୍କ ନଥିବା ଯୋଗୁଁ ପର୍ଯ୍ୟଟକମାନେ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ୩ଟି ଜଳପ୍ରପାତର ବିକାଶ ଦିଗରେ ସରକାର ଦୃଷ୍ଟି ଦେଲେ ପର୍ଯ୍ୟଟକଙ୍କୁ ଏହା ବେଶ ଆକୃଷ୍ଟ କରି ପାରିବ ବୋଲି ଅଞ୍ଚଳ କହିଛନ୍ତି ।

**:** ବିଧାୟକଙ୍କ ବର୍ଦ୍ଧିତ ଦରମାକୁ ନେଇ ଶାସକ ଦଳ ମଧ୍ୟ ଅକଳରେ ପଡ଼ିଯାଇଛନ୍ତି । ଶାସକ ଓ ବିରୋଧୀ ଦଳ ଏକ ସ୍ୱରରେ ଦରମା ଓ ପେନସନ ବୃଦ୍ଧି ସଂକ୍ରାନ୍ତିୟ ବିଲ୍‌କୁ ବିଧାନସଭାରେ ପାରିତ କରିଥିଲେ । ୧୦ଦିନ ତଳେ ଯେଉଁ ବିଧାୟକମାନେ ବିଧାନସଭାରେ ଦରମା ବୃଦ୍ଧି ବିଲ୍‌କୁ ଟେବୁଲ୍ ବାଡ଼େଇ ସମର୍ଥନ କରିଥିଲେ ସେଇମାନେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦଳୀୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ଏକାଥରକେ ତିନିଗୁଣା ଦରମା ଓ ଭତ୍ତା ବୃଦ୍ଧିକୁ ସହଜରେ ଗ୍ରହଣ କରିନାହାନ୍ତି ବିଜେପିର କେନ୍ଦ୍ରୀୟ ନେତୃତ୍ୱ । ଏହାଦ୍ୱାରା ଦଳ ଓ ସରକାରଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆସୁଛି ବୋଲି କେନ୍ଦ୍ରୀୟ ନେତୃତ୍ୱ ଅନୁଭବ କରିଛି, ଏଇ କାରଣରୁ ରାଜ୍ୟ ନେତୃତ୍ୱଙ୍କ ସ୍ୱର ଟିକେ ବଦଳି ଯାଇଛି ବୋଧେ !

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୦ ଡିସେମ୍ବର ୨୦୨୫ | ଶନିବାର

ଓଡ଼ିଶା ଏକ୍ସପ୍ରେସ୍

# ଆଗାମୀ ଦିନରେ ନେତାଙ୍କୁ ଭାଷଣ ବଦଳାଇବାକୁ ପଡ଼ିବ

**ଆ**ଜିଯାଏଁ ନେତାମାନେ ଯେମିତି ଭାଷଣ ଦେଉଥିଲେ, ଯେଉଁ ଢଙ୍ଗରେ ଭୋଟ୍ ମାଗୁଥିଲେ ତାକୁ ବଦଳାଇବାକୁ ପଡ଼ିବ । ସେ ପୁରୁଣା ଧରାବନ୍ଧା ଭାଷଣ ଆଉ କାମ ଦେବନି ବୋଧେ! ''ଆମକୁ ସେବା କରିବାର ସୁଯୋଗ ଦିଅନ୍ତୁ''– ଏଭଳି ଭାଷଣ ଦେବାକୁ ନେତାଏ ଭୟ କରିବେ । କାରଣ ଲୋକେ ନିଶ୍ଚେ କହିବେ– ୩ଲକ୍ଷ ୪୫ହଜାର ଟଙ୍କା ଦରମା ପାଇବା ପରେ ଆପଣମାନେ ନିଜକୁ ସେବକ ବୋଲି କେମିତି କହିପାରୁଛନ୍ତି ସେଇଟା ହିଁ ଆଶ୍ଚର୍ଯ୍ୟ, ଆପଣମାନଙ୍କ ସାହସକୁ ମାନିବାକୁ ପଡ଼ିବ । ତେଣୁ ନେତାଏ ଲୋକଙ୍କ ପାଖକୁ ଯାଇ ଆଉ କେଉଁ ଢଙ୍ଗ ଏବଂ କେଉଁ କୌଶଳରେ ଭାଷଣ ଦେଇ ଲୋକଙ୍କ ହୃଦୟ ଜିଣିପାରିବେ ସେଇ ଚିନ୍ତାରେ ପଡ଼ିଯାଇଥିବେ ନିଶ୍ଚେ।

ବିରୋଧୀ ଦଳର କିଛିକିଛି ନେତା ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି କହିଛନ୍ତି । ଶାସକ ଦଳର ନେତାମାନେ ମଧ୍ୟ ଏହାର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ବର୍ଦ୍ଧିତ ଦରମା ଟିକେ ଅଧିକ ହୋଇଗଲା ବୋଲି ସେମାନେ ମଧ୍ୟ ଅନୁଭବ କରୁଛନ୍ତି । କିନ୍ତୁ ଏହା ସେମାନଙ୍କ ଅନ୍ତରର କଥା କି ଲୋକଙ୍କୁ ପ୍ରଭାବିତ କରିବାର ଏକ ଟେକ୍‌ନିକ୍ ଏହା କହିହେଉନି । ଯଦି ଏଥିରେ କିଛି ଛଳନା ନଥାଏ ତା'ହେଲେ ଖୁବ୍ ଭଲ । ଯେଉଁମାନେ ବର୍ଦ୍ଧିତ ଦରମାକୁ ବିରୋଧ କରିଛନ୍ତି ସେମାନେ ବେଶ୍ ଭଲଭାବେ ଜାଣନ୍ତି– ଜଣେ ଦି'ଜଣ ବିରୋଧ କଲେ ବିଲ୍ ବଦଳିଯିବନି, ତେଣୁ ଅଧିକ ଦରମା ନେବେନି କହିଦେଲେ କ୍ଷତି କ'ଣ? ଲୋକଙ୍କ ହୃଦୟରେ ତ ଆସ୍ଥାନ ଜମାଇ ହେବ?

ବିଧାୟକଙ୍କ ବର୍ଦ୍ଧିତ ଦରମାକୁ ନେଇ ଶାସକ ଦଳ ମଧ୍ୟ ଅକଳରେ ପଡ଼ିଯାଇଛନ୍ତି । ଶାସକ ଓ ବିରୋଧୀ ଦଳ ଏକ ସ୍ୱରରେ ଦରମା ଓ ପେନସନ ବୃଦ୍ଧି ସଂକ୍ରାନ୍ତିୟ ବିଲ୍‌କୁ ବିଧାନସଭାରେ ପାରିତ କରିଥିଲେ । ୧୦ଦିନ ତଳେ ଯେଉଁ ବିଧାୟକମାନେ ବିଧାନସଭାରେ ଦରମା ବୃଦ୍ଧି ବିଲ୍‌କୁ ଟେବୁଲ୍ ବାଡ଼େଇ ସମର୍ଥନ କରିଥିଲେ ସେଇମାନେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦଳୀୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ଏକାଥରକେ ତିନିଗୁଣା ଦରମା ଓ ଭତ୍ତା ବୃଦ୍ଧିକୁ ସହଜରେ ଗ୍ରହଣ କରିନାହାନ୍ତି ବିଜେପିର କେନ୍ଦ୍ରୀୟ ନେତୃତ୍ୱ । ଏହାଦ୍ୱାରା ଦଳ ଓ ସରକାରଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆସୁଛି ବୋଲି କେନ୍ଦ୍ରୀୟ ନେତୃତ୍ୱ ଅନୁଭବ କରିଛି, ଏଇ କାରଣରୁ ରାଜ୍ୟ ନେତୃତ୍ୱଙ୍କ ସ୍ୱର ଟିକେ ବଦଳି ଯାଇଛି ବୋଧେ !

ଯଦି ଦରମା ବୃଦ୍ଧି ବଳବତ୍ତର ରହେ ତା'ହେଲେ ଆଗାମୀ ନିର୍ବାଚନରେ ନେତାମାନେ କି ଭାଷଣ ଦେବେ ସେ ଚିନ୍ତା ଏବେଠୁ କରିବାକୁ ପଡ଼ିବ । ଭାଷଣ ଏଇଭଳି ହୋଇପାରିବ– ଏବେ ଆମର ଆଉ ଅର୍ଥ ଚିନ୍ତା ନାହିଁ, ଦରମା ବଢ଼ିବା ପୂର୍ବରୁ ଆମେ ଖୁବ୍ ଅଭାବରେ ଥିଲୁ । ତେଣୁ ଏଥରଠୁ ଆପଣମାନଙ୍କ ସେବା ଆମେ ନିଶ୍ଚିନ୍ତ ମନରେ କରିପାରିବୁ । ବଜାର ଦର ଚିନ୍ତା ଏବଂ ପେଟ ଚିନ୍ତା ନରହିଲେ ଆପଣମାନଙ୍କ ପାଇଁ ଚିନ୍ତା କରିବାର ଅନେକ ସମୟ ଆମେ ପାଇବୁ । ଆଉ କୌଣସି ବାଧା ରହିବନି । ତେଣୁ ଆମକୁ ଆପଣମାନେ ଭୁଲ୍ ବୁଝିବେନି ବୋଲି ଆଶା । ଦରମା ବୃଦ୍ଧିର ପ୍ରଭାବ ଆପଣମାନଙ୍କ ସେବା ଉପରେ କିଭଳି ପଡୁଛି ଆପଣମାନେ ଦେଖିବେ ଆଗକୁ । ଅର୍ଥ ଚିନ୍ତା ହିଁ ମଣିଷକୁ ସବୁବେଳେ ପଛକୁ ଟାଣିଥାଏ । ଅର୍ଥ ଚିନ୍ତା ନରହିଲେ ଅନେକ କାମ କରିହେବ ଆପଣମାନଙ୍କ ପାଇଁ, ଏ ଅନୁଭବ ଆପଣମାନଙ୍କର ନିଶ୍ଚେ ଥିବ । ଅର୍ଥ ଚିନ୍ତା ମଣିଷ ଜୀବନକୁ କେତେ ଦୁର୍ବିସହ କରିତୋଳେ ସେକଥା ଆପଣମାନଙ୍କୁ ବୁଝେଇ କହିବାର ବୋଧେ ଆବଶ୍ୟକତା ନାହିଁ । ତେଣୁ ଆପଣମାନେ ଆମ ପ୍ରତି ସମର୍ଥନ ଜାରି ରଖିବେ ବୋଲି ଆଶା ।

ଆଗାମୀ ଦିନରେ ନେତାମାନଙ୍କ ଭାଷଣ ଠିକ୍ ଏଇଭଳି ହିଁ ହେବ ବୋଲି ଆଶା କରାଯାଏ ।

# ମୁଁ ଅଛି - ମୁଁ ନାହିଁ



## ଅଆ-ପଣକିଆ

**ବିଜୟ ଦାସ**

**ଦୁଃ**ଖ ଏଇ ଅଛି, ଏହି ନାହିଁ, ସୁଖ ଏଇ ଅଛି ଏହି ନାହିଁ ମଝିରେ ମୁଁ ଅଛି । ଅଛି ମାନେ ଏପାଖ ସେପାଖ ସବୁ ପାଖରୁ ଆସୁଥିବା ଗରମପବନ କି ଶୀତଳ ମଳୟ ସବୁକିଛିକୁ ଅନୁଭବ କରିବି । ଏଠାରେ ମୁଁ ଏକ ବିଶେଷ ବିଶେଷ୍ୟ। ସବୁ କ୍ରିୟା ପ୍ରତିକ୍ରିୟାର ଉତ୍ସ ପୁଣି ଭାଗିଦାର। ମୁଁ ନିଶ୍ଚେ ସର୍ବକାଳୀନ ସ୍ଥିତି । ଏହାକୁ ବିସ୍ତୃତ ରୂପେ ବର୍ଣ୍ଣନା କଲେ ଏକ ମାନସ ମନ୍ଥନ ହେବ, ଠିକ୍ ସମୁଦ୍ର ମନ୍ଥନ ପରି। ବିଷ, ଅମୃତ ଓ ଯାବତୀୟ ସୁଓକୁ ପଦାର୍ଥର ଉନ୍ମୋଚନ ହେବ । ମୁଁ ଏକ ଅହଂ ମଧ୍ୟ। ମୁଁ କରିଛି, ମୁଁ ତାହା କରିଦେଲି ଓ ମୁଁ ସେୟା କରିଦେବି ଏକ ଆତ୍ମଗର୍ବ। କିନ୍ତୁ ଯେତେବେଳେ ମଣିଷ 'ମୁଁ'ର ଆସୁରିକତାକୁ ବୁଝି ଆତ୍ମଗ୍ଲାନିରେ ଆପ୍ଲୁତ ହୁଏ, ସେତେବେଳେ ମୁଁର ବିଶେଷତ୍ୱ ବଢ଼ିଯାଏ ।

ମୁଁ ଅଛି କହି ଯଦି ବିପଦ ସମୟରେ କାହାକୁ ସାହାଯ୍ୟ କରିନପାରିଲି, ସେ ମୁଁ ଥାଇ କେତେ ନଥାଇ କେତେ । ଏଠାରେ ଏହା ଏକ ଜଡ଼ ପଦାର୍ଥ ବୋଲି ପରିଗଣିତ ହେବା ଥୟ। ଅନେକ ସମୟରେ ତୁମେ ଯୁଦ୍ଧ କରିବାକୁ ବାହାରିଯାଏ, ବିଦ୍ରୋହ କରିବାକୁ ଆଗଭର ହୁଏ, ମୁଁ ଅଛି ତୁମ ପଛରେ ନିଶ୍ଚେ ଏକ କୂଟକପଟର ପରିଭାଷା। ଯେତେବେଳେ ଅଗ୍ରଭାଗରେ ଥିବା ଯୋଦ୍ଧ ଯୁଦ୍ଧ କରୁଥାଏ, ପ୍ରତିବାଦ କରୁଥାଏ, ମୁଁ ପଛରେ ଥାଇ ପଳାୟନର ପନ୍ଥା ବାଛିବା କ'ଣ 'ମୁଁ ଅଛି'ର ଅର୍ଥକୁ ବୁଝାଏ। ସେହି ମୁଁ ଅଛିର ଅର୍ଥ ସାକାର ହୁଏ ଯେତେବେଳେ ମୁଁ ମଝିରେ ଥାଏ ବା ଆଗରେ ଥାଏ । ମୁଁ ସାହସ ଦିଏ ଓ ନିଜେ ସଂଗ୍ରାମରେ ସକ୍ରୀୟ ଭାଗ ନେଇଥାଏ।

ଆଜିର ଦିନରେ ଏହି 'ମୁଁ ଅଛି' କହି ସୁରକ୍ଷାର ଘର ଖୋଜୁଥିବା ମଣିଷ ଅନେକ । ଗଛକୁ ଚଢ଼େଇ ଦେଇ ପଛରୁ ଖସିଯିବା ଲୋକ କେତେ କେତେ। ଖାଲି ସେତିକି ନୁହେଁ, ଗଲାବେଳେ ସିଡିକୁ ସାଥୀରେ ନେଇଯିବା କି ଯେ ଜଘନ୍ୟ, ତାହା ଅନୁମେୟ। ଅନେକ ସମୟରେ ଆମେ 'ମୁଁ ଅଛି' ବୋଲି ଶ୍ରୀକୃଷ୍ଣଙ୍କର ମହାଭାରତ ଯୁଦ୍ଧର ଭୂମିକାକୁ ଉଦାହରଣ ଦେଇଥାଉ। ଏଠାରେ ତର୍ଜମା କଲେ ନିଶ୍ଚେ ବେଲାଳସେନର କଥନ ହିଁ ସତ୍ୟ। ସେ ହିଁ ସବୁ କିଛି କରୁଥିଲେ ପ୍ରଚ୍ଛଦପଟ୍ଟରେ ଥାଇ । କାରଣ ସତ୍ୟ ଧର୍ମର ପ୍ରତିଷ୍ଠାର ସେ ଥିଲେ କର୍ଣ୍ଣଧାର।

ସେ ନଥିଲେ କୋଟିବସ୍ତ୍ର କିଏ ଦେଇଥାଆନ୍ତା ଦ୍ରୌପଦୀଙ୍କୁ? ମୁଁ ଅଛି ଏକ ସାହାସ, ଏକ ପ୍ରେରଣା ଓ ଏକ ଅନର୍ଥ ଶକ୍ତି। ଦୁଃଖ ଜର୍ଜରିତ ଜନତା ପାଖରେ ପହଞ୍ଚି ନେତା ଯଦି 'ମୁଁ ଅଛି' କହି ସାହାଯ୍ୟର ହାତ ବଢ଼ାଏ ତାହାହେଲେ ସେ ସତରେ ନେତା। ମୁଁ ଅଛି କହି କହି କେବଳ ଭାଷଣବାଜି କଲେ କିଛି ଲାଭନାହିଁ । ମୁଁ ଯଦି ମୋ' ପରି ତାହାହେଲେ ଏହାର ପରିଭାଷା ଅନେକ । ଶ୍ରୀରାମ ଯଦି ମୁଁ ଭିତରେ, ରାବଣ ତା'ର ମୁଁ ଭିତରେ । ଏହି ଅହଂବାଦର ଦୁଇଟି ଅର୍ଥ । ଦାନବୀୟ ଓ ଆସୁରିକ । ମଝରେ ଆମେ ସବୁ ମାନବୀୟ ମୁଁ ଭିତରେ କେତେବେଳେ ଅମୃତର କେତେବେଳେ ହଳାହଳ ବିଷର।

ଯେତେବେଳେ ମୁଁ ମୋ' ଭିତରୁ ବାହାରି ଅନ୍ୟଠାରେ ପ୍ରକଟ ହୁଏ, ସେତେବେଳେ ମୁଁର ସାର୍ଥକତା ଆସେ ଯେପରି 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ'ର ଭାବାର୍ଥ। ମାନବ ସମାଜ ପାଇଁ ସମର୍ପିତ ଏକ ଏକ ମୁଁ'ର ସମଷ୍ଟିରେ 'ଆମେ' ହୋଇଯାଏ । ଏକ ମନ ଏକ ପ୍ରାଣ ହୋଇ ମାନବ ଜାତିର କଲ୍ୟାଣକୁ ଏହି 'ଆମେ' ଅଗ୍ରସର ହେଲେ, ଜାତିର, ଧର୍ମର, ଦେଶର ଓ ଦଶର ବିକାଶ ହେଉଥାଏ । ମୁଁ ମୋ ଭିତରେ ଅଛି ଆମେ ଏକାନ୍ତ ବ୍ୟକ୍ତିଗତ ଓ ସ୍ୱାର୍ଥପରତା। ଅନେକ ସମୟରେ ଏ ମୁଁ'କୁ ଠାବ କରିବା କଷ୍ଟକର । ଯେତେବେଳେ ଜଣେ ଲେଖକ କିଛି ଲେଖା ଛାଡ଼ିଯା, ଏବଂ ସେହି ଲେଖା ଭିତରୁ ତାଙ୍କୁ ପାଠକ ଆବିଷ୍କାର କରେ ସେତେବେଳେ 'ମୁଁ'ର ପରିସୀମା ସର୍ବଯୁଗ ବା ସବୁ ସମୟ ବ୍ୟାପି ହୋଇଥାଏ ।

ମୁଁ ଅଛି କହିବା ଯେତେ ସହଜ, ସେତେ ସହଜ ନୁହେଁ ନିଜର ଉପସ୍ଥାନ ଜାହିର କରିବା। କେବଳ ଆାବାସନା ଦେଲେ ହୁଏନାହିଁ? ବରଂ ସହଯୋଗର ହାତ ବଢ଼ାଇବାକୁ ହୁଏ । ମୁଁ ଅଛି ଯଦିଓ ସକରାତ୍ମକ ବାକ୍ୟ କିନ୍ତୁ ଆଭିମୁଖ୍ୟ ନକରାତ୍ମକ ନହେଉ ।

### ମୁଁ ନାହିଁ

ମୁଁ ଅଛି ଯେପରି ଦୃଢ଼ତା, ମୁଁ ନାହିଁ ସେପରି ପଳାୟନପନ୍ଥୀ ଚିନ୍ତାଧାରା । ଭଲରେ ନାହିଁ, ମନ୍ଦରେ ନାହିଁ, ଏହି ନାହିଁ ନାହିଁର ଦୁନିଆ ଭିତରେ ଏକମାତ୍ର ନକରାତ୍ମକ ଚିନ୍ତାଧାରା ହେଲା ମୁଁ ନାହିଁ । କୌଣସି ବିପଦ ସମୟରେ ଯେ ମୁଁ ନାହିଁ କହିବାରେ ଅର୍ଥାତ୍ କୌଣସି ଘଟଣାକୁ ସାମ୍ନା କରି ନପାରି ସେଠାରେ ମୁଁ ନଥିଲି, ମୁଁ କିଛି ଜାଣେନାହିଁ ଏକ କାପୁରୁଷତାର ପରିଚାୟକ ନୁହେଁ କି । ଅନ୍ୟାୟ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିଶ୍ଚେ ସାହାସିକତାର କାର୍ଯ୍ୟ । କେବଳ କାଦୁଅକୁ ଯାଉଛି କିଏ ଗୋଡ଼ ଧୋଉଛି କିଏର ମାନସିକତାରେ ରହିଲେ କ'ର ପଙ୍କରୁ ପଦ୍ମତୋଳି ହେବ?

ଯିଏ ସବୁଠାରେ ଥାଏ, ସିଏ ଯେତେ ମୁଁ ନାହିଁ କହିଲେ ବି ବିଶ୍ୱାସ ହୁଏନା ଯେମିତି ପବନ, ଯେମିତି ସୌରରଶ୍ମୀ, ଯେମିତି ଜଳରାଶି, ଯେମିତି ଏ ମାଟି । ସେସବୁକୁ ପାଇଲେ ବୁଝାଯାଏ ସେ ଅଛି । ନ ପାଇଲେ ନାହିଁ ବୋଲି କହିବି ହେବନାହିଁ । ଭୁଲ୍ କରିବା ମଣିଷର ଅଜାଣତରେ ବି ହୋଇପାରେ । ମାତ୍ର ଭୁଲ୍ ସ୍ୱୀକାର କରିବା ହିଁ ପୌରୁଷତ୍ୱ। ଏମିତି କେହି ନାହିଁ, ଯିଏ ଭୁଲ୍ କରିନାହିଁ । ଭୁଲ୍ କରି ପ୍ରାୟଶ୍ଚିତ କରିବା ବା ଭୁଲ୍‌ରୁ ଠିକ୍ କ'ଣ ଜାଣିବା ହିଁ ପ୍ରକୃତ ବିଜ୍ଞତା ।

ମୁଁ ନାହିଁ, ମାନେ ମୋର ଅସ୍ତିତ୍ୱ ନାହିଁ । ଏହା କିପରି ସମ୍ଭବ? ବିଶାଳ ବଟବୃକ୍ଷର ମୂଳଗଣ୍ଡି ଲୋପ ପାଇଲା ପରେ ବି ତା'ର ଚେରମୂଳ ବି ଅସ୍ତିତ୍ୱର ପ୍ରମାଣ ଦିଏ। ସେହିପରି ମଣିଷ ପରେ ମଣିଷ ତା'ପରେ ବି ମଣିଷ ହିଁ 'ମୁଁ ଅଛି'ର ପ୍ରମାଣ। କାଳଜୟୀ ମାନବ କେବେ ମରେ ନାହିଁ । ତା'ର କୃତି, ତା'ର ଅବଦାନ ହିଁ ପ୍ରମାଣ କରୁଥାଏ ଅସ୍ତିତ୍ୱର । ଏରୁ ସେ କେବେ କହିନାହିଁ ମୁଁ ନାହିଁ ବୋଲି। ମୁଁ ନାହିଁ ଏକ ଛଳନା ବି ହୋଇପାରେ। କରି କରାଉଥାଏ ମୁହିଁ, ମୋ ବିନା ଅନ୍ୟ ଗତି ନାହିଁ ବୋଲି ପ୍ରଭୁଙ୍କ ବାଣୀ । ତାଙ୍କଇୁ ସ୍ୱଶରୀରେ ଦ ଦେଖିଲେ ମଧ୍ୟ ସେ ନାହାନ୍ତି ବୋଲି କେହି କ'ଣ କହିପାରେ । ବିଜ୍ଞ ବ୍ୟକ୍ତିର ଭକ୍ତି । ଯେଉଁସବୁ କାର୍ଯ୍ୟ ସମାଜର ଅନିଷ୍ଟକାରୀ ସେସବୁ କାର୍ଯ୍ୟରେ ନିଜକୁ ଦୂରେଇ ରଖିବା ଭଲ । ସେଠାରେ 'ମୁଁ ନାହିଁ' ଏମନ୍ତ କାର୍ଯ୍ୟରେ ନିଶ୍ଚେ ପ୍ରଶଂସାଯୋଗ୍ୟ । ଅନେକ ସମୟରେ ଆମେ କହୁ, ମୋର ବାପା ନାହାନ୍ତି, ମାଆ ନାହାନ୍ତି, କିନ୍ତୁ ଚିନ୍ତା କଲେ, ତାଙ୍କ ଦେଇଥିବା ସଂସ୍କାର, ତାଙ୍କର ମାର୍ଗଦର୍ଶନ, ଉପଦେଶ ପରା ଆମ ସାଥୀରେ ଅଛି । ସେ ନାହାନ୍ତି କେମିତି? ସେ ନଥିଲେ କ'ଣ ହେବ, ତାଙ୍କର ଦାୟାଦମାନେ ଅଛନ୍ତି ମାନେ ବଂଶ ବୃକ୍ଷ ରହିଛି, ରହିବ ।

କାହା ଭିତରେ କିଏ ନାହିଁ ତାହା ଏକ ଅତିବିଶିଷ୍ଟ କଥା । ଯେପରି କି ମୋ ଭିତରେ ରାଗ ରିପୁନାହିଁ, ଅହଂ ନାହିଁ, ପରଶ୍ରୀପାତରତା ନାହିଁ ଇତ୍ୟାଦି । ସବୁଠାରୁ ବଡ଼ କଥା ଯିଏ କହେ ମୋର ଅହଂ ନାହିଁ। ଏହି ଅହଂଟି ମଧ୍ୟ ମୁଁ। ମୁଁ ନାହିଁ ଏକ ସଫଳତାରେ ଅହଂଶୂନ୍ୟ ବାଣୀ । ମୁଁ ଏହା କରିନାହିଁ ଏକ ସମର୍ପଣ ଭାବ । କିନ୍ତୁ ମୋର ଜ୍ଞାନ ନାହିଁ ଏକ ଛଳନା । ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ପରି ଛଳନାତ୍ମକ କ୍ରିୟା କେବେହେଲେ ମୁଁ ନାହିଁର ସଂକେତ ଦେବନାହିଁ ।

ମୋହମାୟା ନାହିଁ କହିଲେ କି ହୁଏ । ମୋର କାମନା ନାହିଁ କହିଲେ ମଧ୍ୟ ହୁଏନାହିଁ । କାମନାର ବିନାଶରେ ଦୁଃଖର ବିନାଶ କହିଥିବା ଗୌତମ ବୁଦ୍ଧଙ୍କର ପୁଣି ତ ନିର୍ବାଣର କାମନା ଥିଲା । ଏଣୁ ସବୁଠାରୁ ଭଲ ମୁଁ ମୋ ପାଖରେ କେଉଁ କାମନା ରଖିବି ଓ କାହାକୁ ବର୍ଜନ କରିବି ।

*ଅନନ୍ତବିହାର, ଫେଜ୍–୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

# ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ...

**■ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ■**

**ଉ**ଦାର ଚିତ୍ତ ବ୍ୟକ୍ତି ନିମିତ୍ତ ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ । ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି । ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ । ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମିତ୍ତ ଚେଷ୍ଟାକରନ୍ତି । ସାଧୁ ମହାମାନବ ଏବଂ ସଜ୍ଜନଗଣ ବୃକ୍ଷ ସଦୃଶ । ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ । ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି । ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ୍ୟ ଫଳଦାନ କରିଥାଏ, ହିଂସାର ଉତ୍ତର ହିଂସା ନୁହେଁ କ୍ଷମା । ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍ । କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ । କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା । ଉଦାର ମନୁଷ୍ୟ ନିମିତ୍ତ ଧନ, ବୀର ପୁରୁଷଙ୍କ ନିମିତ୍ତ ମୃତ୍ୟୁ, ବିରକ୍ତଙ୍କ ନିମିତ୍ତ ସ୍ତ୍ରୀ ଓ ନିଷ୍ପୃହଙ୍କ ନିମିତ୍ତ ସଂସାର ତୃଣ ସମାନ ବୋଧ ହୁଏ । ଅର୍ଥାତ୍ ଅତି ତୁଚ୍ଛ ଅଟେ । ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୁକ, ପରଦୋଷ ଦେଖିବାରେ ଅନ୍ଧ, ତୁଗୁଲି କରିବାରେ ବଧିର ଭଳି ହୋଇଥାଆନ୍ତି । ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପିର କାଟିବା ଯନ୍ତ୍ରକୁ ସେ ବାସ ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ଯାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି । ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି । ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବଞ୍ଚାଇବାକୁ ଯାଇ ନିଜର ମାଂସକୁ ମଧ୍ୟ ପ୍ରଦାନ କରିଥିଲେ । ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ । ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ରନିର୍ମିତ ହୋଇଥିଲା । ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ ।

ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତ୍ତିକୁ ମାଟିରେ ପୋତି ଦେଇଥାଏ । ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ୍ୟ ଲାଗେନାହିଁ । କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ । ତଥାପି ତା'ର ମନ ଅତି ଆନନ୍ଦିତ । କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା । ସେ ଭାବେ ଦାତା ଏକ ରାମ ଔର ଭିକାରୀ ସାରେ ଦୁନିଆଁ । ସବକୋ ଦେତା ହୈ ଏକହି ଦାତା । ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ । ଆଜି ମନୁଷ୍ୟ ମଧ୍ୟରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉନାହିଁ । ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତ୍ତି ଠୁଳ କରୁଛି । ପାପ ଅର୍ଜିତ ସେହି ସମ୍ପତ୍ତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡୁଛି । କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡୁଛି । ମଣିଷ ଭାବେ ସମ୍ପତ୍ତି ନେଇ ସେ ସୁଖି ହେବ କିନ୍ତୁ ଯେଉଁ ସମ୍ପତ୍ତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ । ସମ୍ପତ୍ତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭାଜନ କରିପାରେ । ମନଟି ତା'ର ସର୍ବଦା ଥାଏ ସମ୍ପତ୍ତି ପାଖରେ । ଯୁଗପୁରୁଷୋମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ । ମଣିଷର ଲୋଭ ପ୍ରବୃତ୍ତି ହିଁ ତା'ଅଶାନ୍ତିର ମୂଳକାରଣ ହୋଇଥାଏ । ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି । ସେତିକିରେ ଶାନ୍ତି ନରହି ଅଶାନ୍ତ ହୋଇ ଉଠୁଛି ଆହୁରି କିଛି ଜମି, ଜାଗା କିଣିବା ପାଇଁ । ବାସ୍ତବରେ ମଣିଷ ଭିତରେ ଉଦାର ପଣିଆଟିକକ ଲୋପ ପାଇଗଲେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ । ଜୀବନରେ ଯେତିକି ଆବଶ୍ୟକ ସେତିକିକୁ ନେଇ ଚଳିପାରିଲେ ଶାନ୍ତି ମିଳିବ । ଆମେ ଭାବନ୍ତି ବହୁ ସମ୍ପତ୍ତି ହେଲେ ଉପଭୋଗ କରିବାର ସୁବିଧା ମିଳିଯିବ । ଏହା କିନ୍ତୁ ପରମେଶ୍ୱର ସହନ୍ତିନାହିଁ । ଯେଉଁଲୋକ ଯେତିକି ସମ୍ପତ୍ତି ଠୁଳକରେ ସେ ସେତିକି ଦୁଃଖି ହୋଇଥାଏ । ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ । ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ । ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନ୍‌କୁ ତଡ଼ି, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ । ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ୍ୟ ଜଗାଇମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କୁ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବିଶ୍ୱବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି । ଆମେ ସେହି ଏକ ପରମପିତାଙ୍କର ସନ୍ତାନ ସନ୍ତତି ହୋଇ ଚଳିବା ଉଚିତ୍ ।

### ଅନ୍ତର୍ଜାତୀୟ ମାନବ ଏକତା ଦିବସ

ପ୍ରତିବର୍ଷ ଡିସେମ୍ବର ୨୦ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଅନ୍ତର୍ଜାତୀୟ ମାନବ ଏକତା ଦିବସ । ଏକତାକୁ ଏକ ମୌଳିକ ଓ ବିଶ୍ୱ ମୂଲ୍ୟବୋଧ ଭାବେ ୨୦୦୫ରେ ଜାତିସଂଘ ଘୋଷଣା କରିଥିଲା । ବିଶ୍ୱସ୍ତରୀୟ ବିଷୟ ଓ ସମସ୍ୟା ଗୁଡ଼ିକୁ ମିଳିତ ଭାବେ ସାମ୍ନା କରିବା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ଦିବସ ତାହା ଆମକୁ ମନେପକାଇଦିଏ । ବିଶ୍ୱରେ ବିକାଶ ଲକ୍ଷ୍ୟ ପୂରଣରେ ଏକତା ହିଁ ଏକମାତ୍ର ରାସ୍ତା । ବିଶ୍ୱର ସମସ୍ତ ସମସ୍ୟା ସମାଧାନର ଏକମାତ୍ର ପନ୍ଥା ଏକତା ବୋଲି ଜାତିସଂଘର ସାଧାରଣ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବାସୀ ଗୋଟିଏ ପରିବାରର ସଦସ୍ୟ ଭାବେ କାର୍ଯ୍ୟ କରିବା ଉଚିତ, ଫଳରେ ବୃହତ୍ ଲକ୍ଷ୍ୟ ସାଧନ ସହଜ ହେବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହିତ ସମସ୍ତେ ଗୋଟିଏ ସମୁଦାୟର ବୋଲି ମନେକରିବା ଉଚିତ । ଦାରିଦ୍ର୍ୟ ଦୂରୀକରଣରେ ଏକତାର ମୂଲ୍ୟବୋଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ମଧ୍ୟ ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ଏ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ମେଳନ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ନୂଆ ପନ୍ଥା ବାହାର କରିବାକୁ ଲୋକଙ୍କୁ ଉତ୍ସାହିତ କରାଯାଏ। ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ନିଷିଦ୍ଧ କରିବା, ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଚିକିତ୍ସା ଯୋଗାଇଦେବା, ପ୍ରାକୃତିକ କିମ୍ବା ମାନବକୃତ ବିପର୍ଯ୍ୟୟରେ ପୀଡ଼ିତ ବ୍ୟକ୍ତିଙ୍କୁ ଉପଶମ ବ୍ୟବସ୍ଥା, ଶିକ୍ଷା, ଆତଙ୍କବାଦ, ଦୁର୍ନୀତି ଓ ଦାରିଦ୍ର୍ୟ ବିରୋଧରେ ଲଢ଼େଇ ଆଦି ପ୍ରମୁଖ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଅଭିଯାନ ମାଧ୍ୟମରେ ପ୍ରୋତ୍ସାହିତ କରାଯାଏ ।

*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ମୋ : ୯୪୩୭୦୫୧୯୫୭*

# ବିଶ୍ୱରାଜନୀତିରେ ଅନିଶ୍ଚୟତା

**■ ମାୟାଧର ନାୟକ ■**

**ବି**ଶ୍ୱ ରାଜନୀତିକୁ ପ୍ରବେଶ କରିବା ପୂର୍ବରୁ ଭାରତୀୟ ରାଜନୀତି ସଂପର୍କରେ କିଛି କଥା। ଆମେ ଯଦି ଏଇ କେତେବର୍ଷର ଭାରତର ଇତିହାସକୁ ଲକ୍ଷ୍ୟ କରିବା – ତା'ହେଲେ ଆମ ନେତାମାନଙ୍କର ହୀନମନ୍ୟତା, ତାଙ୍କ ପୂର୍ବସୂରିମାନେ କରିଥିବା ଭୁଲ ଏବଂ ଅକ୍ଷମଣୀୟ କାର୍ଯ୍ୟରୁ କିଛି ଶିଖିବାଭଳି ମନେହେଉନି। ୧୯୭୫ରେ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରିକାଳୀନ ପରିସ୍ଥିତି ଘୋଷଣା କଲେ ଜୁନ୍ ୨୬ ତାରିଖରେ । ରାତାରାତି ଦେଶର ଜୟପ୍ରକାଶ ନାରାୟଣଙ୍କ ସମେତ ବହୁ ତୁଙ୍ଗନେତାଙ୍କୁ ବନ୍ଦୀକଲେ। ଆମ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଗିରଫ ହୋଇ କଟକ ସେଣ୍ଟ୍ରାଲ ଜେଲରେ ରହିଲେ । ଏ ଅଧୀନ ପରଦିନ ଗିରଫ ହୋଇ ସେଇ ଜେଲକୁ ଆସିଲା।। ଜରୁରୀକାଳୀନ ପରିସ୍ଥିତିରେ ଇନ୍ଦିରା ଗାନ୍ଧୀଙ୍କ ସାନପୁତ୍ର ସଞ୍ଜିବ ଗାନ୍ଧୀଙ୍କ ମନମାନି ରାଜୁତି ଚାଲିଲା।। କଂଗ୍ରେସଦଳର ମହାମହାନେତା ଯୁବକ ରାଜୀବ ଗାନ୍ଧୀଙ୍କୁ ଭୟ–ଖୋସାମତ କରିବାକୁ ବା ହେଲେ। ଗଣମାଧ୍ୟମ, ଦେଶବାସୀ ଭୟଭୀତ। କିନ୍ତୁ ଭିତରେ ଭିତରେ 'ନିରବ ବିପ୍ଳବ' ଚାଲିଲା। ୧୯୭୭ରେ ଜରୁରିକାଳୀନ ପରିସ୍ଥିତି ଉଠାଇ ସାଧାରଣ ନିର୍ବାଚନ ଘୋଷଣା ହେଲା।। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଛ'ଦଳିଆ ମେଣ୍ଟ ଭାରତୀୟ ଜନତା ଦଳ ଗଠନକରି କଂଗ୍ରେସ ବିରୋଧରେ ଲଢିଲେ। ଇନ୍ଦିରା ଗାନ୍ଧୀ ହାରିଗଲେ। ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱରେ ସରକାର ଚାଲିଲା।। ସେତେବେଳେ ପୂର୍ବ ଜନସଂଘର ବାଜପେୟୀ, ଆଡଭାନୀ ଦୁଇଜଣ ଜିତି ମନ୍ତ୍ରୀହୋଇଗଲେ। ଏଇ ଛ'ଦଳିଆ ନେତାଙ୍କ ମଧ୍ୟରେ ସ୍ୱାର୍ଥ ଅହଂକାର ପାଇଁ ୧୨ ଦଳରେ ବିଭକ୍ତ ହେଲେ। ୧୯୮୦ ମସିହାରେ ସାଧାରଣ ନିର୍ବାଚନ। ପୁଣି ଇନ୍ଦିରା ଗାନ୍ଧୀ ବହୁମତରେ ଜୟଲାଭକରି ପ୍ରଧାନମନ୍ତ୍ରୀ ଗାଦିରେ ବସିଲେ। ସବୁଠ ବେଶି ଦୁଃଖଦାୟକ ହେଲା– ଇନ୍ଦିରା ଗାନ୍ଧୀ କିଂବା ବିରୋଧୀଦଳ ତାଙ୍କ ବିଫଳତାରୁ କିଛି ଶିଖିଲେ ନାହିଁ।

ଇନ୍ଦିରା ଗାନ୍ଧୀ ତାଙ୍କ ୩ୟ ପାଳିରେ ଦେଶବାସୀଙ୍କୁ ସ୍ୱଚ୍ଛ ପିଇବାପାଣି, ସବୁଘରକୁ ବିଜୁଳିଆଲୁଅ ଦେବାପାଇଁ ଘୋଷଣା କଲେ। ଏହି ଘୋଷଣାର ସପ୍ତାହକ ଭିତରେ ବଡ଼ଦୁର୍ନୀତି ମୁଣ୍ଡଟେକିଲା । ବଜେଟର ଅର୍ଥବ୍ୟବସ୍ଥାରେ ପରିବର୍ତ୍ତନକରି ଯେଉଁମାନେ ଇନ୍ଦିରା ଗାନ୍ଧୀ ଯେତେବେଳେ କ୍ଷମତାରେ ନଥିଲେ– ସାହାଯ୍ୟ ସହଯୋଗ କରିଥିଲେ – ସେମାନେ ସବୁ ସୁବିଧାସୁଯୋଗ ପାଇଲେ। ଲଣ୍ଡନରେ ବ୍ୟବସାୟ କରୁଥିବା ବେପାରୀ ସ୍ୱରାଜ ପାଲ, ଅରୁଣ ଭଗତ ରାମ, ରାଜନ ନନ୍ଦା ପ୍ରମୁଖ ଯେଉଁମାନେ ରାଜୀବ ଗାନ୍ଧୀ ଡୁନ୍ ସ୍କୁଲରେ ସହପାଠୀ ଥିଲେ – ସେମାନେ ଏର୍ସକଟ୍ ଓ ଡି.ସି.ଏମ୍.ରେ ଲକ୍ଷଲକ୍ଷ କୋଟି ଡଲାର ଖଟାଇଥିଲେ। ବିଜୁ ପଟ୍ଟନାୟକ ସ୍ୱରାଜ ପାଲକୁ ଆଣି କଳିଙ୍ଗନଗର ଜଖପୁରାରେ ଇସ୍ପାତକାରଖାନା କରିବାପାଇଁ ଦୁଇଟି କଦମ୍ବଗଛ ପୋତି ଶୁଭଦେଲେ। ୧୯୮୦ରୁ ଆଜି ୨୦୨୩ ମସିହା ସେ କଦମ୍ବଗଛ ନାହିଁ କି ସ୍ୱରାଜ ପାଲ ମାଟିରେ ଖୁଣ୍ଟ ପୋତିନି । ସେଇ ୧୯୮୦ ମସିହାରେ ରଙ୍ଗିନ୍ ଟିଭିର ପ୍ରଚଳନକରି ୧୯୮୨ ମସିହାରେ 'ଏସିଆନ୍ ଗେମସ୍' ଅନ୍ୟାନ୍ୟ ବିଶ୍ୱସଂସ୍ଥାର ପ୍ରଚାରକରାଯାଇ ଇନ୍ଦିରା ଗାନ୍ଧୀଙ୍କୁ ବିଶ୍ୱନେତା ଭାବେ କଂଗ୍ରେସଦଳ ଧୂମ୍ ପ୍ରଚାର କଲେ। କିନ୍ତୁ ଇନ୍ଦିରା ଗାନ୍ଧୀ ଖଲ୍ଲିସ୍ଥାନ ଉଗ୍ରବାଦୀଙ୍କୁ ଦମନକରିବା ଫଳରେ ତାଙ୍କର ପତନ ଆରମ୍ଭ ହେଲା। ଶିଖ୍ ସଂପ୍ରଦାୟର ଜଣେ ଦେହରକ୍ଷୀ ଗୁଳିରେ ସବୁଦିନପାଇଁ ଟଳିପଡିଲେ ।

୧୯୮୫ରେ ସାଧାରଣ ନିର୍ବାଚନରେ ତାଙ୍କ ବଡ଼ପୁଅ ପାଇଲଟ୍ ରାଜୀବ ଗାନ୍ଧୀ ମା' ଛେଉଣ୍ଡ ପୁଅ କହି ଭୋଟ୍ ଭିକ୍ଷାକଲେ – ଜିତିଲେ– ପ୍ରଧାନମନ୍ତ୍ରୀ ହୋଇ ସରକାର ଚଳାଇଲେ। ରାଜୀବ ଗାନ୍ଧୀ ମଧ୍ୟ କିଛି ଶିଖିଲେ ନାହିଁ । ଶ୍ରୀଲଙ୍କା ତାମିଲ ସଂପର୍କିତ ଘଟଣାରେ ତାଙ୍କୁ ଗୁଳିକରି ହତ୍ୟାକରାଗଲା। ଏଇ ୧୯୮୫ରୁ ୨୦୧୪ ପର୍ଯ୍ୟନ୍ତ ପି.ଭି. ନରସିଂହ ରାଓ, ମନମୋହନ ସିଂ, ଭି.ପି. ସିଂ, ଆଇ.କେ. ଗୁଜରାଲ, ଦେବଗୌଡା, ଚରଣ ସିଂ, ଅଟଳ ବିହାରୀ ବାଜପେୟୀ ପ୍ରମୁଖ କେତେ ପ୍ରଧାନମନ୍ତ୍ରୀ ଗଲେଣି । ଏବେ ନରେନ୍ଦ୍ର ଦାମୋଦର ମୋଦି ପ୍ରଧାନମନ୍ତ୍ରୀ ଅଛନ୍ତି ।

କାଶ୍ମୀରରେ ମାନବାଧିକାର ଉଲ୍ଲଂଘନ, ଉତ୍ତରପ୍ରଦେଶ, ମଣିପୁରରେ ହିଂସା। ଖ୍ରୀଷ୍ଟିୟାନ୍ ପାଦ୍ରି ଓ ଚର୍ଚ୍ଚ ଉପରେ ଆକ୍ରମଣ ଦେଶର ବିଭିନ୍ନ ସ୍ଥାନରେ ଘଟିଚାଲିଛି। ଆମେରିକା ରାଷ୍ଟ୍ରପତି ବାଇଡେନ୍ ମୋଦିଜୀଙ୍କୁ ଭଲଦୃଷ୍ଟିରେ ଦେଖିବେ କି? ଏଣେ ରୁଷ–ୟୁକ୍ରେନ ଯୁଦ୍ଧ ବର୍ଷାଧିକକାଳ ଚାଲିଛି। ଭାରତ ଡିଜେଲ ପାଇଁ ରୁଷକୁ ବିରୋଧ କରିପାରୁନି କି ମାନବିକତା ଦୃଷ୍ଟିକୋଣରୁ ୟୁକ୍ରେନକୁ ସମର୍ଥନ କରିପାରୁନି । ନିରବ ରହିବା ଅର୍ଥ ଅନ୍ୟାୟକୁ ସମର୍ଥନ କରିବା ନୀତିରେ ଭାରତ ବଡ଼ ଅଡୁଆରେ ପଡିଛି। ଖାଲି ଭାଷଣରେ କାମ ହୁଏନି – କଥା ଓ କାମରେ ଫରକ ରହିଲେ ଇଜ୍ଜତ ରହିବ ତ? ଏବେ ଖାଲି ଧୂମ୍ ପ୍ରଚାର। ମୋଦିଜୀ ବିଶ୍ୱଗୁରୁ ହେବାକୁ ଯାଉଛନ୍ତି।

ଆପଣମାନଙ୍କର ସ୍ମରଣ ଥିବ– ଆଲେକ୍‌ଜାଣ୍ଡାର ବିଶ୍ୱବିଜୟୀ ହେବାକୁ ଚାହିଁଥିଲେ – ସେ ସବୁଠୁ ବଡ଼ଭିକାରି ହୋଇ ୩୩ବର୍ଷରେ ମରିଗଲେ। ହିଟ୍‌ଲର୍ ପୃଥିବୀର ହିରୋ ହେବାକୁ ଯାଇ ଶେଷରେ ଜିରୋ ହୋଇଗଲେ। ଏଇଭଳି ଗଦାଗଦା ଉଦାହରଣ ଅଛି। ଟାଟା କମ୍ପାନୀ ଆମ ଓଡିଶାରୁ ଲୁହାପଥର, କ୍ରୋମାଇଟ୍ ନେଇ ଜାମସେଦ୍‌ପୁରରେ ୧୯୦୭ରେ ଷ୍ଟିଲପ୍ଲାଣ୍ଟ ଓ ୨୦୦୭ରେ କଳିଙ୍ଗନଗରରେ ଷ୍ଟିଲ୍‌ପ୍ଲାଣ୍ଟ୍ କଲା। ଲୁଣଠୁ ଉଡାଜାହାଜ ବିକି ଧନୀ। କଂଗ୍ରେସ ସରକାରଙ୍କୁ ଏକପ୍ରକାର ଚଳାଉଥିଲା। ଆମ ଓଡିଶାରୁ ଜମି, ଜଳ, ଖଣି ବିଜୁଳିନେଇ ଠକିଦେଲା। ଗୋପାଳପୁରରେ ତା'ଦ୍ୱାରା ନିର୍ମିତ ଡାକ୍ତରଖାନାକୁ ବିକିବାକୁ ଟେଣ୍ଡର ଡାକିଲା। ବର୍ଷବର୍ଷର ଖାତିରି ପାଣିରେ ମିଳେଇଯାଉଛି।

ସବୁଠୁ ବେଶି ଭୟଙ୍କର ଭାବେ ଭାରତ ବିଶ୍ୱଦୁର୍ନୀତିର ନାଗଫାଶରେ ପଡିଯାଇଛି। ବିଶ୍ୱର ଦୁଇନମ୍ବର ଧନୀ ଗୌତମ ଆଦାନୀକୁ ମୋଦିଜୀ ଆଖିବୁଜି ସବୁକିଛି ଠିକାଦାରୀ କାମ ସମର୍ପିଦେଲେ। ଏ ଆଦାନୀ ମହାଶୟ ସବୁବ୍ୟବସାୟରେ ମୁଣ୍ଡପୂରାଇ ବିଜେପି ସରକାରକୁ ଏକପ୍ରକାର ଚଳାଉଥିଲା – ଏବେ ଦାଣ୍ଡର ଭିକାରି ହେବାକୁ ଯାଉଛନ୍ତି। ଆଉ ମୁକେଶ ଅମ୍ବାନୀବାବୁ ପବନ ବିକି ସବୁ ଭାରତୀୟଙ୍କ ଅର୍ଥମୁଣିକୁ କଣା କରିଦେଇଛି। ତାକୁ ବି ସରକାର ସବୁ ସୁବିଧାସୁଯୋଗ ଦେଇଛନ୍ତି । ମୁକେଶ ଅମ୍ବାନୀ ପତ୍ନୀପୁତ୍ରମାନଙ୍କ କଥା ଶୁଣିଲେ ଭାରତର କୋଟିକୋଟି ଜନଗଣ ମୁଣ୍ଡରେ ହାତ ଦେଉଛନ୍ତି । ଅମ୍ବାନୀପତ୍ନୀ ନୀତା ୧୯୦ କୋଟି ଟଙ୍କାର ମୋବାଇଲ ଧରୁଛନ୍ତି। ୪୦୦ କୋଟି ଟଙ୍କାର ହୀରା ଉପହାର ଦେଉଛନ୍ତି । ତାଙ୍କ ଧନପାଖରେ ଚଳଚ୍ଚିତ୍ର ଜଗତର ହିରୋହିରୋଇନ୍‌ମାନେ ଲାଇନ୍ ଲଗାଇଛନ୍ତି। ଜଣେ ଧନୀ ହୋଇପାରେ – ସେ ସମାଜକୁ କ'ଣ ଶିକ୍ଷା ଦେଉଛି – ଏତେ ଛଇଛଟକ କାହିଁକି? ଏବେ ବିଦେଶରେ ତାଙ୍କ ଭିସା ଜାଲପାଇଁ କୋଟିକୋଟିଟଙ୍କା ଜୋରିମାନା ଦେଇଛନ୍ତି। କେବଳ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ଟାଟା କମ୍ପାନୀ ନୁହେଁ – ଆହୁରି ଅନେକ ଶିଳ୍ପପତି ଲାଭର ଲୋଭରେ ପଡି ସରକାରଙ୍କଠାରୁ ସବୁ ସୁବିଧାସୁଯୋଗ ନେଇ ଜନଗଣଙ୍କ ସଂପତି ରାତିଦିନ ଲୁଟ୍ କରିବାରେ ବ୍ୟସ୍ତ। ଏ ରଙ୍ଗ ସବୁଦିନ ପାଇଁ ରହିବ ତ?

*ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

# ବଉଳ ଅମାବାସ୍ୟା

**■ ଗଙ୍ଗାଧର ସାମଲ**

**ପୌ**ଷ ମାସ ଅମାବାସ୍ୟା ଦିନଟି ବଉଳ ଅମାବାସ୍ୟା ଭାବେ ଓଡ଼ିଶାର ଘରେ ଘରେ ପାଳିତ ହୋଇଥାଏ। ସାଧାରଣତଃ ଏହି ସମୟରେ ଆମ୍ବ ଓ ପଣସ ଗଛଗୁଡ଼ିକରେ ବଉଳ ବା ଫଳକଷି ଧରେ। ଲୋକମାନଙ୍କ ମନରେ ବିଶ୍ୱାସ ଯେ ବଉଳ ଅମାବାସ୍ୟା ଦିନ ବିଧି ଅନୁସାରେ ଗଛ ମାନଙ୍କର ପୂଜା କଲେ, ଗଛରେ ବହୁତ ଫଳ ହୁଏ । ବଉଳ ଅମାବାସ୍ୟା ପାଳନର ବିଧିବିଧାନ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଦେଖାଯାଏ । ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ସକାଳ ଧୂପରେ ଗଇଁଠା ପିଠାସହ ବଉଳ ଲାଗି ହୁଏ। ଓଡ଼ିଆ ଘରଣୀମାନେ ପବିତ୍ରତାର ସହିତ ଉତ୍ସବଟିକୁ କେତେକ ଅଞ୍ଚଳରେ ପାରମ୍ପରିକ ରୀତିରେ ପାଳନ କରନ୍ତି। ଘରେ ଗଇଁଠା ପିଠା ତିଆରି କରାଯାଏ। ଉକ୍ତଦିନ ବାଡ଼ିରେ ଥିବା ଆମ୍ବ, ପଣସ, ନଡ଼ିଆ, ଗୁଆ, ପିଜୁଳି ଆଦି ଗଛ ମୂଳରୁ ଘାସ, ଅନାବନା ଗଛ ଓ ଲତା ପରିଷ୍କାର କରାଯାଏ। ଗୋବର ପାଣିରେ ଗଛମୂଳକୁ ଲିପାଯାଇଥାଏ। ତାପରେ ସେହି ଗଛ ଗୁଡ଼ିକରେ ଚିତା ପକାଯାଏ। ସନ୍ଧ୍ୟା ହେଲେ ଗଛଗୁଡ଼ିକୁ ହଳଦୀ ପାଣିରେ ଗାଧୋଇ ଦେଇ ସିନ୍ଦୂର, ଧୂପଦୀପ ଓ ଗଇଁଠା ପିଠାରେ ପୂଜା କରାଯାଇଥାଏ ।

କେତେକ ଅଞ୍ଚଳରେ ପୂଜା ପାଇଁ ପ୍ରସ୍ତୁତ ଗଇଁଠା ପିଠାକୁ ବଉଳଗୁଡ଼ ମଧ୍ୟ କୁହାଯାଏ। ଆମ୍ବ ବଉଳ ସଂଗ୍ରହ କରି ପିଠା ସହିତ ରଖାଯାଏ। ବଉଳ ଧରିଥିବା ଆମ୍ବଗଛ ମୂଳେ ଗଇଁଠା ପିଠା ଭୋଗ କରାଯାଏ ଏବଂ ଏହି ଭୋଗ ଓ ଆମ୍ବ ବଉଳ ପାଖ ପଡ଼ିଶା ବନ୍ଧୁ କୁଟୁମ୍ବଙ୍କୁ ବି ପର୍ବଟିକୁ ପାଳନ କରାଯାଏ। ଆଉ କେଉଁ କେଉଁ ସ୍ଥାନରେ ଈଶାଣ କୋଣରେ ଓ ରୋଷେଇ ଘରେ ପୂଜା କରି ଭୋଗ ବାଯାଏ। ଆଉ କେଉଁ କେଉଁ ସ୍ଥାନରେ ମଧ୍ୟ ଘରେ କ୍ଷୀରିପିଠା କରି ନୂଆ ବଉଳ ଆଣି ନିଜ ପରିବାରର ଇଷ୍ଟ ଦେବୀଙ୍କୁ ପୂଜା କରାଯାଏ। ସାଧାରଣତଃ ଗୋଷ୍ଠୀଗତ ଭାବେ ରହୁଥିବା କୁଟୁମ୍ବରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଘରେ ଏହି ପୂଜା ହୋଇଥାଏ ଏବଂ ସମ୍ଭବସ୍ଥଳେ ଭାଇ ବିରାଦର ସମସ୍ତେ ଭୋଜିରେ ଏକାଠି ହୋଇ ପ୍ରଥମେ ବଉଳ ମିଶ୍ରିତ ଭୋଗ ସେବନ କରିଥାନ୍ତି ଓ ପରେ ବିଭିନ୍ନ ସୁମିଷ୍ଟ ଭୋଜନରେ ଆପ୍ୟାୟିତ ହୋଇଥାନ୍ତି। ଉକ୍ତ ସାମାଜିକ ପର୍ବଟିର ନାମ ଏବଂ ପାଳନ ବିଧିରୁ ସ୍ପଷ୍ଟ ଅନୁମେୟ ଯେ ନୂତନ ବଉଳକୁ ସ୍ୱାଗତ ଜଣାଇ ଓଡ଼ିଆ ଘରେ ଏହା ପର୍ବ ରୂପେ ସ୍ଥାନ ପାଇଛି।

*ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା,*
*ମୋ. : ୮୩୨୮୯୪୮୬୪୩/୯୪୩୭୨୨୬୬୪୭*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୦ ଡିସେମ୍ବର ୨୦୨୫ । ଶନିବାର


## ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଆଳି, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଓଷ୍ଟାର ଆଳି ବ୍ଲକସ୍ତରୀୟ ଶିଶୁ ଉତ୍ସବ ମହାସମାରୋହରେ ଉଦଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ପଞ୍ଚାୟତ ସହଦେ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଳି ବ୍ଲକ ଓଷ୍ଟାର ସଭାପତି ସୁଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ବିଜୟ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାବିତ୍ରୀ ଦେବୀ ଗ୍ରୁପ ଅଫ କଲେଜର ଅଧକ୍ଷ ଦେବେନ୍ଦ୍ର ନାଥ ପତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ତଥା ଶିକ୍ଷାବିତ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ପୂର୍ବତନ ସଭାପତି ଶରତ ପାଣି, ପୂର୍ବତନ ସଂପାଦକ ବାସୁଦେବ ମଲ୍ଲିକ, ଗଙ୍ଗାଧର ଦାସ, ଯୁଗ୍ମ ସଂପାଦକ ଅଲେଖ କୁମାର ମହାନ୍ତି, ନିଆଳ ସରପଞ୍ଚ ଅଶୋକ କୁମାର ମଲ୍ଲିକ, ସମିତି ସଭ୍ୟ ସନ୍ତୋଷ ପଡିହାରୀ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଦେବରାଜ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉଦଯାପନୀ ଉତ୍ସବରେ ଓଷ୍ଟା ସଭାପତି ସୁଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ବେହେରା, ପୂର୍ବତନ ଓଷ୍ଟା ସଂପାଦକ ପ୍ରିୟରଂଜନ ଦାସ, ଅଶୋକ କୁମାର ବିଶ୍ୱାଳ, ଓଷ୍ଟା କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ସାମଲ, ଓଷ୍ଟା ଉପ ସଭାନେତ୍ରୀ ରୀନା ରାଉତ, ରାଜକନିକା ବ୍ଲକ ଓଷ୍ଟା ସଂପାଦକ ଅରବିନ୍ଦ ନାୟକ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଅନେକ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅର୍ଚ୍ଚିତା ମଲ୍ଲିକ, କଣ୍ଠ ସଂଗୀତରେ ସୌଭାଗ୍ୟ ଦାସ, ଚିତ୍ରାଙ୍କନରେ ଅଙ୍କିତା ଖଣ୍ଡୁଆଳ, ଆବୃତ୍ତିରେ ଇତିଶ୍ରୀ ସାହୁ, ଗଳ୍ପ ଲିଖନରେ ଲୀନା ମହାଳିକ, କବିତା ରଚନା ମୋନାଲିକା ଦାସ, ଏକକ ଅଭିନୟ ଜସ୍ମିନ ମଣ୍ଡଳ, ଏକକ ନୃତ୍ୟ ସୁପ୍ରିୟା ରାୟ, ସାଧାରଣ ଜ୍ଞାନ ଅଭିଜିତ ସୁତାର, କୁଇଜ ସଞ୍ଜୀବ ସ୍ୱାଇଁ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ଦୀପ୍ତିମୟୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମୂଲ୍ୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାକୁ ସୁଶାନ୍ତ ନାୟକ ପରିଚାଳନା କରିଥିବା ବେଳେ ବିରଞ୍ଚି ନାରାୟଣ ମହାପାତ୍ର, ଶୁଭ୍ରକାନ୍ତ ମିଶ୍ର, ବିନୋଦ ଦେ, ପୁରୁଷୋତ୍ତମ ଦାସ, ଶିବରାମ ପାଣି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ‘ଓଡିଶା ଏକ୍ସପ୍ରେସ’ ପ୍ରତିନିଧିଙ୍କ ବନ୍ଧୁମିଳନ



ବ୍ରହ୍ମପୁର, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ନିକଟସ୍ଥ ଜାତୀୟ ରାଜପଥରେ ଥିବା ତାଳ ଖାଇ ମନ୍ଦିର ପରିସରରେ ‘ଓଡିଶା ଏକ୍ସପ୍ରେସ’ ଗଞ୍ଜାମ ଜିଲ୍ଲା ପ୍ରତିନିଧିମାନଙ୍କ ପରିବାରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପାଢ଼ୀଙ୍କ ତତ୍ୱାବଧାନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ, ଛତ୍ରପୁର ଉପଖଣ୍ଡ ପ୍ରତିନିଧି ବସନ୍ତ କୁମାର ପଟ୍ଟନାୟକ, ନାରାୟଣୀମିଶ୍ର (କବିସୂର୍ଯ୍ୟନଗର ପ୍ରତିନିଧି) ଭଗବାନ ପାଢ଼ୀ (କୋଦଳା) ରଞ୍ଜୟ ପାଣିଗ୍ରାହୀ, (ପୋଲସରା), ଟୁନା ନାୟକ (ବେଲଗୁଣ୍ଠା), ସମୀର କୁମାର ପଣ୍ଡା (ଭଞ୍ଜନଗର), କେ. ରାଜେଶ୍ୱରୀ (ଛତ୍ରପୁର) ହର ପ୍ରସାଦ ପାଢ଼ୀ, ଚନ୍ଦନ ପାଣିଗ୍ରାହୀ (ବୁଗୁଡ଼ା) ରମେଶ ଚନ୍ଦ୍ର ଗୌଡ଼ (ପୁରୁଷୋତ୍ତମପୁର), ଶ୍ରୀନିବାସ ସାହୁ, (ଖଲ୍ଲିକୋଟ), ଏ.ସାରଥୀ (ସୋରଡ଼ା) ପ୍ରମୁଖ ଉପସ୍ଥିତ ରହି ମତାମତ ଦେଇଥିଲେ। ନିକଟସ୍ଥ ବଟେଶ୍ୱର ଓ ଝାଡେଶ୍ୱର ମନ୍ଦିର ପରିଦର୍ଶନ କରି ବଣଭୋଜି ଖାଇ ଫେରିଥିଲେ।

## ସୌମ୍ୟରଂଜନ ଆନ୍ତର୍ଜାତୀୟ ମାନବ ଅଧିକାର ରାଜ୍ୟ ଛାତ୍ର ଉପସଭାପତି

କନ୍ଧମାଳ, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକର ରାଜ୍ୟ ଛାତ୍ର ସଂଗଠନ ଉପସଭାପତି ଭାବେ ସୌମ୍ୟ ରଞ୍ଜନ ସାହୁଙ୍କୁ ନିଯୁକ୍ତ କରାଯାଇଛି। ସୌମ୍ୟରଂଜନ ସସାହୁ ଜଣେ ବଳିଷ୍ଠ ଯୁବ ନେତୃତ୍ୱ ବାଦୀ ଭାବେ ପରିଚିତ ହେବା ସହିତ ସେ ସାଇବର କ୍ରାଇମ ଜ୍ଞାନର ସିଇଓ ଭାବେ କାର୍ଯ୍ୟକରୁଛନ୍ତି, ଏବଂ ସାଇବର ଅପରାଧ ବିଶେଷଜ୍ଞ ଓ ଅପରାଧ ବିଶେଷଜ୍ଞ ଭାବରେ କନ୍ଧମାଳ ଜିଲ୍ଲା ସମେତ ରାଜ୍ୟ ସ୍ତରରେ ମଧ୍ୟ ଖ୍ୟାତି ଅର୍ଜନ କରିପାରିଛନ୍ତି। ସେ ଯୁବକ-ଯୁବତୀମାନଙ୍କ ମଧ୍ୟରେ ଡିଜିଟାଲ୍ ସଚେତନତା, ଛାତ୍ର ଅଧିକାର ସୁରକ୍ଷା ଏବଂ ମାନବାଧିକାର ସମ୍ବର୍ଦ୍ଧନା ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ତାଙ୍କୁ ରାଜ୍ୟ ଛାତ୍ର ସଂଗଠନ ଉପସଭାପତି ଭାବେ ନିଯୁକ୍ତି ମିଳିବା ଦ୍ୱାରା ଓଡ଼ିଶାର ଅଗଣିତ ଛାତ୍ରମାନଙ୍କ ସମସ୍ୟା, ଅଧିକାର ଓ ସମ୍ଭାବନାଗୁଡ଼ିକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଉଠାଇବାରେ ନୂତନ ଦିଶା ଜନ୍ମ ନେବ ବୋଲି ଆଶା କରାଯାଉଛି।

ସୌମ୍ୟରଂଜନ ସାହୁଙ୍କୁ ରାଜ୍ୟ ଛାତ୍ର ସଂଗଠନ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ଯୋଗୁଁ ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ରାଜ୍ୟ ଛାତ୍ର ସଭାପତି ଦେବାଶିଷ ସାହାଣୀ ହାର୍ଦ୍ଦିକ ଶୁଭେଚ୍ଛା ଶୁଭକାମନା ଓ ଅଭିନନ୍ଦନ ଜଣାଇଛନ୍ତି ତାଙ୍କର କାର୍ଯ୍ୟକାଳ ସମୟରେ ଏକ ବଳିଷ୍ଠ, ସଫଳ ଓ ପ୍ରଭାବଶାଳୀ ନେତୃତ୍ୱ ରାଜ୍ୟର ଅଗଣିତ ଛାତ୍ରଛାତ୍ରୀମାନଙ୍କୁ ମିଳିବ ବୋଲି ଆଶା ପ୍ରକାଶ ପ୍ରକଟ କରିଥିବା ଦେଖିବାକୁ ମିଳିଛି। ବିଶେଷ ଘଟଣା ହେଲା ସୌମ୍ୟରଂଜନ ସାହୁ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ଜଗନ୍ନାଥ ସାହିର ବାସିନ୍ଦା ହୋଇଥିବା ଯୋଗୁଁ ତାଙ୍କର ନିଯୁକ୍ତି ଖବର ପ୍ରଚାରିତ ହେବା ପରେ କନ୍ଧମାଳ ଜିଲ୍ଲାବାସୀ ଓ ଫୁଲବାଣୀ ସହରବାସୀ ଖୁସି ବ୍ୟକ୍ତ କରିବା ସହିତ ଶୁଭେଚ୍ଛାର ଶୁଅ ଛୁଟିବାରେ ଲାଗିଛି।

## ସାଂସଦ ଖେଳ ମହୋତ୍ସବ

ସୋର, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସୋରର ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ସକାଳେ ମଶାଲ ଶୋଭାଯାତ୍ରା ସ୍ଥାନୀୟ କ୍ଷେମେଶ୍ୱର ମହାଦେବ ମନ୍ଦିର ନିକଟରୁ ବାହାରି କଲେଜ ପଡିଆରେ ପହଞ୍ଚିଥିଲା। ପରେ ପ୍ରାକ୍ତନ ବିଧାୟକ ଶ୍ରୀ ଧଡ଼ା କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୋର ବିଡ଼ିଓ ସତ୍ୟନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଈଶ୍ୱରଚନ୍ଦ୍ର ବେହେରା, ସୋର ଗୋଷ୍ଠୀ ଶିକ୍ଷାଧିକାରୀ ସୋମାରାଣୀ ସେଠୀ, ମୁଖ୍ୟବକ୍ତା ଭାବେ ଉପେନ୍ଦ୍ରନାଥ କଲେଜ ଅଧକ୍ଷ ମନୋଜ କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ସୋର ବ୍ଲକ ସାଂସଦ ପ୍ରତିନିଧି ତଥା ଖେଳ ମହୋତ୍ସବର ସଂଯୋଜକ ଦୀପ୍ତିକାନ୍ତ ପଣ୍ଡା, ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ବାହାନଗା ବ୍ଲକ ସାଂସଦ ପ୍ରତିନିଧି ଜୟନ୍ତ ମହାନ୍ତି, ପୌରପାଳିକା ସାଂସଦ ପ୍ରତିନିଧି ସଂଗ୍ରାମ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ପଦକ୍ଷେପ ବିକଶିତ ଭାରତ ସୃଷ୍ଟି ପାଇଁ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଖେଳ ମହୋତ୍ସବରେ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକରୁ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

## ଭିଟାମାଟି ଓ ଜୀବିକାମିଶନ ସୁରକ୍ଷାମଞ୍ଚ ପକ୍ଷରୁ ବିକ୍ଷୋଭ




ନୀଳଗିରି, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଲୋକମାନଙ୍କୁ ଉଚ୍ଛେଦକରିବା ପାଇଁ ପ୍ରଶାସନପକ୍ଷରୁ ବାରମ୍ବାର ନୋଟିସ କରାଯାଉଛି। ଲୋକମାନେ ଏହାଦ୍ୱାରା ଆତଙ୍କିତ ଅବସ୍ଥାରେ ଅଭାୟରଣ୍ୟରେ ରହୁଛନ୍ତି। ବନବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ଉପରେ ଜୁଲମ୍ କରାଯାଇଛି। ଏପରିକି ସାଧାରଣ ଲୋକମାନଙ୍କୁ ବିନାକାରଣରେ ଘରୁ ଧରିଆଣି ଅତ୍ୟାଚାର କରାଯାଉଛି। ଅଭାୟରଣ୍ୟ ସୀମା ବାବଦରେ ଉଚ୍ଚନ୍ୟାୟାଳୟରେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ମୋକଦ୍ଦମା ଚାଲୁଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରାଯାଇଛି। ଶୁକ୍ରବାର ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଲୋକ ଜଗନ୍ନାଥମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବାପରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ସଭାରେ ପୂର୍ବତନ ସରପଞ୍ଚ ରଘୁନାଥ ସିଂ ସଭାପତିତ୍ୱ କରିଥିଲେ। ଉକ୍ତସଭାରେ ଆଦିବାସୀ ରାଜ୍ୟନେତା ଚାମୁରୁ ସୋରେନ, ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାସ, ଅଶୋକ ଦାସ, ଯାମିନୀ ହାଁସଦା, ହେମେନ୍ଦ୍ର ସେଠି, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଲକ୍ଷ୍ମୀଧର ସାହୁ, ସତ୍ୟଜିତ ଦାସ, ସୁରେଶ ନାୟକ, ମନୋରଞ୍ଜନ ସାହୁ, ମହେଶ୍ୱର ଭୂୟାଁ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ସିତାଂଶୁ ସେନାପତି, ନିର୍ମଳ ନାୟକ, ଶିଶିର ହୁଇ, ସୁଶାନ୍ତ ଜେନା, ନାରାୟଣ ଧାମୁଡ଼ିଆ, ହାଡ଼ିବନ୍ଧୁ ସିଂଙ୍କ ସମେତ ବହୁସାଥୀ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଏହି ଉପଲକ୍ଷେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କୁ ଦିଆଯାଇଛି। ଯଦି ପ୍ରଶାସନପକ୍ଷରୁ ଲୋକମାନଙ୍କ ଉପରେ ବାରମ୍ବାର ନୋଟିସ ଲଗାଇ ଓ ଭୟଭୀତ କରିବା ବନ୍ଦନହୁଏ ଆଗାମୀ ଦିନରେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଶାସନକୁ ଦୃଢ଼ ଜବାବ ଦିଆଯିବ ବୋଲି ଆଜିର ଏହି ସଭାମାଧ୍ୟମରେ ଚେତାବନୀ ଦିଆଯାଇଛି।

## ଅଙ୍ଗନବାଡ଼ି କର୍ମୀଙ୍କୁ ସୁପୋଷଣ ତାଲିମ

ଗଞ୍ଜାମ, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଶେରଗଡ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ସୁପୋଷଣ ଓଡିଶା ପକ୍ଷରୁ ଶିଶୁମାନଙ୍କୁ କୁପୋଷଣ ମୁକ୍ତକରି ୨୦୨୯ ବର୍ଷ ସୁଦ୍ଧା ସୁପୋଷଣ ଅବସ୍ଥାରେ ଶିଶୁମାନଙ୍କୁ ପହଞ୍ଚାଇବା ଲକ୍ଷ୍ୟ ନେଇ ଅଙ୍ଗନବାଡି କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ନିଉଟ୍ରେସନ କନସୁଲେଟର ହୃଦୟ ପ୍ରଦୀପ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ତରିକା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ସଂଯୋଜକ ଶିବରାମ ଆଚାରୀ ଉପସ୍ଥିତ ଥିଲେ। ଦୁଇଟି ସେକ୍ଟରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଅଙ୍ଗନବାଡି କର୍ମୀ ତାଲିମରେ ଭାଗ ନେଇଥିବା ବେଳେ ସିଡ଼ିପିଓ ମମତାଞ୍ଜଳି ପଣ୍ଡା ତାଲିମ କେନ୍ଦ୍ର ପରିଚାଳନା କରିଥିଲେ। ସଂଯୁକ୍ତା ପ୍ରଧାନ, ଦର୍ଶନୀ ଶବର ଓ ବାସନ୍ତି ପ୍ରମୁଖ ପରିଦର୍ଶକାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସଂସ୍କୃତ ବିଦ୍ୟାପୀଠର ବାର୍ଷିକ କ୍ରୀଡା

ମାହାଙ୍ଗା, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତସ୍ଥିତ ଆତ୍ମାରାମ ସଂସ୍କୃତ ବିଦ୍ୟାପୀଠ ରାମକୃଷ୍ଣପୁରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡାକୁ ପ୍ରାକ୍ତନ ପ୍ରଧାନ ପଣ୍ଡିତ ଅଶୋକ କୁମାର ସାହୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ପ୍ରଧାନ ପଣ୍ଡିତ ଯଜ୍ଞେଶ୍ୱର ମିଶ୍ର, ପରିଚାଳନା କମିଟି ସଭାପତି ହେମନ୍ତ କୁମାର ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଯଜ୍ଞେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ରୁଷି କୁମାର ରାଉତ, ସମ୍ମାନିତ ଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ଦାସ, ସମିତିସଭ୍ୟାଙ୍କ ପ୍ରତିନିଧି ଅକ୍ଷୟ କୁମାର ଗୋଚ୍ଛାୟତ, ସମାଜସେବୀ ଭ୍ରମରବର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ କୁମାର ବେହେରା, ପ୍ରାକ୍ତନ ଶିକ୍ଷକ ଅଜୟ କୁମାର ସିଂହ, ଜଟାଧାରୀ ଆଶ୍ରମ ପରିଚାଳକ ଅଶୋକ କୁମାର ସାମଲ ପ୍ରମୁଖ ଯୋଗଦେଇ କ୍ରୀଡାବିତମାନେ ଉତ୍ତମ ଖେଳ ପ୍ରଦର୍ଶନ କଲେ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି କହିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ଓ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଶୁକଦେବ ବରାଳ, ହରିହର ପଣ୍ଡା ଖେଳ ପରିଚାଳନା କରିଥିଲେ।

## ଆଇଏସଟିଇ ଓଡ଼ିଶା ବିଭାଗ ପରିଚାଳନା କମିଟିର ଅଧିବେଶନ



ଭୁବନେଶ୍ୱର, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଏଜୁକେସନ ଓଡ଼ିଶା ଶାଖା ପରିଚାଳନା କମିଟି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଶାଖାର ଅଧକ୍ଷ ପ୍ର.ପ୍ରଭାତ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏସଟିଇ ହେଡକ୍ୟୁଟର କାର୍ଯ୍ୟନିର୍ବାହୀ ସଚିବ ଡ.ଏସଏମ ଅଲ୍ଲିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଓ ଆଇଏସଟିଇ ଓଡ଼ିଶା ଶାଖାରେ କେତେକ ଜୋନାଲସ୍ତର ଅଞ୍ଚଳିକସ୍ତରୀୟ ସେମିନାର ଆୟୋଜନ କରିବା ପାଇଁ ଆର୍ଥିକ ସମ୍ବଳ ଯୋଗାଇ ଦେବାକୁ ଅଧକ୍ଷ ପ୍ରଫେସର ପାଢୀ ଡ. ଅଲ୍ଲିଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟନିର୍ବାହୀ ସଚିବ ଡ.ଅଲ୍ଲି ଓଡ଼ିଶାରେ ସଦସ୍ୟାତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ।

ରାଜ୍ୟର ସବୁ ଆଇଏସଟଇଇ ସଭ୍ୟମାନେ ନିଜ ନିଜର ଡାଟାବେଶ ଅପଡେଟ୍ କରିବା ପାଇଁ ଡ.ଅଲ୍ଲି ବିଶେଷ ଭାବେରେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ୨୦୨୬ ଜାନୁଆରୀ ଶେଷରେ ପରବର୍ତ୍ତୀ ବୈଠକ ସଂଘଠିତ କରିବା ପାଇଁ ସ୍ଥିର କରାଯାଇଥିଲା। ସଚିବ, ଡ.କ୍ଷୀରଦ ରାଉତ ଇସି ମେମ୍ବର, ଡ. ମାନସ ରଞ୍ଜନ ସେନାପତି ଓ ଏମ୍‌ସି ମେମ୍ବରମାନେ ଡ.ଅନୁଣ ପଟ୍ଟନାୟକ, ଡ.ଇଷ୍ଟିତା ଜେନା, ପ୍ରଫେସର ପିକେ ସିଂ ଯୋଗଦେଇଥିଲେ।

## ସାକ୍ଷୀଗୋପିନାଥଙ୍କ ନିକଟରେ ବଉଳ ଅମାବାସ୍ୟା



ସାକ୍ଷୀଗୋପାଳ, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ପୁରୀ ଜିଲ୍ଲାର ଦ୍ୱିତୀୟ ବୈଷ୍ଣବ କ୍ଷେତ୍ର ଭାବେ ସାକ୍ଷୀଗୋପିନାଥ ବେଶ ଜଣାଶୁଣା। ବକୁଳ ଅମାବାସ୍ୟା ବା ବଉଳ ଅମାବାସ୍ୟା ଭାବେ ବେଶ ଜଣାଶୁଣା। ଏହି ଅବସରରେ ସାକ୍ଷୀଗୋପିନାଥଙ୍କ ନିକଟରେ ବଉଳ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି। ଦ୍ୱିପହର ଧୂପରେ ଆମ୍ବ ବଉଳ ଖଣ୍ଡ ସହିତ ଗହମ ଗୁଣ୍ଡରେ ପ୍ରସ୍ତୁତ କରାଯାଇଥିବା ପିଠା ଠାକୁରଙ୍କୁ ଲାଗି କରାଯାଇଥଲା। ସେହିପରି ଗ୍ରାମମାନଙ୍କରେ ଥିବା ମଠ, ମନ୍ଦିର ଓ ଭାଗବତ ଟୁଙ୍ଗୀମାନଙ୍କରେ ବଉଳ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି। ଘରମାନଙ୍କରେ ଚାଉଳ ଚୁନା ନଚେତ ସୁଜିକୁ ପାଣିରେ ସିଝାଇ ସେଥିରେ ଆମ୍ବ ବଉଳ ସହିତ ନଡିଆ, ମସଲା ପୁରରେ ପ୍ରସ୍ତୁତ ପିଠା ଘର ଠାକୁର ଓ ଇସାଣରେ ଭୋଗ ଲଗାଇଥିବାର ଦେଖାଯାଇଥିଲା।

## ଆଇଏସଓ ସର୍ଟିଫିକେଟ୍ ସମ୍ମାନ ସମାରୋହ



ସମ୍ବଲପୁର, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଜେଏସଡବ୍ଲୁ ଫାଉଣ୍ଡେସନ, ଚାଇଲ୍ଡ ଇନ୍ ନୀଡ ଇନ୍‌ଷ୍ଟିଚ୍ୟୁଟ (ସିଆଇଏନ୍‌ଆଇ) ସହଯୋଗରେ, ଖାଡିଆପାଲିରେ ୧୦ ଡ଼ିସେମ୍ବରରେ ଏକ ଆଇଏସଓ ସର୍ଟିଫିକେଟ୍ ସମ୍ମାନ ସମାରୋହ ଆୟୋଜନ କରିଥିଲା। ଯେଉଁଥିରେ ୨୦ଟି ଅଙ୍ଗନବାଡି କେନ୍ଦ୍ର ଏକାଡେମିକ କେୟାର (ଇସିସିଇ) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଇଏସଓ ପ୍ରମାଣପତ୍ର ଲାଭ କରିଥିଲେ। ‘ଏହି ପଦକ୍ଷେପଟି ରେଙ୍ଗାଲି ବ୍ଲକ, ସମ୍ବଲପୁରର ୪ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୦ଟି ସୀମାନ୍ତବର୍ତ୍ତୀ ଗାଁରେ ପରିବ୍ୟାପ୍ତ ଏବଂ ଏହା ୩-୬ ବର୍ଷର ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥାଏ।’ ଅଙ୍ଗନବାଡ଼ି କର୍ମୀମାନଙ୍କର ନିରନ୍ତର ଦକ୍ଷତା ବୃଦ୍ଧି, ଭିତ୍ତିଭୂମି ସୁଦୃଢ଼ୀକରଣ, ଗୋଷ୍ଠୀ ସହଭାଗିତା ଏବଂ ଶିଶୁ ସୁରକ୍ଷା, ସ୍ୱଚ୍ଛତା ଓ ଗୁଣାତ୍ମକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ସମସ୍ତ ୨୦ଟି କେନ୍ଦ୍ର ଆଇଏସଓ ମାନଦଣ୍ଡ ପୂରଣ କରିଛି ଏବଂ ବର୍ତ୍ତମାନ ଏଗୁଡ଼ିକ ‘ମଡେଲ୍ ଅଙ୍ଗନବାଡ଼ି ହବ୍’ ଭାବେ ସ୍ୱୀକୃତିପ୍ରାପ୍ତ। ଅଙ୍ଗନବାଡ଼ି ୱର୍କର୍ସଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଆଇଏସଓ ପ୍ରମାଣପତ୍ର ଆନୁଷ୍ଠାନିକ ଭାବରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସଦସ୍ୟ, ଆଶା କର୍ମୀ (ଏଏସଏଚଏଏସ), ଏଏନଏମ୍, ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜିଏସ), ଅଭିଭାବକ ଏବଂ ପିଲାମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ‘ଜେଏସଡବ୍ଲୁଫାଉଣ୍ଡେସନ, ସମ୍ବଲପୁର ଏବଂ ଝାରସୁଗୁଡ଼ାର ମୁଖ୍ୟ ବିଶାଳ ରାଜ ପ୍ରମାଣପତ୍ର ଦିଗରେ ଯାତ୍ରାକୁ ଆଲୋକିତ କରିଥିଲେ’। ସଂଯୁକ୍ତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସମ୍ବଲପୁର, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସିଆଇଏନଆଇକୁ ପ୍ରତିନିଧିତ୍ୱ କରୁଥିବା ସସ୍ୱତୀ ନାୟକ ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ, ସମସ୍ତ ହିତାଧିକାରୀଙ୍କ ସାମୂହିକ ପ୍ରୟାସକୁ ସ୍ୱୀକାର କଲେ ଏବଂ ଏହାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କଲେ। ବାଲ୍ୟକାଳର ଯତ୍ନକୁ ସୁଦୃଢ଼ କରିବାରେ ସହଯୋଗୀ କାର୍ଯ୍ୟ।

## କ୍ୟାନସର ରୋଗୀଙ୍କୁ ବ୍ୟାଙ୍କ ନୋଟିସ

## ସହାୟତା ନାଁରେ ମାନସିକ ନିର୍ଯାତନା !

କେନ୍ଦ୍ରାପଡ଼ା, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କ୍ୟାନସର ରୋଗ ସହ ଯୁଝୁଥିବା ଜଣେ ଅସହାୟ ମା’ଙ୍କ ପାଇଁ ସରକାରୀ ସହାୟତା ଯେଉଁଠି ଆଶ୍ୱାସନା ହେବା ଉଚିତ, ସେଇଠି ବ୍ୟାଙ୍କ ନୋଟିସ୍ ଓ ଧମକ ତାଙ୍କୁ ଆହୁରି ଭାଙ୍ଗି ଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ଅଧିନ ବ୍ରହ୍ମପୁର ଗ୍ରାମର କ୍ୟାନସର ପୀଡ଼ିତା କଳ୍ପନା ପଣ୍ଡାଙ୍କ ଘଟଣା ଏବେ ସମଗ୍ର ଜିଲ୍ଲାରେ ଚହଳ ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ ଯେ ଗତ ସେପ୍ଟେମ୍ବର ୨୩ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ସାମ୍ବାଦିକମାନେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ଭେଟି କ୍ୟାନସର ରୋଗୀ କଳ୍ପନା ପଣ୍ଡାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ। କଳ୍ପନା ପଣ୍ଡା ହେଉଛନ୍ତି ପେଶାରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ସଂସ୍ଥାର କ୍ୟାମେରାମ୍ୟାନ ଥିବା ରମାକାନ୍ତ ପଣ୍ଡାଙ୍କ ମା’। ଦୀର୍ଘ ସମୟ ଧରି କ୍ୟାନସର ରୋଗରେ ପୀଡ଼ିତ ହୋଇ ସେ କଟକରେ ପ୍ରାୟ ୫ ମାସରୁ ଅଧିକ ସମୟ ଚିକିତ୍ସାଧୀନ ଥିଲେ। ମୁହଁରେ ଜଟିଳ ଅପରେସନ ସହ ୩୨ ଥର ରେଡିଏସନ (ଲାଇଟ) ହେବା ପରେ କିଛି ପରିମାଣରେ ସୁସ୍ଥ ହୋଇଥିଲେ। ନିଜ ମା’ଙ୍କ ଜୀବନ ବଞ୍ଚାଇବାକୁ ରମାକାନ୍ତ ପଣ୍ଡା ବିଭିନ୍ନ ସ୍ଥାନରୁ ଋଣ ଓ ସହାୟତା ମାଗି ପ୍ରାୟ ୩ ଲକ୍ଷ ଟଙ୍କା ଯୋଗାଡ଼ କରି ଚିକିତ୍ସାରେ ବ୍ୟୟ ବରାଦ କରିଥିଲେ। କିନ୍ତୁ ଅର୍ଥାଭାବ ହେତୁ ପରେ ଦୈନିକ ଔଷଧ ଦେଇପାରିବା ସମ୍ଭବ ହୋଇନଥିଲା। ଏହି ଦୁଃଖଦ ପରିସ୍ଥିତି ସାମ୍ବାଦିକମାନଙ୍କୁ ଜଣାଇବା ପରେ, ସେମାନଙ୍କ ସହ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବୀପତ୍ର ଦିଆଯାଇଥିଲା। ଦାବିପତ୍ର ଦିଆଯିବାର ଦୁଇ ଦିନ ମଧ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ସିଏମଆରଏଫ୍ ତହବିଲରୁ ୫୦ ହଜାର ଟଙ୍କା ସହାୟତା ମିଳିଥିଲା। ସେହି ଟଙ୍କାରେ କଳ୍ପନାଙ୍କ ବିଭିନ୍ନ ପରୀକ୍ଷା-ନିରୀକ୍ଷା ସହ ଆବଶ୍ୟକ ଔଷଧ କିଣାଯାଇଥିଲା। ଘଟଣାକୁ ତିନି ମାସ ବିତିଯାଇଥିବାବେଳେ ହଠାତ୍ ବ୍ୟାଙ୍କ ପକ୍ଷରୁ ଏକ ନୋଟିସ୍ ଆସି ନୂଆ ସଙ୍କଟ ସୃଷ୍ଟି କରିଛି। ନୋଟିସ୍‌ରେ ତୁରନ୍ତ ଟଙ୍କା ଫେରାଇବାକୁ ଲେଖାଯାଇଥିବା ସହ, କଳ୍ପନାଙ୍କ ବଡ ପୁଅଙ୍କ ଆକାଉଣ୍ଟରେ ବ୍ୟାଙ୍କ ୪୧ ହଜାର ଜମା କରି ସେହି ଟଙ୍କାକୁ କାଟି ନିଆଯାଇଛି। ଏହା ସହ ଆକାଉଣ୍ଟରେ ଥିବା ତାଙ୍କ ନିଜସ୍ୱ ସେଭିଂ ୩,୫୦୦ ଟଙ୍କା ମଧ୍ୟ କାଟି ନିଆଯାଇ ଆକାଉଣ୍ଟକୁ ଶୂନ୍ୟ କରାଯାଇଛି। ଏନେଇ ଶାଳୀକଣ୍ଠା ଏସବିଆଇ ବ୍ୟାଙ୍କରେ ପଚାରିବାରୁ କର୍ମଚାରୀମାନେ କହିଥିଲେ ଯେ ଭୁଲରେ ୫ ହଜାର ବଦଳରେ ୫୦ ହଜାର ଟଙ୍କା ତୁମ ମା’ଙ୍କ ଆକାଉଣ୍ଟକୁ ୩ ମାସ ତଳେ ଯାଇଥିଲା। ତୁରନ୍ତ ସେହି ଟଙ୍କା ଫେରସ୍ତ ନକଲେ ପରିବାରର ସମସ୍ତ ଆକାଉଣ୍ଟ ବନ୍ଦ କରିଦିଆଯିବ। ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ବଜାର ଏସବିଆଇ ବ୍ୟାଙ୍କର ନାଁ କହି ପୂର୍ବରୁ ସମସ୍ତ ସରକାରୀ ସହାୟତା କାଟିଦେବା ଓ ଥାନାରେ ଏତଲା ଦେଇ ଗିରଫ କରାଯିବାର ଧମକ ମଧ୍ୟ ଦିଆଯାଇଥିଲା। ଏହି ମାନସିକ ଚାପରେ କ୍ୟାନସର ରୋଗୀ କଳ୍ପନା ପଣ୍ଡା ଗତ ୫ ଦିନ ହେଲା ଖାଦ୍ୟପେୟ ମଧ୍ୟ ଗ୍ରହଣ କରିପାରୁନଥିବା ଜଣାପଡ଼ିଛି। ପ୍ରଶ୍ନ ଉଠୁଛି ଯେ ଭୁଲ କଲା କିଏ ଆଉ ଦଣ୍ଡ ପାଉଛି କିଏ? ଏନେଇ କଳ୍ପନା ପଣ୍ଡା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଆରବିଆଇ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ କାକୁତିମିନତି ହୋଇ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କୁ ଚିହ୍ନଟ କରିବା ସହ ରୋଗୀଙ୍କୁ ନ୍ୟାୟ ଦେବାକୁ ସେ ନିବେଦନ କରିଛନ୍ତି।

## ଟାଟା ପାୱାର ସ୍ପଷ୍ଟୀକରଣ ତ୍ରୁଟିପୂର୍ଣ୍ଣ

ଭୁବନେଶ୍ୱର, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଅତିରିକ୍ତ ସୁରକ୍ଷା ଜମା ଦେୟ ଉପରେ ଟାଟା ପାୱାର ଯେଉଁ ସ୍ପଷ୍ଟିକରଣ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ପ୍ରଥମରେ ଗତବର୍ଷ (୨୪-୨୫) ଟାଟା ଯେଉଁ ଅତିରିକ୍ତ ସୁରକ୍ଷା ଜମା ଅଦାୟ କରିଛନ୍ତି ତାହାକୁ ଟାଟା ପୂର୍ବବର୍ଷ (୨୩-୨୪)ର ୧୨ ମାସ ବଦଳରେ ୧୩ ମାସ ବିଚାରକୁ ନେଇ ସମସ୍ତ ଉପଭୋକ୍ତାଙ୍କ ଠାରୁ ଅନ୍ୟାୟ ଭାବେ ଅନୁମୋଦିତ ହାର ଠାରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଅଦାୟ କରିଥିଲେ। ତାହା ଉପରେ ଟାଟା କାହିଁକି ନୀରବ ରହିଲା ଗତବର୍ଷ ଅଧିକ ଅଦାୟ କରିଥିବା ଅଧିକ ସୁରକ୍ଷା ଜମାଟଙ୍କା ଉପଭୋକ୍ତାଙ୍କୁ କେବେ ଫେରସ୍ତ ମିଳିବ।

ଦ୍ୱିତୀୟରେ, ସପ୍ଲାଇ କୋଡ, ୨୦୧୯ ଧାରା ୫୩ ଅନୁସାରେ ବିତରଣ କମ୍ପାନୀ ଟାଟା ବର୍ଷକୁ ଥରେ ନିଜ ପାଖରେ ଗଚ୍ଛିତ ଥିବା ସୁରକ୍ଷା ଜମାଟଙ୍କାକୁ ସମୀକ୍ଷା କରିବ ଯେଉଁବର୍ଷ ବିଦ୍ୟୁତ ମୂଲ୍ୟ ବୃଦ୍ଧି ଘଟିବ। ଯେଉଁ ବର୍ଷ ବିଦ୍ୟୁତ ମୂଲ୍ୟ ବୃଦ୍ଧି ଘଟିବ, ତାର ପୂର୍ବବର୍ଷ ୧୨ ମାସର ବିଦ୍ୟୁତ ବ୍ୟବହାରର ହାରାହାରି ଦୁଇ ମାସ ଅନୁସାରେ ହିସାବ କରି ଆବଶ୍ୟକ ହେଉଥିବା ଅତିରିକ୍ତ ସୁରକ୍ଷା ଜମାଟଙ୍କା ଉପଭୋକ୍ତାଙ୍କ ଠାରୁ ଆଦାୟ କରିବେ। ଓଇଆରସି ସପ୍ଲାଇ କୋଡ, ୨୦୧୯ରେ ଏପରି ନିର୍ଦ୍ଦେଶ ଥିବାବେଳେ ଟାଟା କେଉଁଠୁ ଜାଣିବାକୁ ପାଇଲେ କିମ୍ବା କେଉଁ ଅଧିନିୟମ ଅନୁସାରେ କହୁଛନ୍ତି ଯେ ବିଦ୍ୟୁତ ବ୍ୟବହାର ବୃଦ୍ଧି ଘଟିଲେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଅଦାୟ ପାଇଁ ସେମାନେ ଅଧିକାର ପ୍ରାପ୍ତ। ଟାଟା ଏହା ଉପରେ ଉତ୍ତର ରଖିବାର ଆବଶ୍ୟକତା ଅଛି ବୋଲି କହିଛନ୍ତି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର।

## ବିଜେଡି ଶିବିର ଭାଙ୍ଗୁଛି, ଟୁଟୁ ବଳଙ୍କ ନେତୃତ୍ୱ ହେଉଛି ନୂଆ ଠିକଣା



କଳିଙ୍ଗନଗର, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଏବେ ରାଜନୀତି ନୂଆ ଦିଗକୁ ମୁହଁ ନେଇଛି। ଦଶକ ଧରି ଶକ୍ତିଶାଳୀ ଥିବା ବିଜେଡି ଦଳ ଏବେ ଭିତରୁ ଭାଙ୍ଗୁଥିବା ବେଳେ, ବିଜେପି ଦ୍ରୁତଗତିରେ ତୃଣମୂଳସ୍ତରରେ ନିଜ ଆଧିପତ୍ୟ ମଜବୁତ କରିବାରେ ଲାଗିଛି। ସୁକିନ୍ଦାରେ ଘଟୁଥିବା ଏହି ପରିବର୍ତ୍ତନ କେବଳ ଦଳ ବଦଳ ନୁହେଁ, ବରଂ ଦୀର୍ଘ ୪୦ ବର୍ଷର ଏକ ରାଜନୀତିକ ଧାରାରେ ମୋଡ଼ ଆସିବାର ସ୍ପଷ୍ଟ ସଙ୍କେତ ବୋଲି ରାଜନୀତିକ ବିଶ୍ଳେଷକମାନେ ମନେ କରୁଛନ୍ତି। ୧୯୮୫ ମସିହାରୁ ସୁକିନ୍ଦା ରାଜନୀତିରେ ଘଡ଼ାଇ ପରିବାରର ପ୍ରଭୁତ୍ୱ ଥିଲା। ପିତା-ପୁତ୍ର ନେତୃତ୍ୱକୁ ଦୀର୍ଘ ସମୟ ଧରି ଗ୍ରହଣ କରିଥିବା କର୍ମୀ ଓ ଭୋଟରମାନେ ଏବେ ଅସନ୍ତୋଷ ତୀବ୍ରପ୍ରକାଶ କରୁଛନ୍ତି।

ଅଭିଯୋଗ ଦଳରେ ଯୁବ ଓ ନୂଆ ମୁହଁଙ୍କୁ ସୁଯୋଗ ନ ମିଳିବା, ପଞ୍ଚାୟତସ୍ତରରେ ସଂଗଠନ ଦୁର୍ବଳ ହେବା, ସ୍ଥାନୀୟ ମୂଳ ସମସ୍ୟା ନେଇ ଦଳୀୟ ନେତାଙ୍କ ନିରବତା, ନେତାଙ୍କ କାର୍ଯ୍ୟ ଦକ୍ଷତାରେ କର୍ମୀମାନେ ଅସନ୍ତୁଷ୍ଟ ଏହାର ପରିଣାମ ସ୍ୱରୂପ ବିଜେଡିର ଆଗଧାଡିର ନେତା-କର୍ମୀମାନେ ଦଳ ଛାଡ଼ିବା ଆରମ୍ଭ କରିଛନ୍ତି। ‘ମାଟିର ପୁଅ’ ଟୁଟୁ ଫ୍ୟାକ୍ଟର ବର୍ତ୍ତମାନ ସୁକିନ୍ଦାରେ ବିଜେପି ବିଧାୟକ ତଥା ଓଡ଼ିଶା ସରକାରଙ୍କ ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର ବଳ ସାମନ୍ତ (ଟୁଟୁ ଭାଇ)ଙ୍କ ନେତୃତ୍ୱ ଏକ ଶକ୍ତିଶାଳୀ ରାଜନୀତିକ ଫ୍ୟାକ୍ଟର ଭାବେ ଉଭା ହୋଇଛି। ସ୍ଥାନୀୟ ଲୋକମାନଙ୍କ ସହ ସିଧା ମିଶିବା, ଲୋକଙ୍କ ସୁବିଧା ଅସୁବିଧା ଶୁଣିବା ଏବଂ ସମାଧାନ କରିବା, ସବୁ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜା ପର୍ବାଣୀରେ ଗାଁ ଗାଁରେ ପହଞ୍ଚି ଲୋକଙ୍କ ଖୁସୀ ମନାଇବା, ହାଟ-ବଜାର ଓ ଗ୍ରାମସଭାରେ ସକ୍ରିୟ ଉପସ୍ଥିତି, ଏବଂ ସରକାରୀ କାମରେ ‘ଆକ୍‌ସେସ୍’ ଥିବା ଭାବ ଏହି ସବୁ ଦଳ ଛାଡୁଥିବା କର୍ମୀଙ୍କୁ ବିଜେପି ଦିଗକୁ ଆକର୍ଷିତ କରୁଛି। ଭୁବନେଶ୍ୱର ସ୍ଥିତ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି-ଆଦର୍ଶ ଓ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟକ୍ରମରେ ଅନୁପ୍ରାଣୀତ ହୋଇ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣରେ ନଚ୍ଛିପୁରା ପଞ୍ଚାୟତ ସରପଞ୍ଚ ସତ୍ୟଭାମା ବେହେରା, ବିଭିନ୍ନ ୱାର୍ଡ ସଭ୍ୟ, ପୂର୍ବତନ ବ୍ଲକ ଓ ଯୁବ ନେତାମାନଙ୍କ ସାମିଲ ହେବା ବିଜେପି ପାଇଁ ତୃଣମୂଳ ସ୍ତରରେ ବଡ଼ ଶକ୍ତିବୃଦ୍ଧି ବୋଲି ଆକଳନ କରାଯାଉଛି। ବିଜେଡି ପାଇଁ ବର୍ତ୍ତମାନ ଚେତାବନୀ ଘଣ୍ଟା ବାଜିଲାଣି। ରାଜନୀତିକ ପର୍ଯ୍ୟବେକ୍ଷକଙ୍କ ମତରେ, ଯଦି ବିଜେଡି ସଂଗଠନ ପୁନର୍ଗଠ, ନୂଆ ନେତୃତ୍ୱକୁ ଆଗକୁ ଆଣିବା ଶୀଘ୍ର ନେଇନାହାଁନ୍ତି, ତେବେ ସୁକିନ୍ଦାରେ ଦଳ ଆହୁରି ଦୁର୍ବଳ ହେବାର ଆଶଙ୍କା ରହିଛି। ସୁକିନ୍ଦାରେ ବର୍ତ୍ତମାନ ରାଜନୀତି ‘ଦଳୀୟ ନିଷ୍ଠା’ ଠାରୁ ଅଧିକ ‘କାମ କରିପାରୁଥିବା ନେତୃତ୍ୱ’ ଉପରେ କେନ୍ଦ୍ରିତ ହେଉଛି। ଏହି ପରିବର୍ତ୍ତନ ୨୦୨୭ ପଞ୍ଚାୟତ ଓ ଆଗାମୀ ବିଧାନସଭା ନିର୍ବାଚନରେ ସୁକିନ୍ଦାର ରାଜନୀତିକ ମାନଚିତ୍ରକୁ କେତେ ଦୂର ପରିବର୍ତ୍ତନ କରିବ। ସେଥିପାଇଁ ଏବେଠୁ ରାଜନୀତିକ ଗଣିତ ଆରମ୍ଭ ହୋଇଯାଇଛି। ନୂତନ କରି ଯୋଗଦେଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ପରିବାରକୁ ସ୍ୱାଗତ କରାଯାଇଥିବା ବେଳେ, ଏହି ମିଶ୍ରଣ ଦ୍ୱାରା ଦଳ ତୃଣମୂଳସ୍ତରରେ ଆହୁରି ଶକ୍ତିଶାଳୀ ହେବ ବୋଲି ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଭଞ୍ଜ ଓ ଦାନଗଦି ବ୍ଲକ ସାଂସଦ ପ୍ରତିନିଧି ରବୀନ୍ଦ୍ର ମୋହନ ଜେନା ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବନ୍ଧୁ ମିଳନ



ଭୁବନେଶ୍ୱର, ୧୯।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଓଡ଼ିଶା ଅବସରପ୍ରାପ୍ତ ପଦାଧିକାରୀ କଲ୍ୟାଣ ସମିତି ମହିଳା ଶାଖାର ୫ମ ବନ୍ଧୁ ମିଳିନ ଓ ବଣଭୋଜି, ଖୋର୍ଦ୍ଧା କରଡ ଗାଡିଆପଡା ଅବସ୍ଥିତ ଏସ୍‌ଜେ ଆଗ୍ରୋର୍ଫାମ ଆଣ୍ଡ ରିଜିଟରେ ସମିତିର ବରିଷ୍ଠ ସଭ୍ୟା ମନୋରମା ପଣ୍ଡା ଓ ଜୟଶ୍ରୀ ମହାପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଣ୍ଣଲତା ପ୍ରଧାନ ଓ କବିତା ମହାନ୍ତି ଓ ଅନ୍ୟମାନେ ଭଜନ ପରିବେଷଣ କରିଥିଲେ। ବରିଠେ ସଭ୍ୟା ଉର୍ବାସିନୀ ତ୍ରିପାଠୀ, ମାନସମାଳା ସାମଲ, କନକ ବିହାରୀ ଉତ୍ତରକବାଟ, ରାଜେସ୍ୱରୀ ପଟ୍ଟନାୟକ, ଅଳକା ଦାଶ, ତରୁଲତା ସାମଲ, ଜ୍ୟୋସ୍ନାରାଣୀ ଧାନୀ, କବିତା ଦାଶ, ରେଣୁପ୍ରଭା ମହାନ୍ତି, ରଶ୍ମି ଜେନା, ରୋଜି ତ୍ରିପାଠୀ, ଅମ୍ବିକା ପଣ୍ଡା ଓ ଅନ୍ୟମାନେ ଯୋଗଦାନ କରି ପଦ୍ୟାଂଶୁ ଗ୍ରୁପ ଡ୍ୟାନ୍ସ ଆଦି ପ୍ରତିଯୋଗିତାରେ ଯୋଗଦାନ କରି ମନୋରଞ୍ଜନ କରିଥିଲେ। ସମସ୍ତ ମହିଳା ସଭ୍ୟାମାନେ ସମାଜରେ ସାହିତ୍ୟ, ସଂଗୀତ ଓ ସାମାଜିତ କାର୍ଯ୍ୟରେ ଯୋଗଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ ବୋଲି ସମିତିର ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୦ ଡିସେମ୍ବର ୨୦୨୫ ● ଶନିବାର


## ମଣ୍ଡି ଶୀଘ୍ର ଖୋଲିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଂଚଳରେ ଧାନ ମଣ୍ଡି ଶୀଘ୍ର ଖୋଲିବାକୁ ଓଲମରା ଓ ରାଇବଣିଆ ସେବା ସମବାୟ ସମିତି ଚାଷୀଙ୍କ ପକ୍ଷରୁ ଜିଲ୍ଲା ପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ପଂଜିକୃତ ଚାଷୀଙ୍କୁ ଟୋକନ ପ୍ରଦାନ ସହିତ ସମସ୍ତ ଧାନ କ୍ରୟ କରିବାକୁ ଦାବି ଜଣାଇ ମାକିଡିଆ ହାଟପଦାଠାରେ ବହୁ ଚାଷୀ ପ୍ରତିବାଦ କରିଥିଲେ। ଯତିନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିଲ୍ଲିପ ସାମଲ, ଅଶୋକ ଚାନ୍ଦ, ସୁଧିର ସାହୁ, ଚନ୍ଦ୍ରମୋହନ କାପୁଡି, ବାସୁଦେବ କୁଇଲା ପ୍ରମୁଖ ବହୁ ଚାଷୀ ନେତା ଯୋଗଦେଇ ଅସନ୍ତୋଷ ଗଣ ଆନ୍ଦୋଳନରେ ପରିଣତ ହେବ ବୋଲି ଚେତାବନୀ ଦେଇଛନ୍ତି।

## ମୋକିମଙ୍କୁ ବହିଷ୍କାର ନିଷ୍ପତ୍ତି ଠିକ ନୁହେଁ: ଗିରିବାଳା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସରୁ ବରିଷ୍ଠ ନେତା ମହମ୍ମଦ ମୋକିମଙ୍କୁ ବହିଷ୍କାର କରାଯିବା ଘଟଣାକୁ ନେଇ ଦଳ ଭିତରେ କେଉଁଠି ନା କେଉଁଠି ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ନେତା ଏହି ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏପରି ସ୍ଥଳରେ କଟକ ନଗର ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା ନିଜ ପ୍ରତିକ୍ରିୟା ରଖିଛନ୍ତି। ଗିରିବାଳା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମୋକିମକୁ ବହିଷ୍କାର ନେଇ ଯାହା ନିଷ୍ପତ୍ତି ହୋଇଛି ତାହା ଠିକ ନୁହେଁ । ମୋକିମଙ୍କ ବିନା କଟକ କଂଗ୍ରେସରେ ପତ୍ରଟିଏ ହଲେନି । ଏଭଳି ନିଷ୍ପତ୍ତି ଦଳକୁ ଏଠାରେ ଦୁର୍ବଳ କରିବ । ବର୍ଷ ବର୍ଷ ଧରି କଟକରେ କଂଗ୍ରେସ ଜିତି ପାରୁନଥିଲା । କିନ୍ତୁ ମୋକିକ ଏବଂ ତାଙ୍କ ଝିଅ ଏଠାରେ ଜିତିଲେ । ପୌର ନିର୍ବାଚନରେ ବି କଂଗ୍ରେସ କର୍ପୋରେଟର ବିଜୟୀ ହେଲେ । ଏସବୁ କେବଳ ମୋକିମଙ୍କ ପାଇଁ ସମ୍ଭବ ହୋଇପାରିଲା। ସେ କୌଣସି ପ୍ରକାର ବିଶୃଙ୍ଖଳା କରିନାହାନ୍ତି । ଦଳକୁ ମଜବୁତ କରିବା ପାଇଁ ଚିଠି ଲେଖିଥିଲେ । ମାତ୍ର ତାଙ୍କୁ ଏଥିପାଇଁ ବହିଷ୍କାର କରାଯିବା ନିଷ୍ପତ୍ତି ଦଳର କର୍ମୀ ଓ ନେତାଙ୍କୁ ଆଘାତ ଦେଇଛି ବୋଲି କଟକ ନଗର ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା କହିଛନ୍ତି।

## ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟିତ

**ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାରେ ଚଳିତ ବର୍ଷର ଖରିଫ ବିପଣନ ଋତୁ ୨୦୨୫-୨୬ ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ ମଣ୍ଡି ଶୁକ୍ରବାର ରିଆମାଳ ବ୍ଲକ୍ ବୁଢ଼ାପାଲ୍ ଠାରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ସମ୍ବଲପୁର ସଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ଅଧକ୍ଷ ପଞ୍ଚାୟତ ସମିତି ରିଆମାଳ ମଧୁସୂଦନ ପ୍ରଧାନ, ସରପଞ୍ଚ ଦିଲୀପ କୁମାର ଆଚାର୍ଯ୍ୟ, ଉପସଭାପତି ବୁଢ଼ାପାଲ୍ ସୋସାଇଟି ରିତା ରାଣୀ ମିଶ୍ର, ସଭାପତି କୃଷକ ମଞ୍ଚ ଦେବଗଡ଼ ଜିଲ୍ଲା ପ୍ରମୋଦ ଝାଙ୍କର, ଉପନିବନ୍ଧକ ଭୀମସେନ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଧାନ କ୍ରୟ ଉପରେ ବିଭିନ୍ନ ସମସ୍ୟାର ଆଲୋକପାତ କରିଥିଲେ। ପରେପରେ ଜିଲ୍ଲାପାଳ ଶ୍ରୀ ସାହୁ ଓ ଉପଜିଲ୍ଲାପାଳ ଧାନ ସଂଗ୍ରହ ସ୍ଥାନକୁ ଯାଇ ଫିତା କାଟି ଶୁଭଉଦଘାଟନ କରିଥିଲେ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କ୍ୟୁଣ୍ଟାଲ ଧାନ କ୍ରୟ ଲକ୍ଷ ଧାର୍ଯ୍ୟ କରାଯାଇ ୫୧ଟି ମଣ୍ଡି ଖୋଲିବା ପାଇଁ ସ୍ଥିର ହୋଇଛି। ଜିଲ୍ଲାରେ ୨୧୪୧୪ ଚାଷୀ ପଞ୍ଜିକରଣ କରିଛନ୍ତି ଓ ବୁଢାପାଲ ସମବାୟ ସମିତିରେ ୯୧୩ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ଏଥି ମଧ୍ୟରୁ ଆଜି ପ୍ରଥମ ଦିନରେ ଚାଷୀ ତନ ପ୍ରଧାନ ୪୮ବସ୍ତାରେ ୨୧ କ୍ୱିଣ୍ଟାଲ ୯୭ କେଜି ଧାନ ବିକ୍ରି କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାର ୪୨ଟି ସୋସାଇଟିର ସଭାପତି, ସମ୍ପାଦକ, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗଡ଼ିଲା କୃଷକ ସଚେତନତା ରଥ




**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏକ କୃଷକ ସଚେତନତା ରଥକୁ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ୩ଦିନ ବ୍ୟାପି ବାଙ୍କୀ ଉପଖଣ୍ଡର ସମସ୍ତ ଗ୍ରାମ ପରିଭ୍ରମଣ କରିବା ସହ ଚଳିତ ଖରିଫ୍ ବର୍ଷ ୨୦୨୫-୨୬ ଧାନ ସଂଗ୍ରହ ବିଷୟରେ କୃଷକମାନଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମ ଅବସରରେ ନିୟନ୍ତ୍ରିତ ବଜାର କମିଟିର ଭାରପ୍ରାପ୍ତ ସଂପାଦକ ଅଶୋକ କୁମାର ପ୍ରଧାନ, ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଭାତ ମୋହନ ସାହୁ, ଶିମିଳିପୁର ସେବା ସମବାୟ ସମିତି ସଭାପତି ବିଭୂପ୍ରସାଦ ସାମଲ, ବାଙ୍କୀ ରାମଚନ୍ଦ୍ରପୁର ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ମଣ୍ଡିରେ କିମ୍ବା ଏସ୍.ଏଚ୍.ଜି ଗ୍ରୁପ୍ମାନେ କିପରି ଧାନ ଠିକ୍‌ରେ ଚାଷୀମାନଙ୍କ ଠାରୁ କ୍ରୟ କରିବ ସେ ସଂପର୍କରେ ଏହି ରଥ ପରିକ୍ରମା କରିବାର ଉଦ୍ଦେଶ୍ୟ।

## ଅଗ୍ନି ବିପନ୍ନଙ୍କୁ ସହାୟତା

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ନିକଟସ୍ଥ ଉଦୟପୁର ଗ୍ରାମ ପଞ୍ଚାୟତର ସିଙ୍ଗାପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ଗୋଟି ପରିବାରର ୬ ବଖରା ଘର ସହ ସମସ୍ତ ଆସବାବ ପତ୍ର, ଅନେକ ଲୁଗାପଟା ବାସନ କୁସନ ଆଦି ପୋଡି ଯାଇଥିଲା। ଏହି ବିପଦ ସମୟରେ କେନ୍ଦ୍ରାପଡ଼ା ରାଜନଗର ଅଂଚଳର ଧୋନି ଫାଉଣ୍ଡେସନ ନାମକ ଏକ ଅନୁଷ୍ଠାନ ସହ ସ୍ଥାନୀୟ ନୟାଗଡ଼ର ହାମ୍ପସ ନାମକ ଏକ ଅନୁଷ୍ଠାନ ମିଶି ବିପନ୍ନମାନଙ୍କୁ ଲୁଗାପଟା, କମ୍ବଳ, ପିଲାଙ୍କ ପୋଷାକ, ଚାଉଳ, ଡାଲି, ଚୁଡା ଗୁଡ, ମହମ ବତୀ ଦିଆସିଲି ଆଦି ଯୋଗାଇ ଦେବା ସହ ପ୍ରତ୍ୟେକ ପରିବାରକୁ ୨ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ମଧ୍ୟ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚିନ୍ମୟ କୁମାର ଦାଶ, ଗଣେଶ୍ୱର ଦାସ, ହାମ୍ପସର ସୁନିତା ଦାଶଗୁପ୍ତା ସମ୍ପାଦକ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କରିଥିଲେ।

## ବିଦ୍ୟୁତ ଆଘାତରେ ଜଣେ ମୃତ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ୍ ଅଧୀନ ଝିଣ୍ଟି ଶାସନ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ସରକାରୀ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବିଜୟ କୁମାର ସାମଲ (ବିଜୁ-୪୮ବର୍ଷ)। ପରିବାର ଲୋକ ଗୁରୁତର ଅବସ୍ଥାରେ ବିଜୟଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ବିଜୟ ପନ୍ତତତ୍ୱ ବିଭାଗରେ କାର୍ଯ୍ୟରତ। ଆଜି ସକାଳ ସାଢେ ୭ଟା ସମୟରେ ଗାଧୋଇବା ପାଇଁ ପାଣି ମୋଟର ଚାଲୁ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ସଂକଟାପନ୍ନ ହୋଇପଡିଲେ। ପରିବାର ଲୋକ ବିଜୟଙ୍କୁ ପ୍ରଥମେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ବାଲିପାଟଣା ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ବିଜୟଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## କେନ୍ଦ୍ରାପଡାରେ ଲଭ୍ ଜିହାଦ: ଯୁବତୀଙ୍କୁ ହାଇଦ୍ରାବାଦ୍‌ରେ ବିକ୍ରି !

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ାରେ ଲଭ୍ ଜିହାଦ ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ହିନ୍ଦୁ ଝିଅକୁ ବିବାହ କଲେ ଜଣେ ମୁସଲମାନ ପୁଅକୁ ମିଳୁଛି ୧୦ ଲକ୍ଷ ଟଙ୍କା। ଏପରି ଅଭିଯୋଗ ଆଣିଛନ୍ତି କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ନସଡିପୁର ଗ୍ରାମର ଜଣେ ମହିଳା। ଏ ନେଇ ମହିଳା ଜଣକ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଯୁବକଙ୍କ ବିରୋଧରେ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗକାରୀ ମହିଳା ଜଣକ କହିଛନ୍ତି ଯେ ସେ ହେଉଛନ୍ତି ମୁସଲମାନ ସଂପ୍ରଦାୟର। ତାଙ୍କ ସ୍ୱାମୀ ତାଙ୍କୁ ଛାଡି ଅନ୍ୟ ଦୁଇ ଜଣ ହିନ୍ଦୁ ଝିଅକୁ ଭଲପାଇବା ଜାଲରେ ଫସାଇ ବିବାହ କରିଛନ୍ତି। ପ୍ରଥମେ ଏକ ବର୍ଷ ତଳେ ସାଲେପୁର ଅଞ୍ଚଳର ଜଣେ ହିନ୍ଦୁ ଝିଅକୁ ଫସାଇ ବିବାହ କରିଥିଲେ। ଏ ନେଇ ତାଙ୍କୁ ଏକ ଅନୁଷ୍ଠାନ ପକ୍ଷରୁ ୧୦ ଲକ୍ଷ ଟଙ୍କା ଦିଆଯାଇଥିଲା। ଏବେ କେନ୍ଦ୍ରାପଡା ସଦର ଥାନା ଅଧିନ ନାଗପୁରା ଅଞ୍ଚଳର ଅନ୍ୟ ଜଣେ ହିନ୍ଦୁ ଝିଅକୁ ଫସାଇ ବିବାହ କରିଛନ୍ତି। ଏହି ଦୁଇଟି ବିବାହ ବାବଦରେ ତାଙ୍କୁ ୨୦ ଲକ୍ଷ ଟଙ୍କା ମିଳିଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଜଣେ ହିନ୍ଦୁ ଯୁବତୀଙ୍କୁ ତାଙ୍କ ସ୍ୱାମୀ ହାଇଦ୍ରାବାଦରେ ବିକ୍ରି କରି ଦେଇଛନ୍ତି। ଏ ସଂକ୍ରାନ୍ତରେ ଟାଉନ୍ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ମହିଳା ଜଣକ ଅଭିଯୋଗ କରିବା ପରେ ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯିବା ସହିତ ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଆମେ ବିଭିନ୍ନ ସ୍ଥାନରେ ଚଢାଉ କରିଛୁ। ହେଲେ ସେ ଫେରାର ହୋଇଯାଇଛନ୍ତି। ଏଥିସହ ତାଙ୍କ ଫୋନ ଲାଗୁନାହିଁ। ଫଳରେ ତାଙ୍କୁ ଗିରଫ କରିବାରେ ସମସ୍ୟା ସୃଷ୍ଟି ହୋଇଛି। କିନ୍ତୁ ଖୁବଶୀଘ୍ର ଅଭିଯୁକ୍ତ ଯୁବକ ଗିରଫ ହେବେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ପଚାରିବାରୁ ସେ କହିଲେ ଅଭିଯୁକ୍ତଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପ୍ରାଥମିକ ପର୍ଯ୍ୟାୟରେ ସଂପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ମହିଳାଙ୍କ ଅଭିଯୋଗକୁ ଆଧାର କରି ଏକ ପୋଲିସ ଟିମ୍ ହାଇଦ୍ରାବାଦ ଯାଇଛି ବୋଲି ସେ କହିଛନ୍ତି।

## ପୋତି ହୋଇଯିବ ଜମ୍ବୁ କେନାଲ: ଜଳସେଚନରୁ ବଞ୍ଚିତ ହେବ ଚାଷ ଜମି

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଠିକା ସଂସ୍ଥା ପ୍ରତିରୁ ଇତିହାସ ହୋଇଯିବ ନଅଙ୍କ ଦୁର୍ଭିକ୍ଷର ମୁକସାକ୍ଷୀ ବ୍ରିଟିସରଙ୍କ ନୌବାଣିଜ୍ୟ ଓ ଗମନା ଗମନ ପାଇଁ ଗଢି ଉଠିଥିବା ଜମ୍ବୁ-ମାର୍ଶାଘାଇ କେନାଲ। ଏହି କେନାଲ ବ୍ରିଟିସ ଚାଲିଗଲା ପରେ ମାର୍ଶାଘାଇ ଓ ମହାକାଳପଡା ଅଞ୍ଚଳର ଲୋକମାନଙ୍କ ଗମନା ଗମନ, ନୌବାଣିଜ୍ୟ ଓ ଚାଷ ଜମିକୁ ଜଳସେଚିତ କରାଇବାର ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। କାଳକ୍ରମେ ୧୯୯୯ ମସିହା ପୂର୍ବଅରୁ କେନାଲ ଉପରେ ଜଳସମ୍ପଦର ଏକ ବିଭାଗ ସ୍ଥାନେ ସ୍ଥାନେ ସେତୁ ନିର୍ମାଣ କରିଦେବାରୁ ନୌବାଣିଜ୍ୟ ବନ୍ଦ ହୋଇଗଲା। କେବଳ ଜଳସେଚିତ ପାଇଁ ଏହି କେନାଲର ପାଣି ବିଭିନ୍ନ ବ୍ରାଞ୍ଚ କେନାଲରେ ଯାଇ ଚାଷ ଜମିକୁ ମାଡିଥାଏ। ମାର୍ଶାଘାଇ ଓ ମହାକାଳପଡା ବ୍ଲକର ପ୍ରାୟ ୩୦ଟି ଗ୍ରାମର ଲୋକମାନେ ଏହି କେନାଲର ଜଳକୁ ବ୍ୟବହାର କରୁଥିବା ବେଳେ ହଜାର ହଜାର ହେକ୍ଟର ଚାଷ ଜମି ଜଳ ସେଚିତ ହୋଇଥାଏ। ଏହି କେନାଲଟି ବର୍ଷ ବର୍ଷ ଧରି ଦଳପୂର୍ଣ୍ଣ ହୋଇ ରହିଛି। ବର୍ଷରେ ବାରମାସ ପାଣି ରହୁଥିବା ବେଳେ ଏବେ ବର୍ଷରେ ଏକମାସ ପାଣି ଆସିବା କଷ୍ଟ ହେଉଛି। ପାଣି ଆସିଲେ ଦଳଭର୍ତ୍ତି ଯୋଗୁ ଏବେ କେନାଲର ତଳ ମୁଣ୍ଡକୁ ଯିବା କଷ୍ଟକର ହେଉଛି। ଏବେ କିନ୍ତୁ ରାଜପଥ ସମ୍ପ୍ରସାରଣରେ କେନାଲ ପୋତି ହୋଇ ସେତୁ ନିର୍ମାଣ ଓ ସେତୁ ତଳର ରାସ୍ତା ନିର୍ମାଣ ପାଇଁ କେନାଲ ପୋତିହେବାର ଜଳଜଳ ହୋଇ ଦେଖାଯାଉଛି। ମାର୍ଶାଘାଇ କେନାଲ ବ୍ରିଜ ନିକଟରେ ଠିକା ସଂସ୍ଥାର ଭୂଲ ଡିଜାଇନ ପାଇଁ କେନାଲ ସେତୁ ଜମ୍ବୁ-ମାର୍ଶାଘାଇ କେନାଲ ରାସ୍ତା ସମ୍ପୂର୍ଣ୍ଣରୂପେ ମାଡିବସି ନିର୍ମାଣ ହେଲା। ଏବେ ରାସ୍ତା ନିର୍ମାଣ ପାଇଁ ଠିକା ସଂସ୍ଥା କେନାଲ ଭିତରେ ଗାର୍ଡ ୱାଲ ନିର୍ମାଣ କରିଥିବା ବେଳେ ଏହି ଗାର୍ଡ ୱାଲ ଏତେ ନିମ୍ନମାନର ନିର୍ମାଣ କରାଯାଇଛି ରାସ୍ତାରେ ମାଟି ବଢିବାରୁ ଗାର୍ଡ ୱାଲ ଫାଟିବାରେ ଲାଗିଛି। ଗାର୍ଡ ୱାଲର ସୁରକ୍ଷା ପାଇଁ ଏବେ କେନାଲ ଭିତରେ ଆଉ ୪ଫୁଟର ମାଟି ପୋତି ଦୁର୍ବଳ ଗାର୍ଡ ୱାଲକୁ ସୁରକ୍ଷା ଦେଉଛି। ଫଳରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ପୋତି ହୋଇ ଏକ ବ୍ରାଞ୍ଚ କେନାଲର ରୂପ ନେବା ସହିତ ଧିରେଧିରେ ମାର୍ଶାଘାଇ ଓ ମହାକାଳପଡାବାସୀଙ୍କ ପାଇଁ ଇତିହାସ ପାଲଟିବ। ଫଳରେ କେନାଲରେ ପାଣି ଯାଇ ଜଳସେଚିତ ହେବାକୁଥିବା ଚାଷ ଜମି ଜଳ ଅଭାବରୁ ପଡିଆ ପଡିବ। ଠିକା ସଂସ୍ଥା କେନାଲ ବ୍ରିଜ ନିକଟରେ କେନାଲକୁ ପୋତିବା ନେଇ ଜଳସମ୍ପଦ ବିଭାଗ କେନ୍ଦ୍ରାପଡା ଅଧିକ୍ଷଣ ଯନ୍ତ୍ରୀ ଉମେଶ ସେଠୀଙ୍କୁ ପଚାରିବାରୁ ମାର୍ଶାଘାଇ ଜେଇଙ୍କୁ ପଠାଇ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି। ଏହି ଘଟଣା ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି। ନଚେତ ମହାକାଳପଡା ନିର୍ବାଚନ ମଣ୍ଡଳୀର ଭୌଗୋଳିକ ସ୍ଥିତିରୁ ଜମ୍ବୁ-ମାର୍ଶାଘାଇ କେନାଲ ଆଗାମୀ ପିଢି ପାଇଁ ଇତିହାସ ପାଲଟିବ।

## ସୋଆ ସୁରକ୍ଷିତ ଓ ଆବେଗପୂର୍ଣ୍ଣ କ୍ୟାମ୍ପସ ବାତାବରଣକୁ ଗୁରୁତ୍ୱ ଦିଏ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**



ଛାତ୍ରଛାତ୍ରୀମାନେ ଶୈକ୍ଷିକ ଦାୟିତ୍ୱ ଓ ଶୃଙ୍ଖଳା ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ଯାହାଦ୍ୱାରା କି ବିଶ୍ୱବିଦ୍ୟାଳୟର ସମ୍ମାନ ଉର୍ଦ୍ଧ୍ୱକୁ ଯିବ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ(ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨, ଫୁଲନଖରାର ପ୍ରଥମ ବାର୍ଷିକ ଉତ୍ସବ 'ଏନିଗ୍ମା ୨୦୨୫'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଛନ୍ତି ଯେ ର୍‍ୟାଗିଂ ଏକ ଧର୍ତ୍ତବ୍ୟ ଅପରାଧ। ଏଭଳି ଅପରାଧିକ କାର୍ଯ୍ୟକଳାପକୁ କେବେ ବି ବରଦାସ୍ତ କରାଯିବା ଉଚିତ୍ ନୁହେଁ। ଆମ ଶିକ୍ଷାନୁଷ୍ଠାନ ଏଭଳି ଅପରାଧିକ କାର୍ଯ୍ୟକଳାପକୁ କେବେ ବି ସମର୍ଥନ କରେ ନାହିଁ ବୋଲି ଶ୍ରୀମତି ଦାସ କହିଛନ୍ତି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ ଭଳି ନୂତନ ମେଡିକାଲ୍ କଲେଜର ଶୈକ୍ଷିକ ଯାତ୍ରା ବେଶ ସୁଦୃଢ଼ ହେବ ବୋଲି ଆଶା ବ୍ୟକ୍ତ କରିବା ସହ କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀ, ହସ୍ପିଟାଲ୍ ଡିନ୍, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଏବଂ ଫ୍ୟାକଲ୍ଟି ମେମ୍ବରମାନଙ୍କୁ ସୋଆ ଉପସଭାପତି ଶୁଭେଚ୍ଛା ଜଣାଇଛନ୍ତି। ଦୁଇଦିନ ଧରି ଆୟୋଜିତ ହେଉଥିବା ଏହି ବାର୍ଷିକ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ୨୦୨୪ ଏବଂ ୨୦୨୫ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ଦେଇଥିଲେ।

ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆ ଛାତ୍ରଛାତ୍ରୀମାନଙ୍କ ଦକ୍ଷତାକୁ ଉଚ୍ଚ ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟ ଏପରି ଏକ ସ୍ଥାନ ଯେଉଁଠାରେ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ ବୋଲି ମତ ରଖିଥିଲେ।

କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ -୧ର ପୂର୍ବତନ ଡିନ୍ ପ୍ରଫେସର ଗଙ୍ଗାଧର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମେଡିକାଲ କଲେଜର କୃତି ଛାତ୍ରଛାତ୍ରୀଙ୍କୁ ସୋଆ ଉପସଭାପତି ପୁରସ୍କୃତ କରିଥିଲେ। ଦୁଇ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି।

## କିଟ୍‌ରେ 'ମାର୍ଚ୍ଚିଂ ବିୟଣ୍ଡ ଦି ଲାଇବ୍ରେରୀ' ସମ୍ମିଳନୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କ ଏବଂ ଆଇସିଏମବିଏଲ ୨୦୨୫ ମିଳିତ ଆନୁକୂଲ୍ୟରେ ତିନି ଦିନିଆ ଅନ୍ତର୍ଜାତୀୟ ଲାଇବ୍ରେରୀ ୨୦୨୫ ଶୀର୍ଷକ ସମ୍ମିଳନୀ କିଟ୍‌ରେ ଉଦ୍ଘାଟିତ ହୋଇଯାଇଛି। ତିନି ଦିନ ବ୍ୟାପୀ ହେବାକୁ ଥିବା ଏହି ସମ୍ମିଳନୀରେ ଲାଇବ୍ରେରୀ ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆଲୋଚନା ହେବ। ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାରତ ଓ ବିଦେଶର ଖ୍ୟାତିସଂପନ୍ନ ପ୍ରଫେସର, ଶିକ୍ଷାବିତ୍, ସୂଚନା ବୈଜ୍ଞାନିକ, ଗବେଷକ ଓ ଲାଇବ୍ରେରୀ ବୃତ୍ତିଗତମାନେ ଯୋଗ ଦେଇଛନ୍ତି। ଏହା ସମ୍ମିଳନୀ ଜରିଆରେ ଲାଇବ୍ରେରୀର ବିକଶିତ ଭୂମିକା ଏବଂ ସମସାମୟିକ ଡିଜିଟାଲ୍ ଯୁଗରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ ବିଚାର ବିମର୍ଶ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର କେ. ଡି. ରାଜୁ, ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ବି. ରମେଶ ବାବୁ, ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କର ସଭାପତି ଡ. ଏମ୍. ଜି. ଶ୍ରୀକୁମାର, ମାନଲିବନେଟ ସାଧାରଣ ସଂପାଦକ ଡ ଅଖତର ପରଭେଜ, କିଟ୍ ଲାଇବ୍ରେରୀ ନିର୍ଦ୍ଦେଶିକା ତଥା ଲାଇବ୍ରେରୀ ସାଇନ୍‌ସ ବିଭାଗୀୟ ମୁଖ୍ୟ ଡ ବିଜୟାଲକ୍ଷ୍ମୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପାଠାଗାର ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦେଶରେ ଗ୍ରନ୍ଥାଗାରିକଙ୍କ ପରିବର୍ତ୍ତିତ ଭୂମିକା ଉପରେ ଗୁରୁତ୍ୱାରୋପ କରି ପ୍ରଫେସର କେ. ଡି. ରାଜୁ କହିଲେ, ଗ୍ରନ୍ଥାଗାରିକମାନେ ଆଉ କେବଳ ବୁକ୍‌କିପର ଭୂମିକାରେ ସୀମିତ ନୁହଁନ୍ତି ବରଂ ଦ୍ରୁତ ଗତିରେ ଟେକ୍ନୋକ୍ରାଟ୍, ଡିଜିଟାଲ୍ କ୍ୟୁରେଟର ଏବଂ ଶିକ୍ଷାଗତ ସହଯୋଗୀରେ ପରିଣତ ହେଉଛନ୍ତି। ସେହିପରି ବି. ରମେଶ ବାବୁ ଉନ୍ନତ ସୂଚନା ପ୍ରଯୁକ୍ତିର ବିସ୍ତାରିତ ଦିଗ ଏବଂ ସୂଚନା ପ୍ରଣାଳୀର ପରିଚାଳନା ଓ ନିୟନ୍ତ୍ରଣରେ ଏହାର ବ୍ୟବହାରିକ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ସେ ପାଠାଗାର ସେବାର ଦକ୍ଷତା ଓ ପହଞ୍ଚ ବୃଦ୍ଧି କରିବା ପାଇଁ ଅଭିନବ ଉପକରଣ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ ବିଜୟଲକ୍ଷ୍ମୀ ରାଉତରାୟ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଅଧ୍ୟାପକ ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ନ୍ୟାସନାଲ ହେରାଲଡ ମିଛ ମାମଲାରେ କଂଗ୍ରେସର ନୈତିକ ବିଜୟ ଘଟିଥିବା ବେଳେ ମିଛ ମାମଲାକୁ ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପାର୍ଟି କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଥିବା ରାଜଘାଟ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ସାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଂଗ୍ରେସର ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା ବରିଷ୍ଠ ନେତା ଅବଦୁଲ ମୋକିତ ଖାଁ ପାର୍ଟି, ବ୍ଲକ ସଭାପତି ପୀତବାସ ଧଳ, ରାଜ୍ୟ ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ନାରୀନେତ୍ରି ଶର୍ମିଷ୍ଠା ପଣ୍ଡା, ଯୁବନେତା ବଳରାମ ରାଉତ, ଇଲିଆସ ଖାଁ, ଲାଲୁ ଖାଁ, ହସିନା ଖାତୁନ, ଦୀନବନ୍ଧୁ ଦାସ, ହାଡିବନ୍ଧୁ ବିଶ୍ୱାଳ, ସେକ ତୁବାରକ, ଶମ୍ଭୁନାଥ ପତି, ମାୟାଧର ରାଉଳ, ଟନି ଅଲି ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ହାଏ ହାଏ, ଗୃହ ମନ୍ତ୍ରୀ ହାଏ ହାଏ, ବିଜେପି ସରକାର ଡାଉନ ଡାଉନ ସ୍ଲୋଗାନ ଦେଇ ରାଜଘାଟ ଛକ ଠାରେ ପହଂଚି ନାରାବାଜି କୁଶପୁତ୍ତଳିକା ଦାହ କରିଥିଲେ।

## ସରକାର ନିର୍ଦ୍ଧାରଣ କରିଥିବା ସିଡ୍ୟୁଲ ରେଟ୍‌ର ପରିବର୍ତ୍ତନ ଦାବି




**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ବିରଜାକ୍ଷେତ୍ର ଠିକାଦାର ସଂଘର ସାଧାରଣ ବୈଠକ ଯାଜପୁର ସହର ସ୍ଥିତ ଶାନ୍ତି ମଣ୍ଡପରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ବିଭିନ୍ନ ଅଞ୍ଚଳର ଠିକାଦାର ଯୋଗଦେଇ ଟେଣ୍ଡର ବେଳେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ ଭାବରେ ଠିକାଦାର ସରକାର ନିର୍ଦ୍ଧାରଣ କରିଥିବା ସିଡ୍ୟୁଲ ରେଟ୍‌ର ପରିବର୍ତ୍ତନ ପାଇଁ ଦାବି କରିଛନ୍ତି। ମାତ୍ର ସରକାର ଦୃଷ୍ଟି ଦେଉନଥିବାରୁ ଠିକାଦାର ଅଭିଯୋଗ କରିଛନ୍ତି। ତେବେ ମାର୍କେଟରେ ଜିନିଷ ପତ୍ରର ଦରଦାମ ବୃଦ୍ଧି ପାଉଛି ଯାହାଫଳରେ ଜଣେ ଠିକାଦାର ତାର ପରିବାର ଚଳେଇବା କଷ୍ଟକର ହେଇଯାଉଛି। ଏଭଳି ପରିସ୍ଥିତି ରାଜ୍ୟ ସରକାର ସିଡ୍ୟୁଲ ରେଟ୍ ପରିବର୍ତ୍ତନ କରିବା ସାଙ୍ଗକୁ ସ୍ୱତନ୍ତ୍ର ଯୋଜନା କରିବାକୁ ଠିକାଦାର ଦାବି କରିଛନ୍ତି। ଆଜିର ଏହି ବୈଠକରେ ସଂଘର ସଭାପତି ସଞ୍ଜିବ ପରିଡ଼ା, ସମ୍ପାଦକ ଦିଲ୍ଲିପ କୁମାର ଜେନା, କୋଷାଧକ୍ଷ ବିଜୟ କୁମାର ପଣ୍ଡା, ଉପଦେଷ୍ଟା କେଦାରଶ୍ୱର ରାଉତ, ରାଜେଶ ମହାପାତ୍ର, ନିହାର ରଞ୍ଜନ ମାନ୍ଧାତା, ଆଲୋକ ସାମଲ, ବସନ୍ତ ମିଶ୍ର, ପ୍ରଶାନ୍ତ ଦାସ, ବିଜୟ ପରିଡ଼ା ପ୍ରମୁଖ ମଞ୍ଚାସୀନ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ସାମଲ, ସୌମ୍ୟ ରଞ୍ଜନ ସାମଲ, ସୁଧା ଜେନା, ସସ୍ମିତ ଜେନା, ରାକେଶ ସାହୁ, ଉଦୟଭାନୁ ପତି, ଶରତ ସାହୁ, ମନୋଜ ସାହୁ, ବିଷ୍ଣୁ ନାୟକ, ସତ୍ୟବ୍ରତ ମହାନ୍ତି, ସ୍ୱପ୍ନି ପରିଡ଼ା, ଜଗବନ୍ଧୁ ଜେନା, ଅକ୍ଷୟ କୁମାର ବେହେରା, ସୁଧାକର ନାୟକ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଠିକାଦାର ଉପସ୍ଥିତ ଥିଲେ।

## ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳ ରଘୁରାମ ଆର. ଆୟର ଗୁରୁବାର ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗ୍ରାମୀଣ ଗୃହ ନିର୍ମାଣ ଯୋଜନା,ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା,ଗ୍ରାମ ପଞ୍ଚାୟତ ଭବନ,ଅଙ୍ଗନୱାଡି କେନ୍ଦ୍ର, ବ୍ୟାକିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଓଡିଶା ଜୀବିକା ମିଶନ, ମିଶନଶକ୍ତି, ଶିଳ୍ପ ପାର୍କ, ସ୍ୱାସ୍ଥ୍ୟ ଭିତିଭୂମି, ବାତ୍ୟା ଆଶ୍ରୟସ୍ଥଳ, ସମଗ୍ର ଶିକ୍ଷା, ବିଦ୍ୟୁତ୍ ସଂକ୍ରାନ୍ତିୟ ସମେତ ଅନ୍ୟନ୍ୟା ପ୍ରମୁଖ ବିଷୟବସ୍ତୁ ଉପରେ ବୈଠକରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ସମସ୍ତ କାର୍ଯ୍ୟର ସମୀକ୍ଷା କରି ଗୋଟି ଗୋଟି କରି ତା'ର ସମସ୍ୟା ଉପରେ ବିସ୍ତୃତ ଭାବେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟ କିପରି ସମୟସୀମା ମଧ୍ୟରେ ସମାପ୍ତ ହେବ ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର, ସମସ୍ତ ଲାଇନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀ ଶ୍ରୀ ମହାବିଦ୍ୟାଳୟରେ 'କଳିଙ୍ଗ ଆୟୁର୍ବେଦ ବୈଦ୍ୟ ସମାଗମ'

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**




ଦର୍ଶନେନ ଜ୍ଞାନମ୍, ଅନୁଭବେନ ସିଦ୍ଧି, ପ୍ରଜ୍ଞୟା ପ୍ରକାଶଃ... ଅର୍ଥାତ୍ ପର୍ଯ୍ୟବେକ୍ଷଣରୁ ଶିକ୍ଷା, ଅଭିଜ୍ଞତାରୁ ସିଦ୍ଧି ଓ ପ୍ରଜ୍ଞାରୁ ହୁଏ ଆଲୋକର ପ୍ରାପ୍ତି । ଏହି ଉକ୍ତିକୁ ପାଥେୟ କରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ 'ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ୍ ସାଇନ୍ସ ଏଣ୍ଡ ରିସର୍ଚ୍ଚ ହସ୍ପିଟାଲ୍' ପକ୍ଷରୁ ଆୟୋଜିତ ତିନିଦିନିଆ ଆୟୁର୍ଫେଷ୍ଟ ବା ରାଜ୍ୟସ୍ତରୀୟ ଆୟୁର୍ବେଦ ମହୋତ୍ସବ 'କଳିଙ୍ଗ ଆୟୁର୍ବେଦ ବୈଦ୍ୟ ସମାଗମ' (କେ.ଏ.ଭି.ଏସ୍.) ଶୁକ୍ରବାର ଉଦଯାପିତ ହୋଇଛି। ବୁଧବାର ଉଦଘାଟିତ ହୋଇଥିବା ଏହି ମେଗା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଏକାଡେମିକ୍ ଓ ରିସର୍ଚ୍ଚ ଡିନ୍ ପ୍ରଫେସର ଡ. କେଶରୀ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବେଙ୍ଗାଲୁରୁସ୍ଥିତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରୁ ଆସିଥିବା ପ୍ରଫେସର ଡ. ପ୍ରବୀଣ କୁମାର ହୋସକୋଟେ ମାନବ ଶରୀର ବ୍ୟବଚ୍ଛେଦର ଲାଇଭ୍ ଡେମୋ ପ୍ରଦର୍ଶନ କରିଥିଲେ ଏବଂ ଏହାଦ୍ୱାରା ଉପସ୍ଥିତ ଆୟୁର୍ବେଦ ବିଦ୍ୟାର୍ଥୀମାନେ ମାନବ ଶରୀର ସଂରଚନା ସମ୍ପର୍କରେ ସିଧାସଳଖ ଜାଣିବାରେ ସକ୍ଷମ ହୋଇଥିଲେ। ଗୁରୁବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସାଇଣ୍ଟିଫିକ୍ ସେସନ୍ ଥିବାବେଳେ ଏଥିରେ ଅତିଥି ଭାବରେ ଯୋଗଦେଇ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ କହିଥିଲେ, ଆଗାମୀ ଦିନରେ ଆୟୁର୍ବେଦର ଉନ୍ନତି ନିମନ୍ତେ ଚିକିତ୍ସକ ଏବଂ ବିଦ୍ୟାର୍ଥୀମାନେ ଚିନ୍ତା କରିବା ଆବଶ୍ୟକ। ମହାବିଦ୍ୟାଳୟ ଡିନ୍ ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା କଳିଙ୍ଗ ଆୟୁର୍ବେଦ ବୈଦ୍ୟ ସମାଗମ ବିଷୟରେ ସୂଚନା ଦେବା ସହ ସର୍ବଭାରତୀୟ ସ୍ତରରେ ଏହି ମହାବିଦ୍ୟାଳୟର ଅନବଦ୍ୟ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆୟୁର୍ବେଦର ଉନ୍ନତି ପାଇଁ ଦୃଢ଼ ନେତୃତ୍ୱର ଆବଶ୍ୟକତା ଅଛି ବୋଲି ଡେପୁଟି ଡିନ୍ ପ୍ରଫେସର ଡ. ଦୁର୍ଗାପ୍ରସାଦ ଦାଶ ମତ ରଖିଥିଲେ। ମୁଖ୍ୟବକ୍ତା ଭାବରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଯୋଗ ଦେଇଥିବା ପ୍ରଫେସର ପରମେଶ୍ୱରପ୍ପା ବ୍ୟାଦଗି ବିଭିନ୍ନ ରୋଗର କାରଣ ଏବଂ ନିରାକରଣ ସହ ଆୟୁର୍ବେଦରେ ବର୍ଣ୍ଣିତ ଆଚାର ରସାୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡେପୁଟି ଡିନ୍ ପ୍ରଫେସର ନଗେନ୍ଦ୍ର ପ୍ରସାଦ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଫେସର ଡ. କ୍ଷୀରାବ୍ଧୀ ତନୟା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ମୁଖପତ୍ର 'ଅନୁକ୍ରିତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶୁକ୍ରବାର ଉଦଯାପନୀ ଦିବସରେ କୁଳପତି ପ୍ରଫେସର ଡ. ତେଜପ୍ରତାପ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଫେସର ଡ. ରବିନାରାୟଣ ତ୍ରିପାଠୀ ଶଲ୍ୟ ଚିକିତ୍ସାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଡାକ୍ତର ଚନ୍ଦ୍ରକାନ୍ତ ଦେଶମୁଖ ବିଦ୍ଧ ଏବଂ ଅଗ୍ନି କର୍ମ ଚିକିତ୍ସାର ଉପଯୋଗିତା ସହ ଚିକିତ୍ସାର ଲାଇଭ୍ ଡେମୋ ପ୍ରଦର୍ଶନ କରିଥିଲେ। ଏହି ତିନିଦିନିଆ ମେଗା ଆୟୁର୍ବେଦ କାର୍ଯ୍ୟକ୍ରମର ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମାପନ କରିବାକୁ ପ୍ରଫେସର ଡ. ରମାକାନ୍ତ ରାଉତ, ପ୍ରଫେସର ଡ. ଅଭୟ କୁମାର ମିଶ୍ର, ପ୍ରଫେସର ଡ. ପଦ୍ମଲୋଚନ ଶଙ୍ଖୁଆ, ପ୍ରଫେସର ଡ. ଲକ୍ଷ୍ମୀ ଦେବୀ, ଡକ୍ଟର ନିଖିଲ କୌଶିକ, ଡକ୍ଟର ଅମରେଶ କର, ପ୍ରଫେସର ଡ. ପ୍ରଭାକର ସାମଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ ତନିସ ମହାପାତ୍ର, ଶିଳଓଦିତ୍ୟ ବେହେରା, ଅଦ୍ୱେତ ସାଓ୍ୱାଲ, ମିର୍ଜା ସାଦିଆ, ବୈଭବ ମିଶ୍ର ଏବଂ ଇତିଶ୍ରୀ ପଲେଇ ପ୍ରମୁଖ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇଥିଲେ।

## ମାଟିରେ ପୋତି ହୋଇଗଲାଣି ଜଳ ସଂରକ୍ଷଣ ପ୍ରକଳ୍ପ

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ସରକାରଙ୍କ ସମୟରେ ମନ ରେଗା ଯୋଜନାରେ ଶ୍ରମିକମାନଙ୍କୁ କର୍ମ ନିଯୁକ୍ତି ଦେବାର ଆଭିମୁଖ୍ୟ ରଖି କୃଷକମାନଙ୍କ ହିତ ପାଇଁ ଚାଷ ଜମିକୁ ଲାଗି ରହିଥିବା ସରକାରୀ ଜମିରେ ଛୋଟ ଛୋଟ ପିଟ ଆକାରରେ ଖନନ କରି ବର୍ଷା ଜଳ ସଂରକ୍ଷଣ ରଖି ଏହାର ସୁପରିଚାଳନା ପାଇଁ ଯୋଜନା କରାଯାଇ ଏହି ବ୍ଲକର ଅନେକ ସ୍ଥାନରେ ପ୍ରକଳ୍ପମାନ କରାଯାଇ ଥିବାବେଳେ ଏହାର ସୁଫଳ କିନ୍ତୁ ଜନ ସାଧାରଣଙ୍କୁ ମିଳିଲା ନାହିଁ। ଧିରେଧିରେ ପିଟ୍‌ଗୁଡ଼ିକୁ ମାଟି ଧସି ପୋତା ପୂରିଯିବାରୁ ଏବେ ପ୍ରକଳ୍ପ ସ୍ଥାନଗୁଡିକ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇ ଯାଇଥିବା ଦେଖାଗଲାଣି। ଏହାର ଏକ ବଳିଷ୍ଠ ଉଦାହରଣ ଏହି ବ୍ଲକର କଂସରା ପଞ୍ଚାୟତର ରାସ୍ତା ପାର୍ଶ୍ୱ ଡ଼ାଳିଆମ୍ବ ସମ୍ମୁଖ ସରକାରୀ ପଡିଆରେ ଖନନ ହୋଇ ଥିବା ପ୍ରକଳ୍ପ। ୨୦୨୦-୨୦୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ସେ ସମୟରେ ନିଶ୍ଚିହ୍ନ ହୋଇ ଯାଇଥିବା ଫଳକରେ ସେ ସମୟରେ ଶ୍ରମ ଦିବସ, ସେମାନଙ୍କ ମଜୁରୀ ଓ ପ୍ରକଳ୍ପର ଅଟକଳ ମୂଲ୍ୟ ଚିତ୍ରିତ ହୋଇଥିଲା। ପ୍ରକଳ୍ପ ଶେଷ ପରେ ପ୍ରାୟ ୨ରୁ ୩ ବର୍ଷ ଫଳକଟି ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଦୃଶ୍ୟମାନ ହେବା ପରେ ଧିରେଧିରେ ସେହି ସ୍ଥାନରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା। ସେହିଭଳି ପୀଟଗୁଡ଼ିକ ଦିନକୁ ଦିନ ମାଟିରେ ପୋତି ହୋଇଯାଇ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇ ଯିବାକୁ ବସିଲାଣି। ଏହି ଯୋଜନାର ଲକ୍ଷ ଓ ଉଦ୍ଦେଶ୍ୟ ସ୍ଥାନୀୟ ଅଞ୍ଚଳ ବାସି ନପାଇବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଠିକାଦାରୀ ଓ ଲାଭଖୋର୍ ମନୋବୃତ୍ତି ନେଇ ସେ ସମୟରେ ପଞ୍ଚାୟତ ପକ୍ଷରୁ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ସେବକ, ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ବିଡ଼ିଓ ମିଳିମିଶି ତରବରିଆ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକୁ ନେଇ ପଞ୍ଚାୟତର କେତେକ ବୁଦ୍ଧିଜୀବୀ କେତେକ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବାରେ ଏହି ପ୍ରକଳ୍ପ ସଂକ୍ରାନ୍ତୀୟ ଖବର ପ୍ରକାଶିତ ହୋଇ ଥିଲା। ତେବେ ସେ ସମୟରେ ବ୍ଲକ ପ୍ରଶାସନ କାହିଁକି ଚୁପ୍ ରହିଥିଲା ଏବେ ବି ପ୍ରଶ୍ନ ଉଙ୍କି ମାରୁଛି। ଭିଜିଲାନ୍ସ ତଦନ୍ତ କରାଗଲେ ଏହି ଭଳି ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ ସେଥିରେ କେତେ କାରନାମା କରା ଯାଇଛି ଲୋକ ଲୋଚନକୁ ଆସିବ।


### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIVBBS 2025057, ତା.11.12.2025ରିଖ

**କାର୍ଯ୍ୟର ନାମ :** ଝାରସୁଗୁଡ଼ା-ଶାସନ ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପ ସମ୍ବନ୍ଧୀୟ ଲପଙ୍ଗା ଏବଂ ଶାସନ ମଧ୍ୟରେ ମାଟି କାମ, P.WAY କାର୍ଯ୍ୟ ଏବଂ ବଡ଼ ପୋଲ, ଛୋଟ ପୋଲ, ରୋଡ଼ ଓଭର ବ୍ରିଜ୍ / ରୋଡ଼ ଅଣ୍ଡର ବ୍ରିଜଗୁଡ଼ିକର ନିର୍ମାଣ, ଝାରସୁଗୁଡ଼ା ରୋଡ଼, ବୃନ୍ଦାମାଲ, ଲପଙ୍ଗା, ରେଙ୍ଗାଲି ଏବଂ ଶାସନ ୟାର୍ଡରେ ସିଭିଲ୍ ଓ P.WAY କାର୍ଯ୍ୟ ଏବଂ ବୃନ୍ଦାମାଲ ଏବଂ ଲପଙ୍ଗା ମଧ୍ୟରେ ବୋନମ ନଦୀ ଉପରେ ତୃତୀୟ ଓ ଚତୁର୍ଥ ଉଭୟ ଲାଇନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ନଂ. 7 (ୱେଲ ଫାଉଣ୍ଡେସନ ଉପରେ 8X45.7 ମିଟର ଓପନ ୱେବ ଗର୍ଡର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 54521.82 ଲକ୍ଷ, EMD : ₹ 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.02.2026ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-193/CI/25-26



### ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/ E-Tender/97, ତା.16.12.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2025, ତା.11.12.2025ରିଖ

**ବିବରଣୀ :** ସାନକେରେଜାଙ୍ଗ JSPL-କେରେଜାଙ୍ଗ ଲାଇନ ନିକଟରେ ନାଲକୋ ସାଇଡିଙ୍ଗର ଟେକ୍‌ଅଫ୍ ପଏଣ୍ଟରୁ ରେଲୱେ ୟାର୍ଡର ଇଣ୍ଟରଲକିଙ୍ଗ ନିମନ୍ତେ କେରେଜାଙ୍ଗ ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗରେ ପରିବର୍ତ୍ତନ ସମ୍ବନ୍ଧୀୟ ଗୁମଟିର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 39.37 ଲକ୍ଷ, EMD : ₹ 78,800/-

(2) ଟେଣ୍ଡର ସଂ. e-tender-CENTKUR-324-2025, ତା.11.12.2025ରିଖ

**ବିବରଣୀ :** ଡିପୋଜିଟ୍ ସ୍କିମ୍ ଅଧିନରେ 3 ବର୍ଷ ଅବଧି ନିମନ୍ତେ ତାଳଚେର ଠାରେ MCL ସାଇଡିଙ୍ଗ (ତାଳଚେର ଷ୍ଟେସନ ଠାରୁ TLSB ୟାର୍ଡ ପର୍ଯ୍ୟନ୍ତ), JNC/64 ପର୍ଯ୍ୟନ୍ତ SPUR-3&4 ସହିତ TLSB କ୍ୟାବିନ୍ (EX) ଠାରୁ ଜଗନ୍ନାଥ ସାଇଡିଙ୍ଗ, TLSB କ୍ୟାବିନ୍ (EX) ଜଗନ୍ନାଥ SILO ଲାଇନ (JNC / 125), ତାଳଚେର ଠାରୁ ଦେଉଳବେଡ଼ା ଏବଂ DB1 ୟାର୍ଡର ER ଲାଇନ ଠାରୁ DL/2/17 ପର୍ଯ୍ୟନ୍ତ) (SPUR-1&2 ଏବଂ ER ଲାଇନ ସହିତ TLSB (EX) ଠାରୁ ସାଉଥ ବଲଣ୍ଡା (UP & DN), SPUR-7&8 ସହିତ ସାଉଥ ବଲଣ୍ଡା (EX) ଠାରୁ ଭରତପୁର ୟାର୍ଡ ଏବଂ ଜଗନ୍ନାଥ ଭରତପୁର-କଳିଙ୍ଗ କନେକ୍ଟିଭିଟି (JNC/64 - JNC4/11))ର ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ବିବିଧ କାର୍ଯ୍ୟସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2310.45 ଲକ୍ଷ, EMD : ₹ 13,05,200/-

(3) ଟେଣ୍ଡର ସଂ. e-tender-NORTHKUR-325-2025, ତା.11.12.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ପରିସୀମା ଅଧିନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCs ର ଗ୍ରୀସିଙ୍ଗ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 261.27 ଲକ୍ଷ, EMD : ₹ 2,80,600/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 36 (ଛତିଶି) ମାସ (କ୍ରମ ସଂ. 2 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.01.2026ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-920/Q/25-26

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 20th December, 2025 Saturday | RNI Regd. No. ODIODI/2009/28880

## ପବନା ନେତାଙ୍କ ପିଲାଦିନର କଥା




ନିର୍ବାଚନ ବେଳେ ଗୋଟିଏ ସଭାରେ ଦୁଇଟି ଦଳର ଦୁଇଜଣ ପବନା ନେତା ନିଜର ପିଲାଦିନର ଦାରିଦ୍ର୍ୟ ବାବଦରେ ଲୋକଙ୍କୁ ଭାଷଣ ଦେଉଥାନ୍ତି ।

ପ୍ରଥମ ନେତା କହିଲେ- ଆମ ଗାଁରେ କରେଣ୍ଟ ନଥିଲା । ଆମ ଆର୍ଥିକ ଅବସ୍ଥା ବହୁତ ଖରାପ ଥିଲା । ଲଣ୍ଠନ ଜାଳିବାକୁ ବି ପଇସା ନଥିଲା । ମୁଁ ଧୂପକାଠି ଜଳାଇ ସେହି ଆଲୁଅରେ ପାଠ ପଢୁଥିଲି ।

ପ୍ରଥମ ନେତାଙ୍କ ଭାଷଣ ସରିବା ପରେ ଦ୍ୱିତୀୟ ନେତା ଆସିଲେ ।

ସେ କହିଲେ- ଆମ ଗାଁରେ ବି ବିଜୁଳି ନଥିଲା । ଆମର ଧୂପକାଠି କିଣିବାକୁ ବି ପଇସା ନଥିଲା । ତଥାପି ମୁଁ ରାତିରେ ପଢୁଥିଲି ।

ସ୍ରୋତାମାନେ ପଚାରିଲେ- କେମିତି ପଢୁଥିଲେ ?

ନେତା କହିଲେ- ମୋର ଗୋଟେ ସାଙ୍ଗ ଥିଲା । ତା'ନାଁ ଆଲୋକ । ତାକୁ ପାଖରେ ବସେଇ ପଢୁଥିଲି । ଦିନେ ଦିନେ ଆଲୋକ ଆମ ଘରକୁ ଆସୁନଥିଲା । ସେଦିନ ମୁଁ କେମିତି ପଢୁଥିଲି ଆପଣମାନେ ଜାଣନ୍ତି ?

ସ୍ରୋତାମାନେ ପଚାରିଲେ- କେମିତି ପଢୁଥିଲେ ?

ନେତା କହିଲେ- ଆମ ଗାଁରେ ଜ୍ୟୋତି ବୋଲି ଝିଅଟିଏ ଥିଲା । ତାକୁ ଡାକିଆଣି ପାଖରେ ବସାଇ ପଢୁଥିଲି ।

# ଭୟଭୀତ କରୁଛି ପ୍ରବଳ ଥଣ୍ଡା ସାଙ୍ଗକୁ ପ୍ରଦୂଷଣ

**ନୂଆଦିଲ୍ଲୀ,୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରୁ ନେଇ ପାଟନା ଓ ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ଯାଏ, ପାଗ ଓ ପରିବେଶ ସିଧାସଳଖ ସ୍କୁଲ ପାଠପଢ଼ାକୁ ପ୍ରଭାବିତ ପକାଇଛି । ରାଜଧାନୀ ଦିଲ୍ଲୀରେ ବିଷାକ୍ତ ବାୟୁ ପିଲାମାନଙ୍କ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଛି, ଯେଉଁଥିପାଇଁ ସରକାରଙ୍କୁ ସରକାରୀ ସ୍କୁଲର ଶ୍ରେଣୀଗୃହରେ ଏୟାର ପ୍ୟୁରିଫାୟର୍ ଲଗାଇବା ନିଷ୍ପତ୍ତି ନେବାକୁ ପଡିଛି । ସେପଟେ ବିହାରର ରାଜଧାନୀ ପାଟନାରେ ହ୍ରାସ ପାଉଥିବା ତାପମାତ୍ରା ଏବଂ ଘନ କୁହୁଡ଼ି ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ପାଲଟିଛି, ଯାହା ଯୋଗୁଁ ସ୍କୁଲଗୁଡ଼ିକର ସମୟକୁ ସୀମିତ କରାଯାଇଛି । ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶର ଅନେକ ଜିଲ୍ଲାରେ, ଶୀତ ଲହରୀ ଏବଂ କମ୍ ଦୃଶ୍ୟମାନତା ଯୋଗୁଁ ସ୍କୁଲଗୁଡ଼ିକୁ ବନ୍ଦ କରିବାକୁ ପଡିଛି କିମ୍ବା ସମୟରେ ପରିବର୍ତ୍ତନ କରାଯାଇଛି ।

ଜାତୀୟ ରାଜଧାନୀ ଦିଲ୍ଲୀରେ ଲଗାତାର ବିଗୁଡ଼ି ଥିବା ବାୟୁର ଗୁଣବତ୍ତା ହ୍ରାସ ପାଉଥିବା ବେଳେ, ଦିଲ୍ଲୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ସରକାରୀ ସ୍କୁଲରେ ପିଲାମାନଙ୍କୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ, ସରକାର ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଶ୍ରେଣୀଗୃହରେ ଏୟାର ପ୍ୟୁରିଫାୟର ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି । ଦିଲ୍ଲୀର ଶିକ୍ଷାମନ୍ତ୍ରୀ ଆଶିଷ ସୁଦ ୧୮ ଡିସେମ୍ବର, ୨୦୨୫ (ଗୁରୁବାର)ରେ ଏହି ଯୋଜନାର



ଘୋଷଣା କରିଥିଲେ । ଆଶିଷ ସୁଦ ସ୍ପଷ୍ଟ ଭାବେ କହିଥିଲେ ଯେ, ସରକାରୀ ସ୍କୁଲରେ ପିଲାମାନଙ୍କୁ ପ୍ରଦୂଷଣର ସଜା ମିଳିବା ଉଚିତ୍ ନୁହେଁ । ସେ କହିଥିଲେ ଯେ, ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଶ୍ରେଣୀଗୃହକୁ କଭର କରାଯିବ । ଏହାପରେ ଦିଲ୍ଲୀର ସମସ୍ତ ସରକାରୀ ସ୍କୁଲର ପ୍ରତ୍ୟେକ ଶ୍ରେଣୀଗୃହକୁ ବିସ୍ତାର କରାଯିବ ।

କେବଳ ଦିଲ୍ଲୀ ନୁହେଁ, ବରଂ ନୋଏଡା, ଗ୍ରେଟର ନୋଏଡା ଓ ଗୁରୁଗ୍ରାମରେ ମଧ୍ୟ ପ୍ରଦୂଷଣ ଯୋଗୁଁ ସ୍କୁଲର ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି । ଦିଲ୍ଲୀରେ, ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ଅନଲାଇନ୍ କ୍ଲାସ ଚାଲୁଛି । ଷଷ୍ଠ ଶ୍ରେଣୀରୁ ୧୧ ଶ୍ରେଣୀ ଯାଏ ହାଇବ୍ରିଡ୍ ମୋଡ୍ ଅଛି, ଯେତେବେଳେ କି ୧୦ ଓ ୧୨ ଶ୍ରେଣୀ ପାଇଁ ଅଫଲାଇନ୍ କ୍ଲାସ ଜାରି ରହିଛି । ନୋଏଡା, ଗ୍ରେଟର ନୋଏଡା ଓ ଗୁରୁଗ୍ରାମରେ, ସବୁ ଛାତ୍ରଛାତ୍ରୀଙ୍କୁ ହାଇବ୍ରିଡ୍ ମୋଡର ବିକଳ୍ପ ଦିଆଯାଇଛି । ୨୦୨୬ରେ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି, ୧୦ ଓ ୧୨ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଅଫଲାଇନ୍ ପାଠପଢ଼ା ଜାରି ରଖାଯାଇଛି ।

ବିହାରର ରାଜଧାନୀ ପାଟନାରେ କ୍ରମାଗତ ଭାବେ ହ୍ରାସ ପାଉଥିବା ତାପମାତ୍ରା ଏବଂ ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି, ଜିଲ୍ଲା ପ୍ରଶାସନ ସମସ୍ତ ସ୍କୁଲର ସମୟକୁ ବଦଳାଇ ଦେଇଛନ୍ତି । ୨୦ ଡିସେମ୍ବରରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ସ୍କୁଲ ସକାଳ ୧୦ଟା ରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ମାଜିଷ୍ଟ୍ରେଟ୍ ଡକ୍ଟର ଯାଗରାଜନ୍ ଏସ୍.ଏମ୍. ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ, ପିଲାମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ତଥାପି, ବୋର୍ଡ ଏବଂ ପ୍ରି-ବୋର୍ଡ ପରୀକ୍ଷାକୁ ଏହି ନିର୍ଦ୍ଦେଶରୁ ମୁକ୍ତ କରାଯାଇଛି ।

ଅନ୍ୟପଟେ ଉତ୍ତର ପ୍ରଦେଶର ଅନେକ ଜିଲ୍ଲାରେ ଥଣ୍ଡା ଓ ଘନ କୁହୁଡ଼ିର ପ୍ରଭାବ ସ୍ପଷ୍ଟ ନଜର ଆସିଛି । ଆମ୍ବେଦକରନଗରରେ, ଡିସେମ୍ବର ୨୦ ତାରିଖରେ ୧ମରୁ ୧୨ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ ।ଗୋଣ୍ଡା ଏବଂ ସମ୍ବଲରେ, ଡିସେମ୍ବର ୧୯ ଓ ୨୦ ତାରିଖରେ ସ୍କୁଲଗୁଡ଼ିକରେ ଛୁଟି ଘୋଷଣା କରାଯାଇଛି ।

## କୁଚବେହାର ଟ୍ରଫି
## ଓଡ଼ିଶା-ହିମାଚଳ ପ୍ରଦେଶ ମ୍ୟାଚ୍ ଡ୍ର

**ବଲାଙ୍ଗିର,୧୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଚାରି ଦିବସୀୟ କୁଚ ବେହାର ଟ୍ରଫି କ୍ରିକେଟର ଆଜି ଅନ୍ତିମ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ।




ପୂର୍ବ ଦିନର ଅସମାପ୍ତ ଖେଳ ୩ ୱିକେଟ ୨୧୨ ରନ୍‌ରୁ ଆରମ୍ଭ କରି ସମୁଦାୟ ୩୪୨ ରନ୍ ସଂଗ୍ରହ ପୂର୍ବକ ହିମାଚଳ ପ୍ରଦେଶ ଦଳ ନିଜର ସମସ୍ତ ୱିକେଟ ହରାଇଥିଲା । ଓଡିଶା ଦଳ ତରଫରୁ ସଫଳ ବୋଲର ଭାବେ ସୟେଦ ଟଫେଲ ଅହମ୍ମଦ ସର୍ବାଧିକ ୬ ଗୋଟି ୱିକେଟ ଓ ପ୍ରୀୟାଂଶୁ ମହାନ୍ତି ୨ ଗୋଟି ୱିକେଟ ଅକ୍ତିୟାର କରିଥିଲେ । ଫଳତଃ ଓଡିଶାକୁ ବିଜୟୀ ହେବା ପାଇଁ ୧୬୫ ରନ୍ ସଂଗ୍ରହର ଆବଶ୍ୟକତା ଥିଲା । ହେଲେ ଉଭୟ ଦଳର କ୍ୟାପଟେନ୍ ପରସ୍ପର ଆଲୋଚନା ପୂର୍ବକ ଖେଳ ଆଗକୁ ଜାରି ନ ରଖିବା ପାଇଁ ନିଷ୍ପତ୍ତି ନେଇ ଅମ୍ପେୟାରଙ୍କୁ ଜଣାଇଥିଲେ । ବିଚାର ବିମର୍ଶ ପରେ ମ୍ୟାଚର ଫଳାଫଳ ଅମିମାଂସୀତ ଘୋଷିତ ହେଲା । ପ୍ରଥମ ଇନିଂସ ଅଗ୍ରଣୀ ଯୋଗୁଁ ଓଡିଶାକୁ ୩ ପଏଣ୍ଟ ଓ ହିମାଚଳ ପ୍ରଦେଶକୁ ୧ ପଏଣ୍ଟ ମିଳିଛି ।

ଆଜି କ୍ରୀଡା ସଂସଦ ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଫୁଟବଲ ସଂପାଦକ ଶରତ ନନ୍ଦ, କ୍ରୀଡା ସଂପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଟ, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ମିଶ୍ର, କୋଚ ଅରୁଣ କୁମାର ନାୟକ, ପୃଥ୍ୱୀରାଜ ମିଶ୍ର, ସୂର୍ଯ୍ୟ ମିଶ୍ର, ଚେତନାନନ୍ଦ ପଣ୍ଡା, ଶ୍ରୀକାନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ ପ୍ରମୁଖ ଷ୍ଟଡିୟମ ରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

## ସୁସ୍ଥ ଗଣତନ୍ତ୍ର ଲାଗି ସାମ୍ବାଦିକଙ୍କ ସତର୍କତା ଜରୁରୀ: ବିଜୟ ମହାପାତ୍ର

**କେନ୍ଦ୍ରାପଡ଼ା,୧୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜର ବିଭିନ୍ନ କ୍ଷେତ୍ରରେ ସକରାତ୍ମକ ପରିବର୍ତ୍ତନ ଗଣମାଧ୍ୟମ ଆଣିଥାଏ । ରାଜ୍ୟରେ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମଗ୍ରୀକ ବିକାଶ ପ୍ରତି ସବୁବେଳେ ସାମ୍ବାଦିକ ମାନେ ସଚେତନ ଓ ସତର୍କ ରହିବା ଆବଶ୍ୟକ ବୋଲି ବରିଷ୍ଠ ଜନନେତା ବିଜୟ ମହାପାତ୍ର କହିଛନ୍ତି । ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) କେନ୍ଦ୍ରାପଡା ଜିଲା ଶାଖା ର ବାର୍ଷିକ ଉତ୍ସବ ଓ ପ୍ରାନ୍ତୀୟ ସମାବେଶରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଶ୍ରୀମହାପାତ୍ର ଆହୁରି କହିଥିଲେ ସାମ୍ବାଦିକମାନଙ୍କ ପ୍ରତି ଅନେକ ଆହ୍ୱାନ ରହିଛି । ସେମାନଙ୍କ ସୁରକ୍ଷା ଓ ଆର୍ଥୀକ ଆବଶ୍ୟକତା ନେଇ ଆଜିବି ପ୍ରଶ୍ନ ରହିଛି । ଏଥିପ୍ରତି ସରକାର ସମ୍ବେଦନଶୀଳ ହେବା ଆବଶ୍ୟକ । ତେବେ ଲୋକେ ରାଜନେତାମାନଙ୍କ ଅପେକ୍ଷା ସାମ୍ବାଦିକମାନଙ୍କଠାରୁ ଯେଉଁ ପ୍ରତିବଦ୍ଧତା ଓ ଉତ୍ତରଦାୟିତ୍ୱ ଆଶା ରଖିଥାନ୍ତି ସେଥିରୁ କେହି ଦୂରେଇ ଯିବା ଉଚିତ ନୁହେଁ । ଜିଲାର ଚାନ୍ଦୋଳସ୍ଥିତ ଆଦିଶ୍ରୀ କଟେଜ ଠାରେ ଅନୁଷ୍ଠିତ ଏହି ସମାବେଶରେ ସମ୍ମାନୀତ ଅତିଥି ଭାବେ ନିଜର ବକ୍ତବ୍ୟ ରଖି ବିଧାୟକ ଗଣେଶ୍ୱର ବେହେରା କହିଥିଲେ ସାମ୍ବାଦିକ ମାନଙ୍କ ସମସ୍ୟା ପ୍ରତି ସମସ୍ତେ ସଚେତନ । ଏଥିପାଇଁ ସବୁ ସ୍ତରରେ ସେ ବ୍ୟକ୍ତିଗତ ଭାବେ ପ୍ରୟାସ କରିବାକୁ ପ୍ରତିଶ୍ରୁତିବଦ୍ଧ । ତେବେ ସାମ୍ବାଦିକମାନେ ବସ୍ତୁ ନିଷ୍ଠ ଓ ସତ୍ୟନିଷ୍ଠ ହୋଇ ଅନ୍ତରାତ୍ମାର ସ୍ୱର ଅନୁଯାୟୀ ଖବର ପରିବେଷଣ କଲେ ସମାଜ ଠିକଣା ମାର୍ଗରେ ଆଗକୁ ବଢିପାରିବ । ଏଥିରେ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ପ୍ରଦାନ କରି ବରିଷ୍ଠ ତଥା ଅନୁଭବୀ ସାମ୍ବାଦିକ ନବୀନ ଦାସ କହିଥିଲେ ଗଣମାଧ୍ୟମକୁ ସବୁବେଳେ ଚାପ ଓ ଆକ୍ରୋଶର ଶୀକାର ହୋଇବାକୁ ପଡ଼ିଥାଏ । ତେବେ ବ୍ୟକ୍ତିଗତ ସ୍ୱାର୍ଥ ଠାରୁ ଉର୍ଦ୍ଧ୍ୱରେ ରହି ତଥ୍ୟନିଷ୍ଠ ଓ ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କଲେ ସମସ୍ତ ଚାପ ଓ ଆକ୍ରୋଶକୁ କାଟି ଆଜି ନହେଲେ କାଲି ଆଗକୁ ବଢିବାକୁ କେହି ରୋକି ପାରିବେନି । ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏସୟୁଜେ ରାଜ୍ୟ ସଭାପତି ନାୟକ ସାମ୍ବାଦିକମାନଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ସକ୍ରୀୟ ସହଯୋଗ କାମନା କରିଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଏବଂ ସମାଜ ସେବା କ୍ଷେତ୍ରରେ ଲୋକାଦୃତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଗଣେଷ ଚନ୍ଦ୍ର ସାମଲ, ଯୁବ ସମ୍ବାଦିକ ପ୍ରସନ୍ନ କୁମାର ଧଳ, ସମାଜସେବୀ ସୌଭାଗ୍ୟ ପରିଡା,ପ୍ରତାପ ଚନ୍ଦ୍ର ଦାସ, ସମୀର ନାୟକ, ଜ୍ୟୋସ୍ନାରାଣୀ ପରିଡା, ଦେବେନ୍ଦ୍ର କୁମାର ପୃଷ୍ଟି, ସୁଜୟ କୁମାର ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ବାରିକଙ୍କୁ ଏସୟୁଜେ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଜିଲା ସଭାପତି ଦଇତାରୀ ଜେନା ସ୍ୱାଗତ ଭାଷଣ ଓ ଉପସଭାପତି ଅସିତ କୁମାର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବରିଷ୍ଠ ସଦସ୍ୟ ବ୍ରଜବନ୍ଧୁ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାବେଶକୁ କେନ୍ଦ୍ରାପଡା ଜିଲା ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ ।

## ବିଜୁପକ୍କାଘର ପାଇଁ ୧୦ହଜାର ଦେଇ ୧୦ ବର୍ଷ ହେଲା ଫେଲ୍ !

**ମାର୍ଶାଘାଇ,୧୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତ ରାଏଚାନ୍ଦ ଗ୍ରାମର ଭିନ୍ନକ୍ଷମ ଅସହାୟ ବାବାଜୀ ଦାସ(୫୫)ଙ୍କ ନିକଟରୁ ପୂର୍ବତନ ସରପଞ୍ଚ ୨୦୧୬ ମସିହାରେ ବିଜୁ ପକ୍କାଘର କରାଇବାକୁ ପ୍ରତିଶୃତି ଦେଇ ୧୦ହଜାର ଟଙ୍କା ନେଇଥିଲେ ମଧ୍ୟ ଏହା ମଧ୍ୟରେ ୧୦ବର୍ଷ ବତିବାକୁ ବସିଥିବା ବେଳେ ବିଜୁ ପକ୍କାଘର ମିଳିଲା ନାହିଁ । ବାବାଜୀ ଏହି ଅର୍ଥ କରଜସୂତ୍ରରେ ଆଣି ଦେଇଥିଲେ । ଏନେଇ ବାବାଜୀ ପକ୍କାଘରେ ମୁଣ୍ଡଗୁଞ୍ଜିବାକୁ ୧୦ହଜାର ଦେଇ ୫ବର୍ଷକାଳ ସରପଞ୍ଚ ଙ୍କ ସ୍ୱାମୀ ତଥା ପ୍ରତିନିଧିଙ୍କ ଘରକୁ ଦୌଡ଼ିଦୌଡ଼ି ବିଜୁ ପକ୍କାଘର ମିଳିଲା ନାହିଁ । ସରପଞ୍ଚଙ୍କ କାର୍ଯ୍ୟାକାଳ ଶେଷ ହେବାପରେ ତାଙ୍କୁ ୧୦ହଜାର ଅର୍ଥ ଫେରାଇବାକୁ କହିଥିଲେ । ୧୦ହଜାର ଅର୍ଥ ଆଜିଦେବ କାଲି ଦେବା କହି ଶେଷରେ ଡ଼ିସେମ୍ବର ୧୦ତାରିଖରେ ଦେବାକୁ ପ୍ରତିଶୃତିଦେଇ ନିରାଶ କରିବା ପରେ ବାବାଜୀ ଓ ତାଙ୍କ ପତ୍ନୀ ମିଶି ଟଙ୍କା ପାଇଁ ତାଙ୍କ ଘରକୁ ଯାଇଥିଲେ । ପୂର୍ବତନ ସରପଞ୍ଚ ଓ ତାଙ୍କ ସ୍ୱାମୀ ପୂର୍ବତନ ସମିତିସଭ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହାର ପ୍ରତିବାଦକରିବାରୁ ବାବାଜୀଙ୍କୁ ତଣ୍ଟିଆମାରି ଘରୁ ତଡ଼ିଦେଇଥିଲେ ବୋଲି ବାବାଜୀ କୁଦାନଗରୀ ଥାନାର ଦାରସ୍ଥ ହୋଇଛନ୍ତି ।

## ଆଳିରେ ମୋଦୀ ଓ ଅମିତ ଶାହାଙ୍କ କୁଶପୁତଳିକା ଦାହ

**ଆଳି,୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନେସନାଲ ହେରାଲଡ ମାମଲାରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କର ନୈତିକ ବିଜୟ ଓ ବିଜେପି ଦଳର ମିଥ୍ୟା ଅଭିଯୋଗର ବିରୁଦ୍ଧରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ତରଫରୁ ମୋଦୀ ଓ ଅମିତ ଶାହାଙ୍କ କୁଶପୁତଳିକା ଦାହ ଆଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଳି ଓ ରାଜକନିକା ବ୍ଲକର ଶତାଧିକ କଂଗ୍ରେସ କର୍ମୀଙ୍କ ସହିତ ଆଳି ଓ କନିକା ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା ଓ ମଙ୍ଗୁଳି ଚରଣ ବେହେରା, ପିସିସି ସଭ୍ୟ ବାବୁରାମ ଜେନା, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ପ୍ରମିଳା ସାହୁ, ରଂଗଲାଲ ମଲିକ, ସତ୍ୟବ୍ରତ ପରିଡା, ଉମେଶ ପରିଡା, ଜୋନ୍ ସଭାପତି ଦର୍ପ ନାରାୟଣ ସାହୁ, ଅଭିରାମ ବିଶ୍ୱାଳ, ପ୍ରମୋଦ ପତି, ଚିରଞ୍ଜିବୀ ପଲାଇ, ପୂର୍ବତନ ସରପଞ୍ଚ ସନ୍ତୋଷ ମଲିକ, ସରପଞ୍ଚ ପ୍ରତିନିଧି ଶେଖ ସୋପାନ, ସଂଗ୍ରାମ ସାମଲ, ସୈଭାଗ୍ୟ ପରିଡା, ମଳୟ ପରିଡା, ରଜନୀକାନ୍ତ ସାହୁ, ରାକେଶ କୁମାର ଦାସ, ଆନ ପୃଷ୍ଟି, ଅକ୍ଷୟ ଦାସ ଓ ମୁନା ଦାସ ପ୍ରମୁଖ ଯୋଗ ଦେଇ ବିଭିନ୍ନ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତଳିକା ଦାହ କରିଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଦନ୍ତାର ଉପଦ୍ରବ...

ପାହାଡ ପାଦଦେଶରେ ଥିବା ବାଗେଇପୁର ଗ୍ରାମକୁ ପଶିଥିଲେ । ଖବର ପାଇ କୁପାରୀ ବନ କର୍ମଚାରୀମାନେ ତାଙ୍କୁ ଘଉଡ଼ାଇବା ଆରମ୍ଭ କରିଥିଲେ । ମାତ୍ର ଗୋଟେ ହାତୀ ପୁନର୍ବାର ଜଙ୍ଗଲ ଫେରିଯାଇଥିବା ବେଳେ ଆଉ ଗୋଟେ ଦନ୍ତା ହାତୀ ଫସଲ ବାଡ଼ ଆଦି ନଷ୍ଟ କରି ପାହାଡ଼ରୁ ୨୦ କିଲୋମିଟର ଦୂରରେ ଥିବା ଶୁଣ୍ଡୀରା ଗଣ୍ଡିବେଡ଼ ପଞ୍ଚାୟତ ଅଧୀନସ୍ଥ ନୂଆସାହି ପୂର୍ବପଡା ଗ୍ରାମର ସୁରେନ୍ଦ୍ର ପ୍ରସାଦ ଦାସଙ୍କ (୬୩) ଜୀବନ ନେଇଛି ।

ଶ୍ରୀ ଦାସ ସକାଳେ ଘର ପାଖରେ ଛିଡା ହୋଇଥିବାବେଳେ କିଛି ଲୋକମାନେ ହାତୀକୁ ଦେଖି ପାଟି କରିବାରୁ ସେ ବୁଲି ଯାଇ ତାଙ୍କୁ ତଳେ ପକାଇ ଦଳି ଦେଇଥିଲା । ଗ୍ରାମବାସୀମାନେ ଘଉଡ଼ାଇବାରୁ ହାତୀଟି ପଳାଇଥିଲା । ତୁରନ୍ତ ଘରଲୋକମାନେ ସୁରେନ୍ଦ୍ରଙ୍କୁ ଉଠାଇ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । କୁପାରୀ ଓ ଔପଦା ବନ କର୍ମଚାରୀ ହାତୀକୁ କାବୁ କରିବାକୁ ପ୍ରୟାସ ଚଳାଇଥିବା ବେଳେ ଉପରିସ୍ଥ ଅଧିକାରୀଙ୍କ ଖାମଖିଆଲିଆ ନୀତି ଯୋଗୁଁ ଜୀବନ ଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

### ବନ୍ଧୁମିଳନ ନାଁରେ...

ଯୁବ ନେତୃତ୍ୱଙ୍କୁ ନେଇ ଗୋଟେ ନୂଆ ସମୀକରଣ ଆରମ୍ଭ ହେବ ବୋଲି ସେ କହିଛନ୍ତି । ସେହିପରି ପୂର୍ବତନ ବିଧାୟକ ମହିଧର ରଣା କହିଛନ୍ତି ଯେ ଏହି ବନ୍ଧୁମିଳନ ଦ୍ୱାରା ସଙ୍ଗଠନ ଆହୁରି ସୁଦୃଢ଼ ହେବ ।

ସେହିଭଳି କିଶୋର ତରାଇ କହିଛନ୍ତି ଯୁବବର୍ଗଙ୍କୁ ନେଇ ଏକ ଭୋଜିରେ ଆୟୋଜନ ହୋଇଛି । ଦଳକୁ ଆଗେଇ ନେବା ପାଇଁ ଯେଉଁ ନେତୃତ୍ୱ ଦରକାର ସେ ଯଦି ନିଜେ ଅଲଗା ଲୋକଙ୍କ ହାତରେ ଟେକି ଦେଇ ନିଜେ ବସିଯିବେ ତେଣୁ ଯାହା ପରିସ୍ଥିତି ହେବା କଥା ହେବ । ସେଥିପାଇଁ ପଞ୍ଚାୟତ ସ୍ତରରେ ନେତା ଦଳ ଛାଡୁଛନ୍ତି । ତାକୁ ରୋକିବା ପାଇଁ ଏହି ବୈଠକରେ ଆଲୋଚନା ହେଉଛି । କାହା ନା ନେବା ପାଇଁ ଚାହୁଁନଥିବା ସେ କହିଥିଲେ । ୨୦୨୪ରେ ଦଳ ପାଇଁ ଦୁର୍ଦ୍ଦିନ ଆସିଲା କାହିଁକି ? ଖମାଖିଆଲି ଭାବେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଯେଉଁମାନେ ଆମ ଦଳର ନଥିଲେ ସେମାନଙ୍କୁ ଆଣି ଟିକେଟ ଦେବା । ଦଳର ଅସୁବିଧା ସମୟରେ ଯେଉଁମାନେ ମାଡ଼ ଖାଇ, ଗାଳି ଖାଇ ଦଳ ପାଇଁ ଆଗକୁ ଯାଇଥିଲେ ତାଙ୍କୁ ଅବହେଳା କରିବାରୁ ସାଧାରଣ ଲୋକମାନେ ଦଳ ଉପରେ କ୍ଷୁବ୍ଧ ହେଲେ । ବିଭିନ୍ନ ସ୍ଥାନରେ ଦଳ ପରାଜୟ ବରଣ କଲା ।

ଅନ୍ୟପକ୍ଷରେ ବିଜେଡି ନେତାଙ୍କ ଏହି ମେଳିକୁ ନେଇ ସାମ୍ବାଦିକ ପ୍ରଶ୍ନ ପଚାରିବାରୁ ଚିହିଁକି ଉଠିଥିଲେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ।

### ମହୁଆଙ୍କୁ ହାଇକୋର୍ଟରୁ...

ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟାରେ ସ୍ପଷ୍ଟ ସମସ୍ୟା ରହିଛି । ସେ ଲୋକପାଳ ଓ ଲୋକାୟୁକ୍ତ ଧାରା ୨୦(୭) ଉଦାହରଣ ଦେଇ କହିଛନ୍ତି ଯେ ଏହା ଅନୁସାରେ ମଞ୍ଜୁରୀ ଦେବା ପୂର୍ବରୁ ଲୋକସେବକଙ୍କ ରାୟ ନେବା ଅନିବାର୍ଯ୍ୟ । ତେବେ ସିବିଆଇ ଏହି ଆବେଦନକୁ ବିରୋଧ କରି କହିଛି ଯେ ଲୋକପାଳଙ୍କ କାର୍ଯ୍ୟାନୁଷ୍ଠାନରେ ମୋଇତ୍ରାଙ୍କୁ କାଗଜପତ୍ର ଉପସ୍ଥାପନ କରିବାର କୌଣସି ଅଧିକାର ନାହିଁ ଓ ତାଙ୍କର କେବଳ ଟିପ୍ପଣୀ ଦେବାର ଅଧିକାର ରହିଛି, ଏପରିକି ମୌଖିକ ଶୁଣାଣିର ମଧ୍ୟ ଅଧିକାର ନାହିଁ । ତେବେ ମୋଇତ୍ରା ସିବିଆଇଙ୍କୁ ମଞ୍ଜୁରୀ ଆଦେଶ ଅନୁସରଣରେ କୌଣସି ପଦକ୍ଷେପ ନେବାକୁ ଅଟକାଇବା ପାଇଁ ନିବେଦନ କରିଛନ୍ତି । ଏଥିରେ ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନ ଲମ୍ବିତ ଥିବା ବେଳେ କୌଣସି ପ୍ରକାରର ଚାର୍ଜସିଟ୍ ଦାଖଲ କରିବା ମଧ୍ୟ ସାମିଲ । ତେବେ ଏହା କେବଳ ଏତିକିରେ ସୀମିତ ନାହିଁ ।

ସିବିଆଇ ଗତ ଜୁଲାଇରେ ମୋଇତ୍ରା ଓ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀ ସମ୍ପର୍କିତ କଥିତ କ୍ୟାସ-ଫର-କ୍ୱେରୀ ଦୁର୍ନୀତି ମାମଲାରେ ଲୋକପାଳଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଥିଲା । ଏଜେନ୍ସୀ ଲୋକପାଳଙ୍କ ଅନୁରୋଧକ୍ରମେ ଭ୍ରଷ୍ଟାଚାର ନିବାରଣ ଅଧିନିୟମର ଧାରାରେ ଉଭୟଙ୍କ ବିରୋଧରେ ୨୧ ମାର୍ଚ୍ଚ ୨୦୨୪ରେ ଏଫଆଇଆର ରୁଜୁ କରିଥିଲା । ଏଥିରେ ଅଭିଯୋଗ କରାଯାଇଥିଲା ଯେ ମୋଇତ୍ରା ଦୁର୍ନୀତିରେ ଲିପ୍ତ ହେବା ପାଇଁ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ଓ ଅନ୍ୟ ଅନୁଚିତ ଲାଭ ନେଇଛନ୍ତି । ଏଥିରେ ସେ ତାଙ୍କର ସଂସଦୀୟ ବିଶେଷାଧିକାର ସହ ବୁଝାମଣା କରିବା ଓ ତାଙ୍କ ଲୋକସଭା ଲଗିନ କ୍ରିଡେନ୍ସିଆଲ ସେୟାର କରି ରାଷ୍ଟ୍ରୀୟ ସୁରକ୍ଷାକୁ ବିପଦରେ ପକାଇବା ସାମିଲ ଥିଲା । ଅଧିକାରୀଙ୍କ ଅନୁସାରେ ସିବିଆଇ ଏହି ମାମଲାରେ ନିଜର ଯାଞ୍ଚ ରିପୋର୍ଟ ଲୋକପାଳଙ୍କୁ ପ୍ରଦାନ କରିଛନ୍ତି ଓ ଲୋକପାଳ ଏହି ମାମଲାରେ ପରିବର୍ତ୍ତି କାର୍ଯ୍ୟାପନ୍ଥା ଅନୁସରଣ କରିବେ ।

### ଟି-୨୦ ସିରିଜ୍...

ପ୍ରଥମ ଶିକାର ହୋଇଥିଲେ ଅଭିଷେକ ଶର୍ମା । ସେ ୨୧ଟି ବଲ୍ ଖେଳି ୩୪ ରନ୍ ସଂଗ୍ରହ କରିଥିଲେ । ଏଥିରେ ୬ଟି ଚୌକା ଓ ଗୋଟିଏ ଛକା ସାମିଲ ଥିଲା । ଭାରତ ଦ୍ୱିତୀୟ ୱିକେଟ୍ ଭାବେ ସଂଜୁ ସାମସନ୍‌ଙ୍କୁ ହରାଇଥିଲା, ଯିଏକି ବ୍ୟକ୍ତିଗତ ଭାବେ ୩୭ ରନ୍ ସଂଗ୍ରହ କରିଥିଲେ । ସେ ୨୨ଟି ବଲ୍ ଖେଳି ୪ଟି ଚୌକା ଓ ୨ଟି ଛକା ମାରିଥିଲେ । ସୂର୍ଯ୍ୟକୁମାର ଯାଦବ ତୃତୀୟ ୱିକେଟ୍ ଭାବେ ଆଉଟ୍ ହୋଇଥିଲେ । ସେ ୭ଟି ବଲ୍ ଖେଳି ସହାୟତାରେ ୫ ରନ୍ ସଂଗ୍ରହ କରିଥିଲେ ।

### କାଲି ବିଜେପି...

ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ପ୍ରସଙ୍ଗରେ ନିକଟରେ ଶେଷ ହୋଇଥିବା ବିଧାନସଭା ଅଧିବେଶନରେ ଏକ ବିଧେୟକ ଗୃହୀତ ହୋଇଥିଲା । ଏ ସମ୍ବନ୍ଧରେ ବିଧାୟକମାନଙ୍କର ଏକ ବୈଠକ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିଥିଲା । ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ସେ ସୂଚାଇ ଥିଲେ ।

ମିଳିଥିବା ସୂଚନା ଅନୁଯାୟୀ ବିଧାନସଭାରେ ପାରିତ ହୋଇଥିବା ତିନିଟି ବିଲ୍ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ଏ ଯାଏଁ ଯାଇନାହିଁ । ତେଣୁ ସରକାର ବିଲ୍ ତିନିଟି ଆଉ ନପଠାଇବାର ସମ୍ଭାବନା ରହିଛି । ଯଦି ବି ରାଜ୍ୟପାଳଙ୍କ ପାଖକୁ ଯାଏ, ତେବେ ରାଜ୍ୟପାଳ ବିଲଟିକୁ ପୁନର୍ବିଚାର ପାଇଁ ଫେରାଇଦେବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ବିଲ୍ ଉପରେ ସଂଶୋଧନ କରାଯାଇ ଦରମା ପରିମାଣ କମାଯିବ, ତେବେ ବଜେଟ ଅଧିବେଶନରେ ସଂଶୋଧନ ପ୍ରସ୍ତାବ ଆସିପାରେ । ଏ ସମ୍ପର୍କରେ ସରକାରୀ ଭାବେ କିଛି ସ୍ପଷ୍ଟ ସୂଚନା ଏଯାଏ ମିଳିନାହିଁ ।

### ଗୋଡ଼ ମାରି...

ରାସ୍ତାର କୌଣସି ସ୍ଥାନରେ ସୂଚନା ଫଳକଟିଏ ଲଗାଯାଇନାହିଁ । ତରପଦା ଗାଁ ନିକଟ ରାସ୍ତାରେ ହେଉଥିବା ପିଚୁ କାମ ୨୦ଇଂଚ କାର୍ପେଟ ସହ ୫ଇଂଚର ସିଲକୋଟରେ କରାଯିବାର ନିୟମ ରହିଛି । ମାତ୍ର କେବଳ ୫/୬ଇଂଚର ସିଲକୋଟରେ କାମ କରାଯାଉଥିବା ଦେଖିବାକୁ ମିଳିଛି । ଯାହାକୁ ଗୋଡ ମାରିଲେ ପିଚୁ ଉଠି ଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଦେବଦତ୍ତ ରାଉତ ଓ ବଳରାମ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି । ମାତ୍ର ଯନ୍ତ୍ରୀମାନେ ଅନୁପସ୍ଥିତ ରହି ଦଲାଲଙ୍କ ଜରିଆରେ ଠିକାଦାରଙ୍କ ସହିତ ଅଲିଖିତ ଚୁକ୍ତିକରି କେବଳ ସିଲକୋଟରେ କାମ କରାଉଥିବା ଅଭିଯୋଗ ହୋଇଥିଲା । ନିମ୍ନମାନର କାମକୁ ନେଇ ତରପଦା, ମଙ୍ଗରାଜପୁର, ଧନେଶ୍ୱର, ଗୁଲୁଦିଆ ଓ ଚଣ୍ଡିଆପଲ୍ଲୀ ଗାଁ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳକୁ ଯିବା ପରେ ସତ୍ୟ ପଦାକୁ ଆସିଛି । ଏହି ରାସ୍ତା ସହିତ ଅନ୍ୟ ସ୍ଥାନରେ ହୋଇଥିବା କାମଗୁଡିକର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଦୁର୍ନିତୀ ପର୍ଦ୍ଦାଫାସ ହେବ ବୋଲି ସାଧାରଣରେ ଦାବୀ ହେଉଛି । ଏନେଇ କନିଷ୍ଠ ଯନ୍ତ୍ରୀ ଇଂ ବେହେରାଙ୍କୁ ରାସ୍ତା ମରାମତି ପାଇଁ କେତେ ଅନୁଦାନ ଆସିଛି ବୋଲି ଜାଣିବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ ।

### କେନ୍ଦ୍ରାପଡ଼ା ଜିଲ୍ଲାରେ...

ଜିଲ୍ଲା ପାର୍ଶ୍ୱରେ ରହିଛି ସେଠି ଖୋଦ୍ ସ୍ଥାନୀୟ ପୋଲିସଙ୍କ ତତ୍ତ୍ୱାବଧାନତାରେ ବାଲି ଉଠୁଥିବା ଅଭିଯୋଗ ହୋଇ ଆସୁଛି । ଜିଲ୍ଲାରେ ମୋଟ ୨୯ଟି ବାଲି ସୈରାତ ଉତ୍ସ ମଧ୍ୟରୁ କେବଳ ୪ ଗୋଟି ବାଲି ସୈରାତ ଉତ୍ସ ଆଇନଗତ ଭାବରେ କାର୍ଯ୍ୟ କରୁଛି । ହେଲେ ଜିଲ୍ଲାବ୍ୟାପୀ ସ୍ୱଷ୍ଟ ଦିବାଲୋକରେ ବହୁ ସ୍ଥାନରେ ପାଇପ୍ ଯୋଗେ ବାଲି ଖୋଳାଯାଇ ଚାଲାଣ ହେଉଛି । ଜିଲ୍ଲାରେ ଖଣି ବିଭାଗ, ପ୍ରଶାସନ, ପୋଲିସ, ବିଭିନ୍ନ ଅଂଚଳର କେତେକ ସ୍ଥାନୀୟ ନେତା ଓ ଅସାମାଜିକ ତତ୍ତ୍ୱ ଏକାଠି ହୋଇଯିବା ଫଳରେ ବିଭିନ୍ନ ନଦୀର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ଥାନରୁ ପୂର୍ବପରି ବେଆଇନ ଭାବେ ବାଲି ଉଠୁଛି । ଏହା ଦ୍ୱାରା କୋଟି କୋଟି ଟଙ୍କାର ବାଲି ଲୁଟ୍ ଚାଲିଛି । ଯାହାକୁ ଦେଖି କେନ୍ଦ୍ରାପଡ଼ାରେ ଏଭଳି ଅରାଜକତା କେବେ ଦେଖାଯାଇନଥିଲା ବୋଲି ସଚେତନ ଲୋକେ ମତବ୍ୟକ୍ତ କରୁଛନ୍ତି ।

## ରାଜନଗରରେ ଶିଶୁଙ୍କ ସହ ମା' ମୃତ୍ୟୁର ତଦନ୍ତ କେବେ ?

**ରାଜନଗର,୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଗର୍ଭବତୀ, ପ୍ରସୂତୀ ଓ ନବଜାତ ଶିଶୁମାନଙ୍କ ପାଇଁ ତୃଣମୂଳସ୍ତରରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି । ଅଙ୍ଗନବାଡି କେନ୍ଦ୍ରରୁ ପୃଷ୍ଟିକର ଖାଦ୍ୟ ପ୍ରଦାନ ସହ ଗ୍ରାମାଂଚଳରେ ଖୋଲାଯାଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପସ୍ୱାସ୍ଥ୍ୟକେନ୍ଦ୍ର) ଅଧିନରେ କାର୍ଯ୍ୟରତ ସିଏଚଓ, ଏଏନଏମ ଓ ଆଶାମାନେ ଗର୍ବବତୀ, ପ୍ରସୂତୀ ଓ ନବଜାତ ଶିଶୁମାନଙ୍କର ଚିକିତ୍ସା କରାଇ ମାତୃ ଓ ଶିଶୁ ମୃତ୍ୟୁହାରକୁ ରୋକିବାର ବ୍ୟବସ୍ଥା କରାଯାଇଛି । ଅଥଚ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଗାଁଗୁଡିକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ହେଉଛି । ଚଳିତ ବର୍ଷ ସେପ୍ଟେମ୍ବର ମାସରେ ତିନିଜଣ ନବଜାତ ଶିଶୁ ଓ ଦୁଇଜଣ ଆସନ୍ନ ପ୍ରସବା(ପ୍ରସୂତୀ)ମହିଳା ଏବଂ ନଭେମ୍ବର ମାସରେ ଜଣେ ପ୍ରସୂତୀ ମହିଳାଙ୍କର ମୃତ୍ୟୁ ହେବା ଘଟଣା ସ୍ୱାସ୍ଥ୍ୟବିଭାଗର ବିପର୍ଯ୍ୟସ୍ତ ଅବସ୍ଥାକୁ ପଦାରେ ପକାଇଛି । ସେପ୍ଟେମ୍ବର ମାସରେ ଏହି ବ୍ଲକର ରଙ୍ଗଣୀ ପଚାଂୟତ ଭେକ୍ଟା ଗାଁର ଜଣେ ଆସନ୍ନ ପ୍ରସବା ମହିଳାଙ୍କ ସହ ନବଜାତ ଶିଶୁ, ସାତଭାୟା ଥଇଥାନସ୍ଥଳୀର ମା ସହ ନବଜାତ ଶିଶୁପୁତ୍ରର ମୃତ୍ୟୁ ହୋଇଥିଲା । ଏତଦବ୍ୟତୀତ ଏହି ସେପ୍ଟେମ୍ବର ମାସ ୨୧ତାରିଖ ଦିନ ମହୁଲିଆ ପଚାଂୟତ ମାଣପଡା ଗ୍ରାମର ଜନୈକା ଆସନ୍ନ ପ୍ରସବା ମହିଳାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ପରେ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ଘରୋଇ ଆମ୍ବୁଲାନ୍ସ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବଦଳରେ ଘରୋଇ ହସ୍ପିଟାଲରେ ନେଇ ଭର୍ତ୍ତି କରାଇଥିଲେ । ସେଠାରେ ନବଜାତ ଶିଶୁପୁତ୍ର ମୃତ୍ୟୁ ହୋଇଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ଗୋଟିଏ ମାସ ପରେ ନଭେମ୍ବର ମାସ ୨୧ତାରିଖ ଦିନ ଏହି ବ୍ଲକ ଚାନ୍ଦିବାଉଁଶମୂଳ ପଚାଂୟତ ବଡକୋହ୍ଲ ଗ୍ରାମର ଜଣେ ଗର୍ଭବତୀ ମହିଳା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ କେନ୍ଦ୍ରାପଡା ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ । ୨୨ତାରିଖରେ ସେଠାରେ ତାଙ୍କର ନବଜାତ ଶିଶୁ କନ୍ୟା ଜନ୍ମ ହୋଇଥିଲା । ପ୍ରସୂତୀ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଚିକିତ୍ସିତ ହେଉଥିବା ଅବସ୍ଥାରେ ୨୯ତାରିଖ ଦିନ ମୃତ୍ୟୁବରଣ କରିଥିବା ଜଣାପଡିଛି । ସବୁଠାରୁ ବଡକଥା ହେଉଛି, ରାଜନଗର ବ୍ଲକରେ ତିନିମାସ ମଧ୍ୟରେ ତିନିଜଣ ମା'ଙ୍କ ସହ ତିନିଜଣ ଶିଶୁ ମୃତ୍ୟୁବରଣ କରିବା ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ମାତୃ ଓ ଶିଶୁ ମୃତ୍ୟୁ ଘଟଣାକୁ ଦିନ ପରେ ଦିନ ବିତି ଚାଲିଛି । ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ ନକରି ଚାପି ଦେବାକୁ ଉଦ୍ୟମ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । କାହିଁକି ଓ କେଉଁ ପରିସ୍ଥିତିରେ ପ୍ରସୂତୀ ମହିଳା ଓ ନବଜାତ ଶିଶୁ ମୃତ୍ୟୁବରଣ କରି ରାଜ୍ୟ ସରକାରଙ୍କୁ ବଦନାମ କରାଯାଉଛି ? ଗ୍ରାମାଂଚଳରେ ସ୍ୱାସ୍ଥ୍ୟସେବା ସହ ସଂପୃକ୍ତ କର୍ମଚାରୀମାନେ ନିଜ କର୍ତବ୍ୟରେ ଅବହେଳା କରୁଥିବାରୁ ଏଭଳି ହେଉଥିବା ଜଣା ପଡୁଥିଲେ ମଧ୍ୟ ତଦନ୍ତ ନହେବାରୁ ଦାୟୀ କର୍ମଚାରୀମାନେ ଖସି ଯାଉଛନ୍ତି । ମାତୃ ଓ ଶିଶୁ ମୃତ୍ୟୁ ଘଟଣାର କେବେ ତଦନ୍ତ ହେବ ଦେଖିବାକୁ ବାକି ରହିଲା । ଏସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମନୋରଂଜନ ରାଉତଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

## ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ଲାଗି ୯୩.୦୯ କୋଟିର ଅନୁଦାନ

**ଭୁବନେଶ୍ୱର,୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସଂଶୋଧିତ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଇନଫୋଭ୍ୟାଲି ଠାରେ ଏକ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ନିର୍ମାଣକୁ ମଞ୍ଜୁରି ମିଳିଛି । ଆଜି ରାଜ୍ୟସଭାରେ ଏହି ସୂଚନା ଦେଇ କହିଛନ୍ତି କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ । ସେ କହିଛନ୍ତି ଏହି ପ୍ରକଳ୍ପରେ ୨୦୦.୭୬ କୋଟି ଟଙ୍କା ଖର୍ଚ୍ଚ କରାଯିବ । ୨୦୩.୩୭ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ କେନ୍ଦ୍ର ସରକାର ୯୩.୦୯ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଦେବେ ।

ଏହି ପ୍ରକଳ୍ପରେ ୧୫୩୦ କୋଟି ଟଙ୍କାର ନିବେଶ ସହିତ ୩ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ଏହାବ୍ୟତୀତ ସେମିକନ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ୪ହଜାର ୩କୋଟିରୁ ଅଧିକ ଟଙ୍କା ବ୍ୟୟରେ ଓଡିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟକୁ ମଞ୍ଜୁରି ମିଳିଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି । ଏସବୁ କେନ୍ଦ୍ରରେ ନିର୍ମିତ ଚିପ୍ ଅଟୋମୋବାଇଲ, ମହାକାଶ, ପ୍ରତିରକ୍ଷା, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍‌ଟ୍ରୋନିକ୍ସ ଉପକରଣ ଆଦିରେ ଉପଯୋଗ କରାଯିବ । ସେହିପରି ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି (ଏନଆଇଇଏଲଆଇଟି) ଭୁବନେଶ୍ୱର ଏବଂ ବାଲେଶ୍ୱରେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି । ଏସବୁ କେନ୍ଦ୍ରରେ ୨୫ ହଜାରୁ ଅଧିକ ପ୍ରାର୍ଥୀଙ୍କୁ ତାଲିମ ଦିଆଯାଇଥିବା ଶ୍ରୀ ଜିତିନ ପ୍ରସାଦ କହିଛନ୍ତି ।

ଓଡିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍‌ଟ୍ରୋପ୍ରନର୍ ପାର୍କ ସ୍ଥାପନ କରାଯାଇଛି । ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଇଲେକ୍‌ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବା । ବର୍ତ୍ତମାନ ସୁଦ୍ଧା ଏଥିରେ ୩୭ଟି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି ।

ଏହାବ୍ୟତୀତ ଓଡିଶା ସରକାରଙ୍କ ସହଭାଗିତାରେ ଭର୍ଚୁଆଲ ଏବଂ ଏକ୍ସଟେଣ୍ଡେଡ୍ ରିୟଲିଟି ଉଦ୍ୟମିତା କେନ୍ଦ୍ର ସ୍ଥାପନ କରାଯାଇଛି ଯାହାର ଉଦ୍ଦେଶ୍ୟ ହେଉଛି ସୃଜନଶୀଳ ପ୍ରଯୁକ୍ତି କ୍ଷେତ୍ରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହନ ଦେବା । ଏବେ ସୁଦ୍ଧା ଏଥିରେ ୨୫ଟି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି । ସେହିପରି ଓଡିଶା ସରକାର, ବିପିୟୁଟି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ଉଦ୍ୟମିତା ପାଇଁ ଇଏମ୍ ଟେକ୍ ସେଣ୍ଟର୍ ସ୍ଥାପନ ବିକଶିତ କରାଯାଇଛି । ଏହା ଅଧୀନରେ ୨୯ଟି ଷ୍ଟାର୍ଟଅପ୍ ସାମିଲ୍ ହୋଇଛନ୍ତି ।

## ଅମିୟ ପିସିସି ସମବାୟ ପ୍ରକୋଷ୍ଠର ନୂଆ ଅଧକ୍ଷ

**ଭୁବନେଶ୍ୱର,୧୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଯୋଜକ ତଥା ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସମବାୟବିତ୍ ଅମିୟ କୁମାର ପଟ୍ଟନାୟକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ନୂତନ ଅଧକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଥିବା ପିସିସି ମିଡିଆ ସେଲର ଅଧକ୍ଷ ଅରବିନ୍ଦ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ପ୍ରକାଶ ଥାଉକି ଓଡିଶା ପ୍ରଦେଶ କଂଗ୍ରେସ କମିଟି ପରାମର୍ଶ କ୍ରମେ ନବନିଯୁକ୍ତ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗାମୀ ଦିନରେ ସମବାୟ ପ୍ରକୋଷ୍ଠର କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରୁ ତ୍ୱରାନ୍ୱିତ କରାଯିବା ସହିତ ପ୍ରତି ପଞ୍ଚାୟତସ୍ତରରୁ ସମବାୟବିତ୍ମାନଙ୍କୁ ଚିହ୍ନଟ କରାଯାଇ ସମବାୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଅଣାଯିବ ବୋଲି ଶ୍ରୀ ଦାସ ଜଣାଇଛନ୍ତି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ